


ବିବାହ ବନ୍ଧନରେ ସାମନ୍ଥା
▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-156 • TUESDAY • 2 DECEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୫୬ • ମଙ୍ଗଳବାର • ୨ ଡିସେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ଆରମ୍ଭରୁ ଏସ୍ଆଇଆର୍ ତାତି

## ପ୍ରଥମ ଦିନରେ ସଂସଦ ଅଚଳ

■ **ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି):** ଆଜି ଠାରୁ ଆରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ସରଗରମ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇ ରହିଥିବାରୁ ସଂସଦର ଉଭୟ ଗୃହ ପ୍ରଥମ ଦିନରୁ ଅଚଳ ହୋଇପଡ଼ିଛି। ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ବିରୋଧୀ ଦଳମାନେ ଦାବି କରିଥିବା ବେଳେ ସରକାର ତୁରନ୍ତ ଆଲୋଚନା ପାଇଁ ରାଜି ହେଉ ନାହାନ୍ତି। ବିରୋଧୀ ସଭ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳମାନେ ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଅଧ୍ୟକ୍ଷ ଏଥିପାଇଁ ଅନୁମତି ନଦେବାରୁ ସେମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। କିନ୍ତୁ ଏହି ଆଲୋଚନା ବିରୋଧୀଙ୍କ ସର୍ତ୍ତ ଅନୁଯାୟୀ ହେବ ନାହିଁ। ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କିଛି ବିରୋଧୀ ଦଳ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି। ଏଥିପାଇଁ ସମୟ ଦରକାର। କିନ୍ତୁ ତୁରନ୍ତ ଆଲୋଚନା ପାଇଁ ବିରୋଧୀଙ୍କ ଦାବି ଗ୍ରହଣଯୋଗ୍ୟ ନୁହେଁ। ଆଲୋଚନା କେବେ ହେବ ଏବଂ କେତେ ସମୟ ପାଇଁ ହେବ, ତାହା କେବଳ ଗୃହ ପରିଚାଳନା କମିଟି ସ୍ଥିର କରିବ। ଗୃହରେ ଆହୁରି ଅନେକ ପ୍ରସଙ୍ଗ ରହିଥିବାରୁ ତୁରନ୍ତ ଏସ୍ଆଇଆର୍ ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ରୋକଠୋକ୍ ଜଣାଇଦେଇଥିଲେ। ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ।



**ଆଲୋଚନା ପାଇଁ ସରକାର ରାଜି, କିନ୍ତୁ ବିରୋଧୀଙ୍କ ସର୍ତ୍ତରେ ନୁହେଁ: ମନ୍ତ୍ରୀ**

ବାଚସ୍ପତି ଓମ୍ ବିର୍ଲାଙ୍କ ତାଗିଦ ସତ୍ତ୍ୱେ ଲୋକସଭାରେ ବିରୋଧୀ ସଭ୍ୟମାନେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଜିଦ୍ ଧରିଥିଲେ। ଫଳରେ ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି। ତେବେ ଏହି ସମୟ ମଧ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତିନିଟି ବିଲ୍ ଆଗତ କରିଥିଲେ। ୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି।

ରାଜ୍ୟସଭାରେ ମଧ୍ୟ ଏସ୍ଆଇଆର୍ ପ୍ରସଙ୍ଗରେ ହଟ୍ଟଗୋଳ ହୋଇଥିଲା। ତେ ।।ବେ ଗୃହ ପ୍ରଥମେ ନବନିର୍ବାଚିତ ଉପରାଷ୍ଟ୍ରପତି ତଥା ଗୃହର ନୂଆ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ସବୁ ଦଳର ସଭ୍ୟମାନେ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିନକୁ ଐତିହାସିକ ବୋଲି କହିଥିଲେ। ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ▸ପୃଷ୍ଠା-୭

## 'ସକାଳ'ର ୫ମ ସ୍ୱନକ୍ଷତ୍ର ଦିବସ

# ୫ ସହରରେ ମିନି ମାରାଥନ୍: ଦୌଡ଼ିଲା ଓଡ଼ିଶା

■ **ଭୁବନେଶ୍ୱର, ୧।୧୨ (ସମିସ):** 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜଧାନୀ ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଜୟପୁର ଆଦି ୫ଟି ସ୍ଥାନରେ ଅନୁଷ୍ଠିତ ହୋଇଛି ମିନି ମାରାଥନ। ସକାଳ ୬ଟାରେ ରାଜ୍ୟର ୫ ସହରରେ ଏକ ସମୟରେ ଆରମ୍ଭ ହୋଇଥିବା ମିନି ମାରାଥନରେ ବିଭିନ୍ନ ବର୍ଗର ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଆରମ୍ଭ ହୋଇଥିବା ମିନି ମାରାଥନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଛି। ପ୍ରଥମ ଓଡ଼ିଆ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନିଷା ମହାନ୍ତି, ପ୍ରଥମ ଓଡ଼ିଆ ବିଶ୍ୱ ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଓଲିଉଡ ଅଭିନେତ୍ରୀ ପୁନମ୍ ମିଶ୍ର, ଅଭିନେତ୍ରୀ ଦେବଯାନୀ, ହିରୋ ମୋଟୋ କର୍ପ ଏରିଆ ମ୍ୟାନେଜର ଉଜ୍ଜ୍ୱଳ




କୋହଲି ପ୍ରମୁଖ ପତାକା ହଲାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ୫ବର୍ଷ ପୂର୍ବରୁ ଜନ୍ମ ନେଇଥିବା 'ସକାଳ' ଓ 'ନନ୍ଦିଘୋଷ ଟିଭି' ନିଚ୍ଛକ ଖବର ପ୍ରସାରଣ କରି କିଭଳି ଘରେ ଘରେ ପରିଚିତ ହୋଇପାରିଛି ଓ ▸ପୃଷ୍ଠା-୭

## ବାରବାଟୀ ଟି-୨୦ ଆଉ ୭ ଦିନ

# ୪୫ ମିନିଟରେ ସରିଗଲା ଅନ୍‌ଲାଇନ୍ ଟିକଟ

■ **କଟକ, ୧।୧୨ (ସମିସ):** ବାରବାଟୀ ଟି-୨୦କୁ ଆଉ ୭ଦି ବାକି ଥିବାବେଳେ ସୋମବାରଠାରୁ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ୪୫ ମିନିଟରେ ୨ହଜାର ଅନଲାଇନ ଟିକଟ ବୁକିଂ ହୋଇଗଲା। ଆଜି ଦିନ ଠିକ୍ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ୍‌ରେ ଟିକଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରୀ ଟିକଟଗୁଡିକ ବୁକିଂ ଶେଷ ହୋଇଯାଇଥିଲା। ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକଟ ଗୁଡିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନଲାଇନ୍‌ରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେସନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍ ▸ପୃଷ୍ଠା-୭



**୩ରେ ଟିକଟ କିଣିବେ ଅନୁବନ୍ଧିତ ୟୁନିଟ୍**

**୫ରେ ଖୋଲିବ ୫ଟି କାଉଣ୍ଟର; ମହିଳାଙ୍କ ନିମନ୍ତେ ଦୁଇଟି**

# ଡିଜିଟାଲ ଆରେଷ୍ଟ ମାମଲାର ତଦନ୍ତ କରିବ ସିବିଆଇ

## ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି):** 'ଡିଜିଟାଲ ଆରେଷ୍ଟ'କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଦ୍ରୁତ ଗତିରେ ବଢ଼ୁଥିବା ଏଭଳି ସାଇବର କ୍ରାଇମ ଉଦବେଗଜନକ ସ୍ଥିତି ସୃଷ୍ଟି କରିଥିବାରୁ ଏହାର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯାଞ୍ଚରେ ସିବିଆଇକୁ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଠକେଇରେ ବ୍ୟାଙ୍କରମାନଙ୍କ ଭୂମିକାର ମଧ୍ୟ ଯାଞ୍ଚ କରାଯିବ। ପ୍ରଥମ ଥର ପାଇଁ ସିବିଆଇ ଏଭଳି ମାମଲାର ଯାଞ୍ଚ କରିବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଏଜେନ୍ସିକୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଡିଜିଟାଲ ଆରେଷ୍ଟ ସମ୍ବନ୍ଧିତ ମାମଲାରେ ବ୍ୟାଙ୍କ ଅଧିକାରୀଙ୍କୁ ଜେରା ଏବଂ ଫୋନ ତଥ୍ୟ ▸ପୃଷ୍ଠା-୭

## ଯୋଜନା ବ୍ୟୟ ନୈରାଶ୍ୟଜନକ

# ୭ ମାସରେ ୩୯% ଖର୍ଚ୍ଚ

■ **ଭୁବନେଶ୍ୱର, ୧।୧୨ (ସମିସ):** ରାଜ୍ୟରେ ବିତ୍ତୀୟ ପରିଚାଳନାରେ ଦୁର୍ବଳତାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ସରକାରଙ୍କ ଉପରେ ପ୍ରଶ୍ନବାଚୀ ଉଠୁଥିବା ବେଳେ ଆଜି ଗୃହରେ ଏକ ତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିଥିବା ତଥ୍ୟ ରାଜ୍ୟର ଅର୍ଥନୀତିଜ୍ଞମାନଙ୍କୁ ନିରାଶ କରିଛି। ଗତ ୭ ମାସ ମଧ୍ୟରେ ଆର୍ଥିକ ବ୍ୟୟ ମାତ୍ର ୩୯% ରହିଥିବା ଓ ଆଗାମୀ ଦିନଗୁଡ଼ିକରେ ଯୋଜନା ବ୍ୟୟ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟରେ ଅଧିକ ୩ ପ୍ରତିଶତ ବ୍ୟୟ ହୋଇଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଟୁ ସମାଲୋଚନା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କେଇମାସ ବାକିଥିବା ବେଳେ ବଜେଟ ବରାଦ ପୂର୍ଣ୍ଣ ଖର୍ଚ୍ଚ ହୋଇ ନ ପାରିବା ଆଶଙ୍କା ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ମାସ ୭ ମାସରେ ବଜେଟ ଅର୍ଥ ବ୍ୟୟ ମାତ୍ର ୩୯ ପ୍ରତିଶତ ମଧ୍ୟରେ ରହିବାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଆର୍ଥିକ ବର୍ଷ ସରିବାକୁ ହାତରେ ମାତ୍ର ଆଉ ୫ ମାସ ସମୟ ଥିବା ବେଳେ ଆଉ ମାତ୍ର ୧୫ରୁ ୨୦ ପ୍ରତିଶତ ବ୍ୟୟ ସମ୍ଭାବନା ରହିଛି, ତେଣୁ ଡବଲ ଇଞ୍ଜିନ ଓଡ଼ିଶାରେ କାମ କରୁଛି ତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

**■ ଆର୍ଥିକ ପ୍ରଦର୍ଶନକୁ ନେଇ ବିରୋଧୀଙ୍କ କ୍ଷୋଭ**

**■ ୫ ମାସରେ ବ୍ୟୟ ହେବ ବଳକା ଅର୍ଥ: ମନ୍ତ୍ରୀ**

ସୋମବାର ପ୍ରଶ୍ନକାଳ ଆରମ୍ଭରେ ବଜେଟ ଅର୍ଥ ଖର୍ଚ୍ଚରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ। ସେ ▸ପୃଷ୍ଠା-୭



**ଦୁଇ ରାଜପଥର ସଂଯୋଗସ୍ଥଳରେ ରାସ୍ତାରୋକ**

**ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଅବରୋଧ**

## ସମ୍ବଲପୁରରେ ଧାନକିଣା ଅବ୍ୟବସ୍ଥା

# ଅର୍ଥନୈତିକ ଅବରୋଧ କଲେ ଚାଷୀ

■ **ସମ୍ବଲପୁର, ୧।୧୨ (ସମିସ):** ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ଏଯାଏଁ ଆରମ୍ଭ ହୋଇପାରିନାହିଁ। ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଭଲ ଅମଳ ହୋଇଛି। ଅକ୍ଟୋବରରୁ ଚାଷୀ ଅମଳ ଆରମ୍ଭ କଲାଣି। କ୍ଷେତ ଓ ଖଳାରେ ଧାନ ଜମା ହୋଇଛି। କିନ୍ତୁ ଧାର୍ଯ୍ୟ ଦିନକୁ ୪ ଦିନ ବିତିଯାଇଥିଲେ ହେଁ ଏଯାଏଁ ଧାନ କିଣା ହୋଇନାହିଁ। ଏହାକୁ ନେଇ ଚାଷୀର ରୋଷ ସୀମା ଲଂଘିଛି। ଆଜି ଦିନ ୧୧ଟାରେ ଶହଶହ ସଂଖ୍ୟାରେ ଚାଷୀ ସକାଳ ୧୧ଟାରେ ଜାତୀୟ ରାଜପଥ-୫୩ ଓ ଜାତୀୟ ରାଜପଥ-୫୫ର ସଂଯୋଗସ୍ଥଳ ସିନ୍ଦୂରପଙ୍କ ତୁମ୍ଭେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ଗୋଟିଏପଟେ ରେମେଡ୍ ଛକ ଓ ▸ପୃଷ୍ଠା-୭

## ଶତାୟୁ ଡାକ୍ତରାଣୀ ଲକ୍ଷ୍ମୀବାଇଙ୍କ ମହାନତା

# ଭୁବନେଶ୍ୱର ଏମ୍ସକୁ ଦେଲେ ୩.୪୦ କୋଟି

■ **ବ୍ରହ୍ମପୁର, ୧।୧୨ (ସମିସ):** ବ୍ରହ୍ମପୁରର ଖ୍ୟାତନାମା ତଥା ଅବସରପ୍ରାପ୍ତ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀବାଇ ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥ ୩ କୋଟି ୪୦ ଲକ୍ଷ ଟଙ୍କାକୁ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି। ଏହି ଅର୍ଥ କର୍କଟ ରୋଗୀଙ୍କ ଉପଶମ ଉଦ୍ଦେଶ୍ୟରେ ବିନିଯୋଗ କରାଯିବାରୁ ସେ ଆଗ୍ରହ କରିଛନ୍ତି। ୧୦୦ ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଏଭଳି ନିଆରା ପଦକ୍ଷେପ ନେଇଥିବା ବେଳେ ସବୁ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।

ଆସନ୍ତା ୫ ତାରିଖରେ ଶହେବର୍ଷରେ ପଦାର୍ପଣ କରିବେ ପ୍ରଫେସର୍ ଡା. ଲକ୍ଷ୍ମୀ ବାଇ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ଜୀବନବ୍ୟାପୀ ସଞ୍ଚିତ ପୁଞ୍ଜିକୁ ସେ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ମନସ୍ଥ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୨୧ତାରିଖରେ ସେ ଜୀବନଯାକର ଜମା ପୁଞ୍ଜିକୁ ଏମ୍ସ ବ୍ୟାଙ୍କ ଏକାଉଣ୍ଟକୁ ପ୍ରଦାନ କରିଛନ୍ତି। ଭାବାନଗରସ୍ଥିତ ନିଜ ଘରକୁ ବିକ୍ରି କରି ରୋଗୀଙ୍କୁ ଉଚ୍ଚତର ସେବା ଯୋଗାଇବା ଆଶାରେ ଏହି ଅର୍ଥକୁ ସେ ଦାନ କରିଥିବା କହିଛନ୍ତି।



**ମହିଳାଙ୍କ କର୍କଟ ରୋଗ ଓ ଯତ୍ନ କେନ୍ଦ୍ର ପ୍ରତିଷ୍ଠାରେ ହେବ ବିନିଯୋଗ**

ପ୍ରଫେସର୍ ଲକ୍ଷ୍ମୀବାଇ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମବିବିଏସ୍ ଛାତ୍ରୀ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ଗ୍ରହଣ ପରେ ସେ ସ୍ଥାନୀୟ ଭାବାନଗରସ୍ଥିତ ନିଜ ବାସଭବନରେ ରହୁଛନ୍ତି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ପାଇଁ ଦାନ କରି ସେ ଅତ୍ୟନ୍ତ ଖୁସି ଥିବା କହିଛନ୍ତି। ଟଙ୍କା ପଇସା ପଛରେ ନଦୌଡ଼ି ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଲକ୍ଷ୍ମୀବାଇ ଅବସର ପରେ ସ୍ୱାମୀ ଚିନ୍ମୟାନନ୍ଦ ମିଶନର ସଦସ୍ୟା ଭାବେ ଦୀକ୍ଷା ଗ୍ରହଣ କରିଛନ୍ତି। ଡାକ୍ତର ଲକ୍ଷ୍ମୀବାଇଙ୍କ ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ପ୍ରଫେସର ଡା. ▸ପୃଷ୍ଠା-୭




**ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା**

# ବରିଷ୍ଠରେ ଶାଶ୍ୱତୀ, କନିଷ୍ଠରେ ଶୁଭମ୍ ପ୍ରଥମ

ଭୁବନେଶ୍ୱର, ୧।୧୨(ସମିସ): ମାଗଣା ଯୋଜନା ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା; ମାତ୍ର ବର୍ତ୍ତମାନ ସମୟରେ ଏହା ଲକ୍ଷ୍ୟଚ୍ୟୁତ ଓ ଭୋଟ ସର୍ବସ୍ୱ ହୋଇଛି । ଯାହାଦ୍ୱାରା ଦେଶର ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଛି। ଋଣ କରି ଘିଅ ଖାଇବା ପରି ମାଗଣା ଯୋଜନା ଦେଶବାସୀ ଆର୍ଥିକ ଅସନ୍ତୁଳନର ପ୍ରମୁଖ କାରଣ ହୋଇଛି ଏବଂ ଋଣ ଭାର ବୃଦ୍ଧି ବିକାଶକୁ ବାଧାପ୍ରାପ୍ତ କରୁଛି । ସେହିପରି ପରିବେଶ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ଏବଂ ଏହା ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ଗୋଟିଏ ପାଇଁ ଅନ୍ୟଟିକୁ ବଳି ଦିଆଯିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ, ତେଣୁ ବିକାଶ ପାଇଁ ପରିବେଶର ସତର୍କ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି 'ସକାଳ' ୫ମ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

କନିଷ୍ଠ ବର୍ଗରେ 'ପରିବେଶ ଠାରୁ ବିକାଶକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ କି' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଭାବେ ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ନିରଞ୍ଜନ ପ୍ରସାଦ ରଥ, ଫକିରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଣୀନ୍ଦ୍ର ମେହେର, ଅବସରପ୍ରାପ୍ତ ପ୍ରଫେସର ଓ ଭୂତତ୍ତ୍ୱବିତ୍ ଡ. ଜେନାମଣି ସଞ୍ଜୀବ କୁମାର ଯୋଗଦେଇ ମୂଲ୍ୟାୟନ କରିଛନ୍ତି। ସେହିପରି ବରିଷ୍ଠ ବର୍ଗ ନିମନ୍ତେ 'ଦେଶର ଅଭିବୃଦ୍ଧିରେ ବାଧକ କି ମାଗଣା ଯୋଜନା' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥି ରୂପେ ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀ, ପଠାଣିସାମନ୍ତ ପ୍ଲାନେଟୋରିଅମ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ, ପ୍ରଫେସର ଡ଼. ମଣୀନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ତଥା ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଏହି ଅବସରରେ ଉପସ୍ଥିତ ଥିଲେ।

■ **ମାଗଣା ଯୋଜନା ଲକ୍ଷ୍ୟଚ୍ୟୁତ, ଭୋଟସର୍ବସ୍ୱ**
■ **ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ**

କନିଷ୍ଠ ବର୍ଗରେ ଯଥାକ୍ରମେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଥିବା ଫୁଲବାଣୀ ପବ୍ଲିକ୍ ସ୍କୁଲ୍‌ର ସାଇ ଶୁଭମ ମହାନ୍ତି ,ଢେଙ୍କାନାଳସ୍ଥିତ ପିଏମ୍‌ଶ୍ରୀ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସାଗରିକା ସ୍ୱାଇଁ ଓ କଟକସ୍ଥିତ ପ୍ରଥମ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ର ସିଦ୍ଧାନ୍ତ କୁମାର ସାହୁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ବରିଷ୍ଠ ବର୍ଗରେ ତିନି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶନୀ, ନୟାଗଡ଼ ରାଜ ସୁନାଖଳା ଡିଆଇଇଟିର ଛାତ୍ର ସାଗର ବେହେରା ଓ କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ନାୟକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ବିତର୍କ ପ୍ରତିଯେଗୀତାର ପ୍ରାୟୋଜକ ତଥା ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ଓ ବିନାୟକ କନ୍‌ସେପ୍ଟ ସ୍କୁଲ୍ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ସଞ୍ଜୟ ରାଜଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସକାଳର ସିଇଓ ସୁବ୍ରତ ଦାସ ଓ କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ସକାଳ ପରିବାରର ଦିଗଦର୍ଶକ ଡ଼. ଉମାକାନ୍ତ ମିଶ୍ର ଛାତ୍ରଛାତ୍ରୀ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ବିଭାଗରେ 'ସକାଳ'ର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଓ କନିଷ୍ଠ ବର୍ଗରେ ବରିଷ୍ଠ ସହ-ସମ୍ପାଦକ ସଞ୍ଜୟ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଫିଚର୍ ବିଭାଗ ବରିଷ୍ଠ ସହ ସମ୍ପାଦକ ସୁଶୀଲ କୁମାର ବାଗ୍ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ 'ସକାଳ'ର ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି, ବିଜ୍ଞାପନ ମୁଖ୍ୟ ନରୋତ୍ତମ ଗୁରୁଙ୍କ ସହ ଦିଲ୍ଲୀପ ମହାପାତ୍ର, ଅଭିଷେକ ସାହୁ ପ୍ରସାର ବିଭାଗର ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ଚନ୍ଦନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।












**ବ୍ୟାପକ ହେଲା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ**

## ଡାକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଲେ 'ହ୍ୱାଇଟ୍ କୋର୍ଟ'



ବ୍ରହ୍ମପୁର, ୧।୧୨(ସମିସ): ୮ ଦଫା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଡାକ୍ତର ଛାତ୍ରଛାତ୍ରୀ। ଆନ୍ଦୋଳନର ୮ ମ ଦିନରେ ଅର୍ଥାତ୍ ରବିବାରଠାରୁ ଅହୋରାତ୍ର ଆନ୍ଦୋଳନ କରି ସଂଘର୍ଷକୁ ବ୍ୟାପକ କରାଯାଇଛି। ଆୟୁଷ ଡାକ୍ତରଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିବା ସହ ଚରମ ଅବହେଳା ପ୍ରଦର୍ଶନ କରୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ବାରମ୍ବାର ଦିଆଯାଇଥିବା ପ୍ରତିଶ୍ରୁତି ପରବର୍ତ୍ତୀ ସମୟରେ ପ୍ରତାରଣା ପାଲଟିଛି। ଏଣୁ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କଡା ଚେତାବନୀ ଦେଇଛନ୍ତି ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ। ଏହି କ୍ରମରେ ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିଆରା ଢଙ୍ଗରେ ଆନ୍ଦୋଳନ କରି ପ୍ରତିବାଦ କରାଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଦାବି ସହ ସରକାର ବିରୋଧୀ ପ୍ଲାକାର୍ଡ ଧରି କଲେଜରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ମୁଖ୍ୟ ଡାକଘର ନିକଟରେ ରାସ୍ତାରେ ବସି ପ୍ରତିବାଦ କରିଥିଲେ। ସେଠାରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ନିଜେ ପରିଧାନ କରିଥିବା ହ୍ୱାଇଟ କୋର୍ଟ ବା ଧଳା ଆପ୍ରନକୁ ବାହାର କରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଲୋକସେବା ଭବନକୁ ପଠାଇଛନ୍ତି। ଆନ୍ଦୋଳନକାରୀଙ୍କ ଏଭଳି ନିଆରା ପ୍ରତିବାଦ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭକ୍ତଙ୍କ ଉପରେ ଦର୍ଶନ ଟିକଟ ବୋଝ

ପୁରୀ, ୧।୧୨(ସମିସ): ଶ୍ରୀମନ୍ଦିର ପରିସର ଏବଂ ମନ୍ଦିର ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ଏଗୁଡ଼ିକ ମଧ୍ୟରେ ରୋଷଘର, କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ନରେନ୍ଦ୍ର ପୁଷ୍କରିଣୀ ଅନ୍ୟତମ। ଏ ସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଛି। ସେହିପରି ଶ୍ରୀକ୍ଷେତ୍ରର ବେଡ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକସ୍ଥଳୀ ରହିଛି। ଯେଉଁଠିକୁ ମହାପ୍ରଭୁଙ୍କୁ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ତଥା ଧାର୍ମିକସ୍ଥଳୀକୁ ଯିବା ପାଇଁ ଭକ୍ତଙ୍କୁ ଟଙ୍କା ଗଣିବାକୁ ପଡୁଛି। ଏବେ ପୁଣି ଗୁଣ୍ଡିଚା ମନ୍ଦିର ଖୋଲିଲେ ସେଥିପାଇଁ ବି ଦର୍ଶନ ଦେୟ ୧୦ ଟଙ୍କା ରହିବ ବୋଲି ଘୋଷଣା କରାଯାଇଛି। ଏହାକୁ ନାପସନ୍ଦ କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ପାଇଁ ସରକାର ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ଏବଂ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ ଲାଗି ଚିନ୍ତା କରୁଥିବା ବେଳେ ଦର୍ଶନ ଟିକଟ୍ ବୋଝ କାହିଁକି ଲଦି ଦିଆଯାଉଛି, ତାହା ଶ୍ରଦ୍ଧାଳୁଙ୍କୁ ଆଶ୍ଚର୍ଯ୍ୟ କରିଛି।

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମନ୍ଦିର ପରିସର (କୋଇଲି ବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଇତ୍ୟାଦି) ବିଭିନ୍ନ ପବିତ୍ର ସ୍ଥାନ ବୁଲିଥା'ନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ମନ୍ଦିର ବାହାରେ ମଧ୍ୟ ଏକାଧିକ ପବିତ୍ର ପୀଠ(ଯେପରିକି ନରେନ୍ଦ୍ର ପୁଷ୍କରିଣୀ, ଶ୍ରୀଗୁଣ୍ଡିଚା ମନ୍ଦିର) ରହିଛି। ମହାପ୍ରଭୁଙ୍କ ଦର୍ଶନ ପରେ ଅଧିକାଂଶ ଶ୍ରଦ୍ଧାଳୁ ଏସବୁ ବୁଲି ଏହାର ମାହାତ୍ମ୍ୟ ଏବଂ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଜାଣିଥା'ନ୍ତି। ହେଲେ ଶ୍ରୀମନ୍ଦିର ପ୍ରଶାସନ ରୋଷଘର, ଲୁଣପତ୍ର, କୋଇଲି ବୈକୁଣ୍ଠ, ନରେନ୍ଦ୍ର ସଂକଳ୍ପ ଏବଂ ନୀଳାଚଳ ଉପବନକୁ ନିଲାମରେ ଦେଇଛି। ଫଳରେ ଏହିସବୁ ଜାଗା ବୁଲିବା ପାଇଁ ଚାହୁଁଥିବା ଭକ୍ତଙ୍କୁ ପ୍ରତ୍ୟେକ ସ୍ଥାନ ପାଇଁ ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। କେବଳ ଏତିକି ନୁହେଁ, ଶ୍ରୀକ୍ଷେତ୍ରର ବେଡ଼ି ହନୁମାନ ମନ୍ଦିର, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ରନୃସିଂହ ମନ୍ଦିର ଭଳି ଏମିତି କିଛି ଦେବସ୍ଥଳୀ ରହିଛି, ଯେଉଁଠିକୁ ବୁଲିଗଲେ ଟଙ୍କା ଦେବାକୁ ପଡୁଛି। ଯଦିଓ ଏହି ଦେୟ ବଡ଼ଧରଣର ନୁହେଁ, କିନ୍ତୁ ଅନେକ ସମୟରେ ଏହାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

■ **ଟଙ୍କା ଦେଲେ ମିଳୁଛି ପବିତ୍ର ଓ ଧାର୍ମିକସ୍ଥଳୀରେ ଦର୍ଶନ**
■ **ଗୁଣ୍ଡିଚା ମନ୍ଦିର ଖୋଲିଲେ ଦେବାକୁ ପଡ଼ିବ ୧୦ ଟଙ୍କା**

ଏବେ ଗୁଣ୍ଡିଚା ମନ୍ଦିରକୁ ନେଇ ଚର୍ଚ୍ଚା, ଆଲୋଚନା ଚାଲିଛି। ଦୀର୍ଘ ୬ବର୍ଷ ଧରି ଭକ୍ତଙ୍କ ପାଇଁ ବନ୍ଦ ରହିଛି ମହାପ୍ରଭୁଙ୍କ ଜନ୍ମବେଦୀ। କୋଭିଡ୍ କଟକଣା ପରଠାରୁ ଶ୍ରଦ୍ଧାଳୁଙ୍କୁ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯାଉ ନଥିବା ବେଳେ ଏହାକୁ ଖୋଲିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ତେବେ ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁଣ୍ଡିଚା ମନ୍ଦିର ଖୋଲିବା ଉପରେ ନିଷ୍ପତ୍ତି ନିଆଗଲା। ଡିସେମ୍ବର ୧ରୁ ଖୋଲାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ଗଣମାଧ୍ୟମ ସମ୍ମୁଖରେ ଘୋଷଣା କଲେ। ହେଲେ ଏହି ଘୋଷଣାର ଦିନକ ପରେ ପୁଣି ମନ୍ଦିର ଖୋଲିବାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଗଲା। ଏଭଳି ନିଷ୍ପତ୍ତିକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏବେ ଗୁଣ୍ଡିଚା ମନ୍ଦିର ଦର୍ଶନ ଦେୟକୁ ମଧ୍ୟ ବିରୋଧ କରାଯାଉଛି।

ଗୁଣ୍ଡିଚା ମନ୍ଦିର ଦର୍ଶନ ପାଇଁ ଦେୟ ୧୦ଟଙ୍କା ରହିବ। କିନ୍ତୁ ୫ ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ପଡ଼ିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି। ହେଲେ ଏହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ। ଏହାକୁ ପ୍ରତ୍ୟାହାର ଦାବିରେ ଭଏସ୍ ଅଫ୍ କମନ୍‌ମ୍ୟାନ୍‌ର ମୁଖ୍ୟ ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କୌଣସି ଦେବାଳୟରେ ଦର୍ଶନ ଶୁଳ୍କ ନେବାର ପ୍ରଥା ନ ଥିଲା। ଏହାକୁ ଗୁଣ୍ଡିଚା ମନ୍ଦିରରେ ଲାଗୁ କରିବା ମନ୍ଦିର ସଂସ୍କୃତିକୁ ବ୍ୟାପାରୀକରଣ କରିବାର ଗନ୍ଧ ବାରି ହୋଇପଡୁଛି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି।

## ସରକାର ଆଣିଲେ ଓଡ଼ିଶା ଜନ ବିଶ୍ୱାସ ବିଲ୍

ଭୁବନେଶ୍ୱର,୧।୧୨(ସମିସ): ସୋମବାର ଅପରାହ୍ଣରେ ରାଜ୍ୟ ସରକାର ବିଧାନସଭାରେ ୨ଟି ବିଲ୍ ଆଣିଛନ୍ତି। ଓଡ଼ିଶା ଜନ ବିଶ୍ୱାସ ବିଲ୍-୨୦୨୫ ସମେତ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍-୨୦୨୫ ବିଧାନସଭାରେ ଉପସ୍ଥାପନ ହୋଇଛି। ଉପସ୍ଥାପନ ପରେ ବିଲ୍ ଉପରେ ଆଲୋଚନା ପାଇଁ ସମୟ ନିର୍ଘଣ୍ଟ କରିବାକୁ ୨ଟି ବିଲ୍‌କୁ କାର୍ଯ୍ୟ ପରାମର୍ଶଦାତ୍ତା କମିଟିକୁ ପଠାଇ ଦିଆଯାଇଛି। ଓଡ଼ିଶା ଜନବିଶ୍ୱାସ ବିଲକୁ ଗୃହରେ ଉପସ୍ଥାପନ କରି ଶିଳ୍ପମ ନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ କହିଛନ୍ତି ଯେ ଏହି ବିଲ୍‌ରେ ୯ ଟି ବିଭାଗର ରାଜ୍ୟର ୧୬ଟି ଆଇନରୁ ପ୍ରସଙ୍ଗ ରହିଛି। ଅପରାଧମୁକ୍ତ ଏବଂ ଯୁକ୍ତିଯୁକ୍ତ ବ୍ୟବସ୍ଥା ପାଇଁ କିଛି ଆଇନ୍‌ରେ ସଂଶୋଧନ ଆଣିବାକୁ ଏହି ବିଲ୍ ଆସିଛି। ଏହି ବିଲ୍‌କୁ ନେଇ ଆପତ୍ତି କରିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଶ୍ରୀ ସ୍ୱାଇଁ କହିଛନ୍ତି ଏହି ବିଲ୍‌ରେ ଜୁଆ ଖେଳକୁ ପ୍ରୋତ୍ସାହିତ କଲା ଭଳି ବ୍ୟବସ୍ଥା ରହିଛି। ସେହିପରି, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍-୨୦୨୫ ଉପସ୍ଥାପନ କରି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ୨୦ଜଣ କର୍ମଚାରୀ ପର୍ଯ୍ୟନ୍ତ ନିଯୁକ୍ତି ଦେଇଥିବା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ର ପ୍ରୟୋଗରୁ ବାଦ୍ ଦିଆଯିବ। ଏହାସହ ସର୍ବାଧିକ ଦୈନିକ କାର୍ଯ୍ୟ ଘଣ୍ଟା ୧୦ ଘଣ୍ଟାକୁ ବୃଦ୍ଧି କରିବା ସହ ଓଭରଟାଇମ୍ ସମୟକୁ ୧୪ ଘଣ୍ଟାକୁ ବୃଦ୍ଧି କରିବା ଭଳି ବ୍ୟବସ୍ଥା ରହିଛି। ଓଭରଟାଇମ୍ ସହ ସାପ୍ତାହିକ ଛୁଟି ଓ ମହିଳାଙ୍କୁ ରାତିରେ କାମରେ ନିୟୋଜିତ ଭଳି ପ୍ରସଙ୍ଗକୁ ବିଧାୟକ ଶ୍ରୀ ସ୍ୱାଇଁ ସମାଲୋଚନା କରିଛନ୍ତି।



ସୋମବାର ନବୀନ ନିବାସରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

## ଏନ୍ଆରଟିଏସ୍ ପରୀକ୍ଷା ଫଳ ପ୍ରକାଶିତ

କଟକ, ୧।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି(ଏନ୍ଆର୍ଟିଏସ୍) ପରୀକ୍ଷା-୨୦୨୫ର ଫଳ ଆଜି ପ୍ରକାଶ ପାଇଛି। ବୋର୍ଡ ୱେବସାଇଟରେ ପରୀକ୍ଷାର୍ଥୀମାନଙ୍କ ଫଳ ଉପଲବ୍ଧ ହୋଇଥିବା ଜଣାପଡ଼ିଛି। ଏନ୍ଆରଟିଏସ୍ ପରୀକ୍ଷା ରାଜ୍ୟର ମୋଟ ୩୫୫ଟି କେନ୍ଦ୍ରରେ ଗତ ସେପ୍ଟେମ୍ବର୨୫ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୩୮୧୦ଜଣ ପରୀକ୍ଷାର୍ଥୀ ଅବତୀର୍ଣ୍ଣ ହୋଇଥିବା ବେଳେ ୧୨୦୧ଜଣ ଅନୁପସ୍ଥିତ ରହିଥିଲେ।

### ଜଳ ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪

# ବିରୋଧୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାରିତ

ଭୁବନେଶ୍ୱର,୧।୧୨(ସମିସ): ଗତ ୨୦୨୪ ମସିହା ଫେବୃଆରୀ ୧୫ ତାରିଖରେ କେନ୍ଦ୍ର ସରକାର ଜଳ (ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ) ସଂଶୋଧନ ଆଇନ୍, ୨୦୨୪ର ବିଜ୍ଞପିତ କରିଛନ୍ତି। ଏହି ସଂଶୋଧନ ପରେ ଓଡ଼ିଶାରେ ଏହାକୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ଏହି ସଂଶୋଧନ ପ୍ରସ୍ତାବକୁ ସଂକଳ୍ପ ଆକାରରେ ସୋମବାର ଗୃହରେ ଆଗତ କରିଥିବା ବେଳେ ଏହା ପାରିତ ହୋଇଛି। ଏହି ସଂକଳ୍ପ ପାରିତ ପୂର୍ବରୁ ସଂଶୋଧନ ପ୍ରସ୍ତାବରେ ରହିଥିବା ବିଭିନ୍ନ ଦିଗକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ଓ ଶାସକ ବିଜେପି ମଧ୍ୟରେ ଘମାଘୋଟ୍ ବିତର୍କ ହୋଇଛି।

ଏହି ସଂକଳ୍ପ ବିରୋଧରେ ନିଜର ପକ୍ଷ ରଖି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଏହି ସଂକଳ୍ପ ପାରିତ ହେବା ପରେ ରାଜ୍ୟ ସରକାରଙ୍କ କ୍ଷମତା ବହୁମାତ୍ରାରେ ସଂକୁଚିତ ହେବା ସହ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ହିଁ ରାଜ୍ୟ ଉପରେ ଲଦି ଦିଆଯିବ। ଏହାସହିତ ଏହି ସଂକଳ୍ପରେ ପୂର୍ବରୁ ପ୍ରଦୂଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଫୌଜଦାରୀ ମାମଲା ସହ ଜେଲ୍ ଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା; ମାତ୍ର ଏହି ବ୍ୟବସ୍ଥାକୁ ଉଚ୍ଛେଦ କରି ଖିଲାପକାରୀଙ୍କ ପାଇଁ କେବଳ ଜରିମାନା ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଏଣିକି ପ୍ରଦୂଷଣ କ୍ଷେତ୍ରରେ ଶିଳ୍ପ ସଂସ୍ଥାମାନଙ୍କର ଆଦୌ ଭୟ ରହିବ ନାହିଁ ବୋଲି ଶ୍ରୀ ସ୍ୱାଇଁ ନିଜ ଯୁକ୍ତିରେ ଦର୍ଶାଇଛନ୍ତି। ତେଣୁ ଏହାକୁ ଲୋକଙ୍କ ମତାମତ ଲୋଡ଼ିବା ପାଇଁ ପଠାଇବାକୁ ସେ ପ୍ରସ୍ତାବ ଦେଇଛନ୍ତି।

**ସଂଶୋଧିତ ଆଇନରେ ଜେଲ୍ ବଦଳରେ ଜରିମାନା ବ୍ୟବସ୍ଥା**

ସେହିପରି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ସାରା ଦେଶରେ ୧୧ ପ୍ରତିଶତ ପାଣି ଓଡ଼ିଶାରେ ରହିଛି। ଏହି ସଂକଳ୍ପ ଦ୍ୱାରା ସବୁ ପାଣି କେନ୍ଦ୍ର ହାତକୁ ଚାଲିଯିବ। ଏହି ସଂକଳ୍ପ ଲାଗୁ ଦ୍ୱାରା କେନ୍ଦ୍ର ସରକାର ଚାହିଁଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଷ୍ପତ୍ତିକୁ ମାନି ନ ପାରନ୍ତି। ଏହାସହିତ ଯଦି କୌଣସି ସଂସ୍ଥା ଆବଶ୍ୟକ ଅନୁମତି ନ ନେଇ ଶିଳ୍ପ କରିନ୍ତି, ତେବେ ସେମାନଙ୍କୁ ମାତ୍ର ୧୫ ଲକ୍ଷ ଜରିମାନା ଦେବାକୁ ହେବ। ସେହିପରି ଏହି ନିୟମ ସବୁ ସଂସ୍ଥାଙ୍କ ପାଇଁ ମଧ୍ୟ ଲାଗୁ ହେବ ନାହିଁ ବୋଲି ଏଥିରେ ବ୍ୟବସ୍ଥା ରହିଛି, ଯାହାକି ଗ୍ରହଣୀୟ ନୁହେଁ। ଏହି ବିଲ୍‌କୁ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ନିଜ ନିଜ ରାଜ୍ୟରେ ଲାଗୁ କରି ନ ଥିବା ବେଳେ ଓଡ଼ିଶାରେ କାହିଁକି ଏହାକୁ ଲାଗୁ କରିବାକୁ ସରକାର ତରତର ହେଉଛନ୍ତି, ତାକୁ ନେଇ ଶ୍ରୀ ଦେବ ପ୍ରଶ୍ନ କରିଛନ୍ତି।

ସେହିପରି ବିଧାୟକ ଅରବିନ୍ଦ ମହାପାତ୍ର ବଡ଼ ସଂସ୍ଥାଙ୍କ ପାଇଁ ୧୫ ଲକ୍ଷ ଜରିମାନା ଝାଲ୍‌ମୁଢ଼ି ସଦୃଶ କହି ସମାଲୋଚନା କରିଥିଲେ।

କଂଗ୍ରେସ ପକ୍ଷରୁ ବିଧାୟକ ସିଏସ୍ ରାଜନ ଏକ୍କା ସଂକଳ୍ପକୁ ବିରୋଧ କରି ରାଜ୍ୟର ନଦୀଗୁଡ଼ିକ ସ୍ଥିତି ଅତି ଖରାପ ଥିବା କହିବା ସହ ଜେଲ୍ ଦଣ୍ଡ ବଦଳରେ ଜରିମାନା ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି। ଏହାସହିତ ନୂତନ ଆଇନ୍‌ରେ ଜଣେ ନ୍ୟାୟ ନିର୍ଣ୍ଣୟ ଅଧିକାରୀ ନିଯୁକ୍ତି ନେଇ ବ୍ୟବସ୍ଥା ହୋଇଥିବା ବେଳେ ଜଣେ ସଚିବ ସ୍ତରର ଅଧିକାରୀ ଏହି କାର୍ଯ୍ୟ କରିବେ। ତେଣୁ କୋର୍ଟ ପରିବର୍ତ୍ତେ ତାଙ୍କ ନିଷ୍ପତ୍ତି ସରକାରଙ୍କ ସପକ୍ଷରେ ଯିବ ବୋଲି ଦର୍ଶାଇ ଶ୍ରୀ ଏକ୍କା କହି ବିଲ୍‌କୁ ବିରୋଧ କରିଛନ୍ତି।

ବିଲ୍ ସପକ୍ଷରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ଏହାଦ୍ୱାରା ବର୍ଷ ବର୍ଷ ଧରି କୋର୍ଟରେ ପଡ଼ି ରହିଥିବା ମାମଲାର ସମାଧାନ ହେବ। ବର୍ତ୍ତମାନ ଏ ସମ୍ପର୍କିତ ୧୭୩୭ ମାମଲା କୋର୍ଟରେ ରହିଥିବା ବେଳେ ଏଥିମଧ୍ୟରୁ ମାତ୍ର ୩୯ଟିରେ ଦଣ୍ଡ ବିଧାନ କରାଯାଇଛି। ଏହି ସଂକଳ୍ପ ଦ୍ୱାରା କୋର୍ଟକୁ ଦୌଡ଼ୁଥିବା ସଂସ୍ଥାମାନେ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିବା ବେଳେ ସଂକଳ୍ପଟି ପାରିତ ହୋଇଛି।

### କୋଣାର୍କ ଉତ୍ସବ ଉଦ୍‌ଘାଟିତ

# ଦର୍ଶକଙ୍କ ମନ ମୋହିଲା ଓଡ଼ିଶୀ ଓ ଭାରତନାଟ୍ୟମ୍

କୋଣାର୍କ, ୧।୧୨(ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଆନୁକୂଲ୍ୟରେ ସୋମବାର କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚଦିନିଆ ୩୬ତମ କୋଣାର୍କ ଉତ୍ସବ ଓ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି।

ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ବାଲୁକା କଳା ଉତ୍ସବରେ ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ୫ଜଣ ବାଲୁକା ଶିଳ୍ପୀଙ୍କ ସମେତ ଭାରତର ୧୩୧ଜଣ ବାଲୁକା ଶିଳ୍ପୀ ୪୫ଟି ଷ୍ଟଲ୍‌ରେ ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ଏଥିସହ ଦର୍ଶକଙ୍କ ମନମୁଗ୍ଧ କରିଥିଲା ଓଡ଼ିଶୀ ଓ ଭାରତନାଟ୍ୟମ୍। କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାର ପ୍ରଥମ ଉପସ୍ଥାପନରେ ଥିଲା ସୋନାଲି ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀ ଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳିସା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ସେମାନଙ୍କ ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ। ଏହାର ନୃତ୍ୟ ସଂରଚନା କରିଛନ୍ତି ଗୁରୁ ସୋନାଲି ମହାପାତ୍ର ଏବଂ ସଙ୍ଗୀତ ଓ ତାଳ ସଂଯୋଜନା କରିଛନ୍ତି ନିର୍ମଳ କୁମାର ମହାପାତ୍ର। ଶେଷରେ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ। ଏଥିରେ ଦେବୀ ଦୁର୍ଗାଙ୍କ ଦିବ୍ୟ ଶକ୍ତିକୁ ବର୍ଣ୍ଣନା କରଯାଇଥିଲା। ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲମ୍। ପରିଚାଳନରେ ସହଯୋଗ କରିଥିଲେ ଡ. ସଂଗୀତା ଗୋସାଇଁ। ଉତ୍ସବ ପରିଚାଳନା କରିଥିଲେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ।


**ଚନ୍ଦ୍ରଭାଗା ବେଳାଭୂମିରେ ୧୩୧ଜଣ ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶିତ**



କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ରାଜ ଭବନ ହେଲା 'ଲୋକ ଭବନ'

ଭୁବନେଶ୍ୱର,୧।୧୨(ସମିସ): ବଦଳିଲା ରାଜଭବନର ନାମ। ଆନୁଷ୍ଠାନିକ ଭାବେ 'ରାଜ ଭବନ'ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଥିବା ସୋମବାର ରାଜ ଭବନ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ ମସିହାରେ ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ ଅଟେ। 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବା ସହ ସମସ୍ତଙ୍କ ସୁଗମତା ଉପରେ ଧ୍ୟାନ ଦେବ।






୫ମ ସୁନକ୍ଷତ୍ର
ସକାଳ THE SAKALA
www.sakalaepaper.com
ଅନୁଗୋଳ

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଅନୁଗୋଳ,୧।୧୨(ସମିସ): ନାଲକୋ ଥାନା ଅନ୍ତର୍ଗତ ନାଲକୋ କଲୋନୀରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ, କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସ୍ତ୍ରୀ ମଧୁସ୍ମିତା ପ୍ରଧାନ (୩୫)। କାର୍ତ୍ତିକେଶ୍ୱର ନାଲକୋ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ପରି ସୋମବାର ସକାଳେ ସେ ଡ୍ୟୁଟିକୁ ଯାଇଥିଲେ। ଅପରାହ୍ଣ ୧ଟା ୪୦ରେ ଝିଅକୁ ସ୍କୁଲରୁ ଧରି ଘରକୁ ଫେରିଥିଲେ। ସାମ୍ନା କବାଟ ବନ୍ଦ ଥିବାରୁ ପଛ ପଟରେ ଘର ଭିତରକୁ ପ୍ରବେଶ କରିବା ବେଳକୁ ମଧୁସ୍ମିତା



ତଳେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ନାଲକୋ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଅନୁଗୋଳ ଏସ୍‌ଡିପିଓ, ନାଲକୋ ଥାନା ଅଧିକାରୀ ଓ ନାଲକୋ ଘରୋଇ ସୁରକ୍ଷା କର୍ମୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ

ବଣ୍ଟାରପାଳ,୧।୧୨(ସମିସ): ବଣ୍ଟାରପାଳ ବ୍ଲକ ତୁଳସୀପାଳ ଓ ଲଙ୍ଗୁଳିଆବେଢ଼ା ଗ୍ରାମ ତାସିରୀ ମଠ ପରିସରରେ ନିର୍ମାଣାଧୀନ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ଓ ବଜ୍ରବାରକ ଇନ୍ଦ୍ରଇନ୍ଦ୍ରାଣୀ ପୂଜା ସମାରୋହରେ ପାଳିତ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି କମଳକାନ୍ତ ବିଶ୍ୱାଳ ଓ ଧର୍ମପତ୍ନୀ ଅନୀତା ବିଶ୍ୱାଳ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଅଭିମନ୍ୟୁ ଶତପଥୀ, ସୁବାସ ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର ଓ ମୀନକେତନ ମିଶ୍ର ପ୍ରମୁଖ ପୂଜାପାଠ କରିବା ସହ ହୋମଯଜ୍ଞ ଓ ରତ୍ନମୁଦ ଆଦି କର୍ମ କରିଥିଲେ। ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। ଶ୍ରଦ୍ଧାଳୁମାନେ ରତ୍ନମୁଦ ଗହ୍ୱରରେ ବିଭିନ୍ନ ଶସ୍ୟ, ଅର୍ଥ, ସୁନା ଓ ରୁପା ଆଦି ଧାତୁ ଅର୍ପଣ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ବଣ୍ଟାରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଯୁବ ବିଜେଡି ନେତା ଅରୁଣାଭ ସିଂହ, ଜିଲ୍ଲା ପରିଷଦ ସଭ୍ୟ ମୀରା ଗଡ଼ନାୟକ, ଗୋପାଳ ଚନ୍ଦ୍ର ନାଏକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍ସବରେ ଯୋଗଦେଇଥିଲେ।

# କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି



କିଶୋରନଗର,୧।୧୨(ସମିସ): କିଶୋରନଗର ବ୍ଲକ ରାଜୀବ ଗାନ୍ଧୀ ସେବକେନ୍ଦ୍ର ସଭାଗୃହରେ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍ ଅଖତରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୩୫ ଅଭିଯୋଗର ଶୁଣାଣି କରାଯାଇ ତା'ର ସମାଧାନ କରାଯାଇଥିଲା। ତହସିଲ ସଂକ୍ରାନ୍ତୀୟ ଲୋକଙ୍କ ସମସ୍ୟାଗୁଡ଼ିକ ତ୍ୱରିତ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ସିଡିଏମଓ ମଧୁସୂଦନ ବିଶ୍ୱାଳ, ଆଠମଲ୍ଲିକ ଏସଡିପିଓ ସୁଶାନୁ କୁମାର ତାଉଡିଆ, ବିଡିଓ ସୁବ୍ରତ ବେହେରା, ତହସିଲଦାର ବିକ୍ରମ କେଶରୀ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ଚଟୀନ ମିଶ୍ର, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ରେଡ୍‌କ୍ରସ ପାଣ୍ଠିରୁ ଚିକିତ୍ସା ବାବଦ ନାକଚି ମଧୁପୁର ଗାଁର ସତୀଶ ପ୍ରଧାନଙ୍କୁ ୭୫୦୦ ଓ ଧଡ଼ରପାଳ ଗାଁର କ୍ୟାନସର ପୀଡ଼ିତା ଝରଣା ବେହେରାଙ୍କୁ ୧୦୦୦୦ ଟଙ୍କା ଅର୍ଥରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଛି।

# ଜାତୀୟ ଶିକ୍ଷାନୀତିର କୌଶଳ ସମ୍ପର୍କିତ ଆଲୋଚନାଚକ୍ର



କିଶୋରନଗର,୧।୧୨(ସମିସ): ସାମ୍ପ୍ରତିକ ସମୟ ହେଉଛି ଯୁବସମାଜର। ଯୁବସମାଜ କୌଶଳୀ ହେଲେ କୁଶଳ ଭାରତ ସମ୍ଭବ ହୋଇପାରିବ। ଆଠମଲ୍ଲିକ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ତରଫରୁ ଆୟୋଜିତ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରି ଏହାର ଆଭିମୁଖ୍ୟ ଓ ଆତ୍ମନିର୍ଭର ଭାରତ ସମ୍ପର୍କରେ ଯୁବଗୋଷ୍ଠୀର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ନିକୁଞ୍ଜ ବିହାରୀ ଦାଶ ଓ ରାଜେଶ ସାହୁ ପାଠପଢ଼ା ସହ ପ୍ରଶିକ୍ଷଣର ଆବଶ୍ୟକତା ଏବଂ କ୍ଷୁଦ୍ରଶିଳ୍ପ ଓ ଉଦ୍ୟୋଗ ତରଫରୁ ପ୍ରଦାନ କରାଯାଉଥିବା ସ୍ୱଳ୍ପ ମିଆଦି ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରନ୍ଥାଗାରିକ ଗୋବର୍ଦ୍ଧନ ପ୍ରଧାନ, ଅଭିଜିତ ପ୍ରଧାନ ସୁଶାନ୍ତ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ମାଲ୍ୟଗିରି ମହାବିଦ୍ୟାଳୟ ଛକରେ ବଢ଼ୁଛି ଦୁର୍ଘଟଣା

# ପ୍ରତିଷେଧକ ବ୍ୟବସ୍ଥା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ପାଲଲହଡ଼ା,୧।୧୨(ସମିସ)

ମାଲ୍ୟଗିରି ମହାବିଦ୍ୟାଳୟ ଛକରେ ବଢ଼ୁଛି ଦୁର୍ଘଟଣା। ଶନିବାର ଗାଡ଼ି ଧକ୍କାରେ କଲେଜର ଅଧ୍ୟାପକ ଭାସ୍କର ଚନ୍ଦ୍ର ସାହୁ ଗୁରୁତର ଆହତ ହେଇଥିଲେ। ସୋମବାର ସକାଳେ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ତାଙ୍କ ମୃତ୍ୟୁ ହୋଇଛି। ମହାବିଦ୍ୟାଳୟ ସମ୍ମୁଖରେ ଚାରିଥାକିଆ ରାଜପଥ ଉପରେ ଦ୍ରୁତ ଗତିରେ ଚଳାଚଳ କରୁଥିବା ଯାନବାହାନ ପାଇଁ କୌଣସି ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ ପ୍ରତେକ ଦିନ ଦୁର୍ଘଟଣା ଘଟୁଛି। ପ୍ରାୟ ୨୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସ୍ଥାନ ମରଣଯନ୍ତା ପାଲଟିଛି। ସୋମବାର ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଚାରି ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ମହାବିଦ୍ୟାଳୟ ନିକଟରେ ସର୍ଭିସ ରାସ୍ତା ନିର୍ମାଣ, ରାଜପଥ ଉପରେ ସ୍ପିଡ୍ ବ୍ରେକର ନିର୍ମାଣ, କଲେଜ ଛକରୁ ୧୦୦ ମିଟର ଦୂରରେ ଉଭୟ ପାଶ୍ୱର୍ ରେ ଥିବା ଟ୍ରକ ପାର୍କିଂ ସ୍ଥଳ ଉଚ୍ଛେଦ ଏବଂ କଲେଜ ଛକରେ ଟ୍ରାଫିକ ପୁଲିସ ନିୟୋଜନ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ସମସ୍ତ ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଛାତ୍ରସଂସଦ ପକ୍ଷରୁ ଚେତାବନୀ ଦିଆଯାଇଛି।

**କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ କରିବାକୁ ଛାତ୍ରଛାତ୍ରୀଙ୍କ ଚେତାବନୀ**

# ଉପଜିଲ୍ଲାପାଳଙ୍କ ଜରୁରୀ ବୈଠକ




ପାଲଲହଡ଼ା,୧।୧୨(ସମିସ): ଜାତୀୟ ରାଜପଥ ୪୯ ଏବଂ ୧୪୯ରେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ମାଲ୍ୟଗିରି କଲେଜ ଛାତ୍ର ସଂସଦର ଦାବି କ୍ରମେ ସ୍କୁଲ/କଲେଜ ଏବଂ ଆବାସିକ ଅଞ୍ଚଳରେ ସାଇନ୍ ବୋର୍ଡ ଲଗାଇବା, ଷ୍ଟ୍ରିଟ୍ ଲାଇଟ ଲଗାଇବା, ଦୁର୍ଘଟଣା ପ୍ରବଣ ଅଞ୍ଚଳ ଚିହ୍ନଟ କରି ସ୍ପିଡ୍ ଲିମିଟ କରିବା, ଆମ୍ବୁଲାନ୍ସ ସେବା ସମ୍ପର୍କ ନମ୍ବର ପ୍ରଦର୍ଶନ କରିବା, ଦୃଷ୍ଟିଗୋଚର ହେବା ପାଇଁ ରାସ୍ତା କଡ଼ର ଗଛବୁଦାକୁ କାଟିବା, ସ୍ପିଡ ବ୍ରେକର ଲଗାଇବା, ସର୍ଭିସ ରୋଡ ପ୍ରସ୍ତାବ ଦେବା, ଯାନବାହାନ ଚେକିଂ ପାଇଁ ଟ୍ରାଫିକ ପୁଲିସ ସଂଖ୍ୟା ବଢ଼ାଇବା ଆଦି କାର୍ଯ୍ୟ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସବୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଜାତୀୟ ରାଜପଥ ଅଧିକାରୀ, ତହସିଲଦାର ଆକାଂକ୍ଷା ମହାପାତ୍ର, ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଦୀପ ମହାନ୍ତ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାଳକର ଗୋଡ଼ ଛିଣ୍ଡିଲା



ତାଳଚେର,୧।୧୨(ସମିସ): ମାତ୍ର ୧୦ବର୍ଷ ବୟସରେ ଜାଣି ନ ଥିଲେ ଯେ ଏପରି ଏକ ଝଡ଼ ଜୀବନରେ ଆସିବ ବୋଲି। ପାଲଲହଡ଼ାରୁ ତାଳଚେର ଯାତ୍ରା ଜୀବନରେ ଦେଇଗଲା ବଡ଼ ଦୁଃଖ। ଦୁର୍ଘଟଣାରେ ଛିଣ୍ଡିଗଲା ଜଣେ ବାଳକର ଗୋଡ଼। ୧୪୯ନଂ ଜାତୀୟ ରାଜପଥର ତାଳଚେର ତାଳବେଡ଼ାଠାରୁ ବଣ୍ଟାରପାଳ ପର୍ଯ୍ୟନ୍ତ ମରଣାଯନ୍ତା ସାଜିଥିବା ବେଳେ ଆଜି ଆଉ ଗୋଟିଏ ହୃଦୟ ବିଦାରକ ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ତାଳଚେର ଟାଉନଥାନା ଅନ୍ତର୍ଗତ ବହ୍ଳର ଛକରେ ବାଇକ ଦୁର୍ଘଟଣାରେ ପାଲଲହଡ଼ା ଉପଖଣ୍ଡ ସାମିଆପାଲି ଗ୍ରାମର କମଳ ଧିବରଙ୍କ ବଡ଼ପୁଅର ବାମ ଗୋଡ଼ ଛିଣ୍ଡିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ମଣ୍ଡାପାଳ ଡାକ୍ତରଖାନା ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଜାତୀୟ ରାଜପଥ ଅଣଓସାରିଆ ହୋଇଥିବା ବେଳେ ଖାଲଖମା ଓ ଗୋଡ଼ି ଉଠି ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ● ନାଲକୋନଗର ଏସଭିଏମରେ ବାର୍ଷିକ କ୍ରୀଡ଼ା ଉତ୍ସବ

# 'ସୁସ୍ଥ ଶରୀର ପାଇଁ କ୍ରୀଡ଼ାଭ୍ୟାସ ଅପରିହାର୍ଯ୍ୟ'

ନାଲକୋନଗର,୧।୧୨(ସମିସ): ନାଲକୋନଗର ସରସ୍ୱତୀ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲକୋ ସିପିପି ଜିଏମ (ଏଚ ଆଣ୍ଡ ଏ) ପ୍ରସନ୍ନ କୁମାର ସାହୁ ଯୋଗଦେଇ କହିଲେ, ବିଦ୍ୟାଳୟ ସ୍ତରରେ ପାଠ୍ୟକ୍ରମ ସହ ଶାରୀରିକ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ପିଲାଙ୍କ ବୌଦ୍ଧିକ ବିକାଶ ସହ ସୁସ୍ଥ ଶରୀର ଅପରିହାର୍ଯ୍ୟ। ଏଥିପାଇଁ ପାଠ ପଢ଼ିବା ସହ କ୍ରୀଡ଼ା ଅଭ୍ୟାସ ଜାରି ରଖିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତିନିଦିନିଆ କ୍ରୀଡ଼ା ଉତ୍ସବର ଉଦଘାଟନୀ ସମାରୋହରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକଶ ସମିତି ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ କୁମାର ଦାଶ ଯୋଗଦେଇ ଛାତ୍ରଛାତ୍ରୀମାନେ ନିୟମିତ ବ୍ୟାୟାମ, ଯୋଗ କରିବା ସହ ସୁଷମ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ର ତଥା ଜାତୀୟ ସ୍ତରର କ୍ରୀଡ଼ାବିତ ଧନଞ୍ଜୟ ନାୟକ ମଶାଲ ପ୍ରଜ୍ୱଳନ କରିଥିଲେ। ଅଧ୍ୟକ୍ଷ ଡ. ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନିଲ କୁମାର ବିଶ୍ୱାଳ ଓ ଦେବରାଜ ମୂଳିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଗଦାଧର ପାଣିଗ୍ରାହୀ ଓ ବିଜୟ କୁମାର ବିଶ୍ୱାଳ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଚିତ୍ରାନନ୍ଦ ନାୟକ (ରେଡକ୍ରସ), ଅହିଂସା ପ୍ରିୟଦର୍ଶିନୀ ସେନାପତି (ସ୍କାଉଟ୍), ଜଗନ୍ନାଥ ପାଣିଗ୍ରାହୀ (ଏନସିସି), ସୁଶାନ୍ତ କୁମାର ତ୍ରିପାଠୀ (ସଂଯୋଜକ), ମନୋରଞ୍ଜନ ମହାପାତ୍ର (ସ୍କାଉଟ୍) ପ୍ରମୁଖ ସହଯୋଗ କରୁଛନ୍ତି।

# ବିଶ୍ୱ ଏଡ୍‌ସ ଦିବସରେ ସଚେତନତା




କିଶୋରନଗର,୧।୧୨(ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ରେଡ ରିବନ କ୍ଲବ ତରଫରୁ କିଶୋରନଗର ଆଇସିଟିସି କେନ୍ଦ୍ର ସହଯୋଗରେ ବିଶ୍ୱ ଏଡ୍‌ସ୍ ଦିବସ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ପୁରୁଷୋତ୍ତମ ସାହୁ, ରୋଜାଲିନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ ଯୋଗଦେଇ ରେଡକ୍ରସ ଓ ଏଡ୍‌ସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ରେଡ୍‌କ୍ରସ କାଉନସେଲର ପୁରୁଷୋତ୍ତମ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୀଣାପାଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

**କଣିହାଁ:** କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ କଲେଜ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ତଥା କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ କୁଲୁମା ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି କଲେଜରେ ପହଞ୍ଚିବା ପରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରେଡକ୍ରସ ୟୁନିଟ ସଂଯୋଜକ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ଓ ସହସଂଯୋଜକ ଡେମୋନଷ୍ଟ୍ରେଟର ବିଷ୍ଣୁଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ଏଡ୍‌ସର ଭୟାବହତା ଓ ସାମାଜିକ ସଚେତନତା ସମ୍ପର୍କରେ ଅବଗତ କରାଇଥିଲେ। ବରିଷ୍ଠ ଅଧ୍ୟାପକ ଇନ୍ଦ୍ରମଣି ସାହୁ, ଓଡ଼ିଆ ବିଭାଗ ଅଧ୍ୟାପକ ବସନ୍ତ ପାଣି ଏଡ୍‌ସର କାରଣ, ଭୟାବହତା ଓ ନିରାକରଣ ସହ ସମାଜରେ ବ୍ୟାପକ ସଚେତନତା ଦ୍ୱାରା ଏହି ବ୍ୟାଧିରୁ ମୁକ୍ତି ସମ୍ଭବ ବୋଲି କହିଥିଲେ। ସହସଂଯୋଜକ ବିଷ୍ଣୁଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା

ପାଲଲହଡ଼ା, ୧।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ସିଆରିମାଳିଆ ଗ୍ରାମ ବରସାହିରେ ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ମୃତ ମହିଳା ହେଲେ, ଗ୍ରାମର ସୁଦର୍ଶନ ହେମ୍ବ୍ରମଙ୍କ ସ୍ତ୍ରୀ ମଞ୍ଜୁ ହେମ୍ବ୍ରମ। ହତ୍ୟାକାଣ୍ଡ ଘଟାଇବା ପରେ ସୁଦର୍ଶନ ସମ୍ପର୍କୀୟ ଶଳାକୁ ଫୋନରେ ସୂଚନା ଦେଇ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ସୁଦର୍ଶନ ପାଲଲହଡ଼ା ଥାନା ହାତୀମୁଣ୍ଡ ଗ୍ରାମର ମଞ୍ଜୁଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ମଞ୍ଜୁଙ୍କ ପରପୁରୁଷ ସହ ସଂପର୍କ ଥିବା ସୁଦର୍ଶନ ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରାୟ ସମୟ କଳହ ହେଉଥିଲା। ଏପରିକି, ସୁଦର୍ଶନ ମଞ୍ଜୁଙ୍କୁ ମାରପିଟ୍ ମଧ୍ୟ କରୁଥିଲେ। ରବିବାର ମଞ୍ଜୁ ହାଟକୁ ଆସିଥିବା ବେଳେ ଜଣେ ସମ୍ପର୍କୀୟ ଯୁବକଙ୍କ ସହ କଥା ହେଉଥିଲେ। ସୁଦର୍ଶନ ଏହା ଦେଖିଥିଲେ। ଏହାକୁ କେନ୍ଦ୍ର କରି ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସୁଦର୍ଶନ ଉତ୍ତ୍ୟକ୍ତ ହୋଇ ମଞ୍ଜୁଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଏକ ନିଆଁ କାଠରେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗକୁ ଚେଙ୍କ ଦେଇଥିଲା। ଫଳରେ ମଞ୍ଜୁଙ୍କ ମୃତ୍ୟୁ ହୋଇଥିଲା। ସୋମବାର ସକାଳେ ସୁଦର୍ଶନ ନିଜ ସମ୍ପର୍କୀୟ ଶଳାକୁ ଫୋନ ଯୋଗେ ସବୁ ଘଟଣା କହିବା ପରେ ଫେରାର ହୋଇଯାଇଛି। ମଞ୍ଜୁଙ୍କ ଭାଇ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ



ଅନୁଗୋଳ,୧।୧୨(ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ଦାୟିତ୍ୱବୋଧ ବିଭାଗ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ସଚେତନତା ରାଲିରେ ସାବିତ୍ରୀ ଜିନ୍ଦଲ ଡିଏଭି ହାଇସ୍କୁଲ, କଲେଜ ଏବଂ ନର୍ସିଂ ଛାତ୍ରଛାତ୍ରୀ ସମତେ ତୃତୀୟ ଲିଙ୍ଗୀ ସମ୍ପ୍ରଦାୟର ସଦସ୍ୟ ଏବଂ ଅନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିରୋଧକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଅଞ୍ଚଳରେ କଣ୍ଡୋମ ଭେଣ୍ଡିଂ ମେସିନ୍ ଲଗାଯାଇଥିଲା। ଏଚଆଇଭିର ଭୟାବହତା ଏବଂ ନିଜକୁ ସୁରକ୍ଷିତ ରଖିବାର ଉପାୟ ବିଷୟରେ ସଚେତନ କରାଯାଇଥିଲା। ଜିଲ୍ଲା ଏଡ୍‌ସ ନିବାରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡିଏପିସିୟୁ) ସହିତ ମିଳିତ ଭାବେ ଅନୁଗୋଳ ସହରରେ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଆଇସିଟିସି ପଦକ୍ଷେପ ମାଧ୍ୟମରେ ଜିନ୍ଦଲ ଫାଉଣ୍ଡେସନର ଅନୁଗୋଳ ୟୁନିଟ୍ ୫.୩୪ ଲକ୍ଷ ଲୋକଙ୍କ ପାଖରେ ପ୍ରତିରୋଧ, ଯତ୍ନ ଏବଂ ସମର୍ଥନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଇ ପାରିଛି। ବର୍ତ୍ତମାନ ସୁଦ୍ଧା ୫.୦୩ ଲକ୍ଷ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଏଚ୍‌ଆଇଭି ପରୀକ୍ଷା କରିବାର ସୁବିଧା ପାଇଛନ୍ତି। ଏହାଦ୍ୱାରା ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସା ସମ୍ଭବ ହୋଇପାରିଛି ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲର ଲଜିଷ୍ଟିକ୍ସ ବିଭାଗ ପକ୍ଷରୁ ପ୍ରୋଜେକ୍ଟ କବଚ ଅଧୀନରେ ଲାଷ୍ଟ ମାଇଲ କେୟାର ସଂଗଠନ ସହଭାଗିତାରେ ଟ୍ରକ ପାର୍କିଂ ଅଞ୍ଚଳରେ ଡିସେମ୍ବର ୩ରୁ ସପ୍ତାହବ୍ୟାପୀ ଏଚଆଇଭି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ପଦକ୍ଷେପ ଜରିଆରେ ଟ୍ରକ୍ ଡ୍ରାଇଭରମାନଙ୍କ ପାଇଁ ପଥପ୍ରାନ୍ତ ନାଟକ ଏବଂ ସଚେତନତା ଅଧିବେଶନ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କୁହାଯାଇଛି।

# ଅନୁଗୋଳରେ ଇ-ବିଟ୍ ପୁଲିସ ପାଟ୍ରୋଲିଂ ସୁରକ୍ଷା ସାଥୀର ଶୁଭାରମ୍ଭ








ଅନୁଗୋଳ,୧।୧୨(ସମିସ)

ଅନୁଗୋଳ ଜିଲ୍ଲାର ବର୍ଦ୍ଧିତ ଜନସଂଖ୍ୟା ଏବଂ ଅପରାଧ ପରିସ୍ଥିତିକୁ ବିଚାରକୁ ନେଇ ଜିଲ୍ଲାରେ ଜନସାଧାରଣଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅନୁଗୋଳ ପୁଲିସ ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ ସୁରକ୍ଷା ସାଥୀ ଆରମ୍ଭ କରିଛି। ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କ ସହଯୋଗରେ ତଥା ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏହାର ନିୟନ୍ତ୍ରଣ କକ୍ଷ ସ୍ଥାପନ ହୋଇଛି। ଏସପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବ୍ୟବସ୍ଥାର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର ଉପସ୍ଥିତ ଥିଲେ। ଇ-ବିଟ୍ ପାଟ୍ରୋଲିଂ ପଦକ୍ଷେପ ସ୍ମାର୍ଟ ପୁଲିସିଂ ଦିଗରେ ପ୍ରମୁଖ ପଦକ୍ଷେପ। ଏହା ଆମ ପୁଲିସ ପାଟ୍ରୋଲିଂ କାର୍ଯ୍ୟରେ ଅଧିକ ଦାୟିତ୍ୱ, ସ୍ୱଚ୍ଛତା ଏବଂ ଦକ୍ଷତା ଆଣିବ। ଏହା ଜିଲ୍ଲାର ନାଗରିକଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ ବୋଲି ଆଇଜି ଭୋଇ ପ୍ରକାଶ କରିଥିଲେ। ଜିଲ୍ଲାର ସମସ୍ତ ୨୫ ଥାନା ଅଞ୍ଚଳର ପ୍ରମୁଖ ଅପରାଧ ପ୍ରବଣ ଅଞ୍ଚଳ, ଜନଗହଳିପୂର୍ଣ୍ଣ ଅଞ୍ଚଳ, ପର୍ଯ୍ୟଟନସ୍ଥଳ ଆଦିକୁ ଅନ୍ତର୍ଭୁକ୍ତ କରି ୧୩୩୧ଟି ଇ-ବିଟ ପୋଷ୍ଟ ଚୟନ କରାଯାଇଛି। ସେ ସବୁର ନିୟନ୍ତ୍ରଣ କକ୍ଷ ପୁଲିସ ଜିଲ୍ଲା କାର୍ଯ୍ୟାଳୟରେ ସ୍ଥାପନ ହୋଇଛି। ଏହି ନୂତନ ପଦକ୍ଷେପ ଅନୁଯାୟୀ, ପୁଲିସ କର୍ମଚାରୀମାନେ ପାଟ୍ରୋଲିଂ ସମୟରେ ବିଟ୍ ପୋଷ୍ଟକୁ ଯାଇ ଜିପିଏସ୍-ସକ୍ଷମ ଡିଭାଇସ୍ (ମୋବାଇଲ୍ ଫୋନ୍) ବ୍ୟବହାର କରି ଇ-ବିଟ୍ ଆପ୍ ମାଧ୍ୟମରେ ରିଅଲ୍-ଟାଇମ୍ ଡିଜିଟାଲ୍ ରିପୋର୍ଟିଂ କରିପାରିବେ। ଏହି ସିଷ୍ଟମ୍ ପୁଲିସ କର୍ମଚାରୀଙ୍କୁ ତତ୍କାଳ ତତ୍ତ୍ୱାବଧାନୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ସୂଚନା ଅଂଶୀଦାର କରିବାକୁ ସକ୍ଷମ କରିବ। ଫଳରେ ଜରୁରୀ ପରିସ୍ଥିତିରେ ଶୀଘ୍ର ନିଷ୍ପତ୍ତି ନିଆଯିବ ଏବଂ ସମୟୋଚିତ ହସ୍ତକ୍ଷେପ ଗ୍ରହଣ କରାଯିବ। ଏହା ଅନୁଗୋଳ ପୁଲିସର ଏକ ଅଭିନବ ପ୍ରୟାସ ଯାହା ସମ୍ବେଦନଶୀଳ ଏବଂ ଅଧିକ ଟ୍ରାଫିକ୍ ଅଞ୍ଚଳଗୁଡ଼ିକରେ ଏବଂ ପ୍ରବର୍ତ୍ତନ କାର୍ଯ୍ୟକଳାପ ସମୟରେ ୨୪ ଘଣ୍ଟିଆ ନଜର ରଖିବା ସୁନିଶ୍ଚିତ କରିବ କରିବ ବୋଲି ଏସପି ଜୈନ ସୂଚନା ଦେଇଛନ୍ତି। ଶେଷରେ ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ।



# କାମ ବନ୍ଦ କଲେ ଲୋକେ, ଭିଜିଲାନ୍ସ ତଦନ୍ତ ଦାବି

ରାଜକନିକା,୧।୧୨(ସମିସ)



ନିମ୍ନମାନର କାମ ହେଉଛି। ଠ' ଠ' କରି ଅତି ତରବରିଆ ଭାବରେ କାମ ସାରିଦେବାକୁ ଠିକାଦାର ତତ୍ପରତା ଦେଖାଉଛନ୍ତି। ୬ କିମି ରାସ୍ତା କାମ ନିମ୍ନମାନର ହେଉଛି। ଅଞ୍ଚଳବାସୀଙ୍କୁ ଭୁଆଁ ବୁଲେଇ ଠିକାଦାର, ବିଭାଗୀୟ ଅଧିକାରୀ ମିଳିମିଶି ଲୁଟୁଛନ୍ତି ବୋଲି ଅଭିଯୋଗ କରି ସୋମବାର ରାସ୍ତା କାମ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି ଲୋକେ। ଯେନତେନ କାମ କରି ଟଙ୍କା ହଡ଼ପ କରୁଥିବାରୁ ଭିଜିଲାନ୍ସ ତଦନ୍ତ ଦାବି ମଧ୍ୟ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ, ଜିଲ୍ଲାପାଳ, ମୁଖ୍ୟଯନ୍ତ୍ରୀ (ରାସ୍ତା), ଗୁଣବତ୍ତା ମୁଖ୍ୟ ଯନ୍ତ୍ରୀଙ୍କୁ ଭେଟି ଗୁହାରି କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ରାଜକନିକା ବ୍ଲକ ଚନ୍ଦନପୋଖରୀ ଛକରୁ ପେଗରପଡ଼ା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ଠିକାଦାରଙ୍କ ମନମାନି ଯୋଗୁଁ ନିମ୍ନମାନର କାମ ହେଉଛି ବୋଲି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇ ପଦ୍ମ ପୋଖରୀ ପାଖରେ ରାସ୍ତାକାର୍ଯ୍ୟ ବନ୍ଦ କରାଯାଇଛି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ଯାଏ ନିର୍ମାଣ କାର୍ଯ୍ୟ ଠପ୍ ହୋଇଥିଲା। ହେଲେ ବନ୍ଦ କରିଥିବା ଲୋକେ ମଧ୍ୟାହ୍ନଭୋଜନ କରିବାକୁ ଆସିଥିବା ବେଳେ ଠିକାଦାର କାମ ଆରମ୍ଭ କରିବାରୁ କିଛି ସମୟ ପାଇଁ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା।

ଅଭିଯୋଗ ଅନୁଯାୟୀ ରାଜକନିକା ବ୍ଲକକୁ ଯୋଡୁଥିବା ଏହି ରାସ୍ତା ସମଗ୍ର ବ୍ଲକର ଜୀବନରେଖା କୁହାଯାଉଥିବା ବେଳେ ଦୁଇବର୍ଷ ହେବ ବିଭାଗୀୟ ଅପାରଗତା ଯୋଗୁଁ ଲୋକେ ଭୀଷଣ ଭାବେ ପ୍ରଭାବିତ ହେଉଥିଲେ। ବିଭିନ୍ନ ସମୟରେ ରାସ୍ତାର ଦୁରବସ୍ଥା ଯୋଗୁ ଜୀବନ ଯାଇଛି। କେତେକ ଖଣ୍ଡିଆଖାବରା ବି ହୋଇ ପଙ୍ଗୁ ହୋଇଛନ୍ତି। ଏଥିପାଇଁ ଅଞ୍ଚଳବାସୀଙ୍କ ଦାବି, ଆନ୍ଦୋଳନ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ରାସ୍ତାର ସ୍ଥାୟିତ୍ୱ ପ୍ରତି ଧ୍ୟାନ ନ ଦେଇ ଠିକାଦାର ମନଇଚ୍ଛା କାମ କରୁଥିବାରୁ କମ୍ ଦିନରେ ଭାଙ୍ଗିରୁଜି ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅକ୍ସଫୋର୍ଡ ସ୍କୁଲ ପାଖରୁ ଗ୍ରାମ୍ୟ ବ୍ୟାଙ୍କ ପିଚୁ କାମରେ ଜଳ ଜଳ ହୋଇ ଦୋଷ ଦୁର୍ବଳତା ପଦାରେ ପଡ଼ିଛି। ରାତିରେ ପିଚୁ କାମ ହୋଇଥିବା ବେଳେ ସକାଳେ ପିଚୁ ବାହାରି ଯାଇଛି। ସେଇଭଳି ଓଳାଭର ବଜାର ତାରିଣୀ ଛକ ପିଚୁକାମ ବି ଆହୁରି ବିଗିଡ଼ି ଯାଇଛି। ଏଠାରେ ପତଳା ପିଚୁ ଢଳାଯାଇଥିବାରୁ ତାହା ବି ଖୁବ୍‌ଶୀଘ୍ର ବାହାରିଯିବ ବୋଲି ଆଶଙ୍କା କଲେଣି ଲୋକେ। ସବୁଠାରୁ ଚକିତ କଲା ଭଳି କଥା ହେଉଛି ଯେ ତାରିଣୀ ଛକ ଭଳି ଏକ ବ୍ୟସ୍ତବହୁଳ ସ୍ଥାନ ଉଭୟ ବଳରାମପୁର ଓ ଓଳାଭର ପଞ୍ଚାୟତ ଅନ୍ତର୍ଗତ ଥିଲେ ବି ପିଚୁ କାମର ଏଭଳି ବିକଳ ସ୍ଥିତି ପ୍ରତି କାହାର ଟିକିଏ ଆନ୍ତରିକତା ନ ଥିବାରୁ ଠିକାଦାର ପ୍ରୀତି ବାରି ହୋଇପଡୁଛି। ତେବେ ଆଜି ଏଠାରେ ସଞ୍ଜ ଯାଏ କାମ ବନ୍ଦ ରହିଥିଲା। ଏମିତିକି ଠିକାଦାରଙ୍କ ପ୍ରତି ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗ ଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଫଳରେ କାମର ମାନ ସମ୍ପୂର୍ଣ୍ଣ ରସାତଳକୁ ଚାଲିଯାଇଛି ବୋଲି ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ଚନ୍ଦନପୋଖରୀ ଛକରୁ ପେଗରପଡ଼ା ଯାଏ ୬ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୮ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ତା' ମଧ୍ୟରେ ରାସ୍ତା ଦୁଇ ପାଖ ଦେଢ଼ ମିଟର ଲେଖାଏଁ ଚଉଡ଼ା ହେବାର ଥିଲେ ବି ବନ ବିଭାଗ ସହ ସମ୍ବନ୍ୱୟ ଅଭାବରୁ ଏବେ କିନ୍ତୁ ଦେଢ଼ ଫୁଟ ଚଉଡ଼ା ହୋଇଥିବାରୁ ଏଥିରେ ବ୍ୟାପକ ଅର୍ଥ ହଡ଼ପ ହେବ ବୋଲି ଜଳ ଜଳ ଦିଶୁଛି। ତୁରନ୍ତ ବିଭାଗୀୟ ମୁଖ୍ୟଯନ୍ତ୍ରୀ (ରାସ୍ତା), ଗୁଣବତ୍ତା ମୁଖ୍ୟଯନ୍ତ୍ରୀ (ରାସ୍ତା) ସରଜମିନ ତଦନ୍ତ କରି ପଦକ୍ଷେପ ନେବାକୁ ଗ୍ରାମର ବିଜୟ କୁମାର ସାହୁ, ପ୍ରିୟରଞ୍ଜନ ନାୟକ, ଅରବିନ୍ଦ ମଥାନ, ଲିପୁନ ସାହୁ, ରଞ୍ଜିତ ପାଗଳ, ଗୋଲେଖ ପାତ୍ର, ମୁନୁ ସାହୁ, ରାଜେନ୍ଦ୍ର ଦାସ ପ୍ରମୁଖ ଦାବି କରିଛନ୍ତି।

## ପାଟକୁରା ଆରଡି କାର୍ଯ୍ୟାଳୟ ଦୁର୍ନୀତିର ଦୁର୍ଗ



- ମାସ ମାସ ଝୁଲିଛି ତାଲା
- ଅଟକିଯାଇଛି ବିକାଶ କାମ

ଗରଦପୁର,୧।୧୨(ସମିସ): ଗରଦପୁର ଅଞ୍ଚଳରେ ଥିବା ପାଟକୁରା ଆରଡି କାର୍ଯ୍ୟାଳୟ ଏବେ ଦୁର୍ନୀତିର ଦୁର୍ଗରେ ପରିଣତ ହୋଇଛି। ଯେଉଁ କାର୍ଯ୍ୟାଳୟରୁ ଅଞ୍ଚଳର ବିକାଶ ନିୟନ୍ତ୍ରିତ ହେବା କଥା, ସେଠାରେ ଏବେ ତାଲା ଓ ଅବ୍ୟବସ୍ଥା ଦେଖାଯାଉଛି। ମାସ ମାସ କାର୍ଯ୍ୟାଳୟ ଖୋଲୁନି। ଲୋକେ କାମ ପାଇଁ ଆସୁଛନ୍ତି, କିନ୍ତୁ ସମ୍ମୁଖରେ ରହିଛି ତାଲା ଓ ନିରବତା। ଅଞ୍ଚଳର ବିକାଶ କଥା ବୁଝିବା ଲୋକ କେହି ନାହିଁ। ସବୁଠାରୁ ଚିନ୍ତାଜନକ କଥା ହେଲା ଯେ କନିଷ୍ଠ ଯନ୍ତ୍ରୀଙ୍କୁ ମଧ୍ୟ କାର୍ଯ୍ୟାଳୟରେ ଦେଖିବାକୁ ମିଳୁନି। ଜଣେ ଜେଇ ଏକାସାଙ୍ଗରେ କୋରୁଆ ଏବଂ ପାଟକୁରା ଦାୟିତ୍ୱରେ ଥିବାରୁ ବିକାଶ କାମର ଗୁଣମାନ, ଗତି, ନଜରଦାରି ସବୁ ଦିଆଯାଇଛି ଭାଗ୍ୟର ଉପରେ। ସ୍ଥାନୀୟ ଲୋକେ କହୁଛନ୍ତି 'ଏହି କାର୍ଯ୍ୟାଳୟ ଆଜି ପୂରା ଦୁର୍ନୀତିର ଗନ୍ତାଘର। ଯଦି ତଦାରଖ ହେଉନି, କାମ କରିବାର ଉଦ୍ଦେଶ୍ୟ କ'ଣ?' ଅଞ୍ଚଳରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ, ଅସ୍ପଷ୍ଟ ବ୍ୟୟ, ଏବଂ ଅସମ୍ପୂର୍ଣ୍ଣ ରାସ୍ତା ବ୍ରିଜଗୁଡ଼ିକ ପଛରେ ରହିଛି ଏହି ଅବ୍ୟବସ୍ଥିତ କାର୍ଯ୍ୟାଳୟ। ତେବେ ଏ ସବୁ ପ୍ରଶାସନ ନଜରରେ ପଡୁନି ନା ଇଚ୍ଛାକୃତ ଭାବେ ଚୁପ୍ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

- ଶ୍ରମ କାର୍ଯ୍ୟାଳୟରେ ଆଖିବୁଜା ଦୁର୍ନୀତି

## ୭ ହଜାରର କର୍ମଚାରୀ ୭ କୋଟିର ମାଲିକ

କେନ୍ଦ୍ରାପଡ଼ା,୧।୧୨(ସମିସ): ଶ୍ରମ କାର୍ଯ୍ୟାଳୟରେ ଲମ୍ବା ସମୟ ଧରି ଚାଲିଥିବା ଦୁର୍ନୀତିର ଧୀରେ ଧୀରେ ଗୁମର ଖୋଲୁଛି। ଶ୍ରମ କାର୍ଡ ପ୍ରଦାନ ନାଁରେ ଲୋକଙ୍କଠାରୁ ୩ ହଜାରରୁ ୫ ହଜାର ଟଙ୍କା ଅବୈଧ ଆଦାୟ ହେଉଥିବା ଅଭିଯୋଗ ଫୋନ ପେ' ସ୍କ୍ରିନ ସଟ୍‌ରୁ ପ୍ରମାଣିତ ହୋଇଛି। ଏହି ରାକେଟରେ କେବଳ ଜଣେ ନୁହେଁ ଅନେକ କର୍ମଚାରୀଙ୍କ ସାମିଲ ଥିବା ପ୍ରମାଣ ମିଳିଛି। ଶ୍ରମ କାର୍ଡ ପାଇଁ ଆଦାୟ ହେଉଥିବା ଅର୍ଥ ଏଜେନ୍ସି ମାଧ୍ୟମରେ କରାଯାଏ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ଶତାଧିକ ଏଜେନ୍ସି ଫିଟ୍ କରାଯାଇଛି। ଶ୍ରମ ବିଭାଗ ପାଇଁ ଚୟନିତ ଏଜେନ୍ସିମାନେ ନିଜକୁ ଅନୌପଚାରିକ 'ଦଲାଲ' ରୂପେ ପରିଣତ କରିଛନ୍ତି। ଶ୍ରମିକ କାର୍ଡ ପାଇଁ ଆବେଦକଙ୍କୁ ସେମାନେ ଟଙ୍କା ଦେବାକୁ ବାଧ୍ୟ କରୁଛନ୍ତି। ଶ୍ରମ କାର୍ଯ୍ୟାଳୟରେ ନିଯୁକ୍ତ ଜଣେ ଆଉଟସୋର୍ସିଂ କର୍ମଚାରୀଙ୍କ ମାସିକ ଦରମା ୭ ହଜାର ଟଙ୍କା ହୋଇଥିବା ବେଳେ ତାଙ୍କ ନାମରେ ଦୁଇଟି ଦାମୀ ହୋଣ୍ଡା ସିଟି କାର, କେନ୍ଦ୍ରାପଡ଼ା, ଭୁବନେଶ୍ୱର, କେନ୍ଦୁଝରରେ ବହୁ ଫ୍ଲାଟ୍ ଓ ପ୍ଲଟ୍ ଆଦି ଆନୁମାନିକ ୭ କୋଟିରୁ ଅଧିକ ଟଙ୍କା ଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜାଣିବାକୁ ମିଳିଛି। ଏହି ଆଉଟସୋର୍ସିଂ କର୍ମଚାରୀ ଆଦାୟ ଟଙ୍କାର କିଛି ଅଂଶ ରଖୁଥିଲେ। ଅବଶିଷ୍ଟ ମୋଟା ଅଙ୍କ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ପାଖରେ ପହଞ୍ଚୁଥିଲା। ଯଦି ୭ ହଜାର ଟଙ୍କା ଦରମାର କର୍ମଚାରୀ ୭ କୋଟିର ମାଲିକ, ଆଦାୟ ରାଶିର ସିଂହଭାଗ ନେଇଥିବା ଅଧିକାରୀଙ୍କ ସମ୍ପତ୍ତି ପରିମାଣ କେତେ ହେବ ତାହା ତାହା ବଡ଼ ପ୍ରଶ୍ନଚିହ୍ନ ଛିଡ଼ା କରିଛି। ଏନେଇ 'ସକାଳ'ରେ ଖବର ପ୍ରକାଶ ପରେ ମଧ୍ୟ ପ୍ରଶାସନର ନିରବତା ଚକିତ କରିଛି। ଏଜେନ୍ସି ମାଧ୍ୟମରେ ଟଙ୍କା ଆଦାୟ, କୋଟି କୋଟିର ସମ୍ପତ୍ତି, ଅଧିକାରୀଙ୍କ ନାମ ସହ ଟ୍ରାଞ୍ଜାକ୍ସନ ଜଡ଼ିତ ହେବା ଯୋଗୁଁ ଜିଲ୍ଲାର ଏହା ଏକ ବଡ଼ ଘୋଟାଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏନେଇ ଭିଜିଲାନ୍ସ, ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଡେରାବିଶରେ ପ୍ରଦୂଷଣ ବଢ଼ାଉଛି ଇଟାଭାଟି ଧୂଆଁ



ଡେରାବିଶ,୧।୧୨(ସମିସ): ଦୀର୍ଘବର୍ଷ ହେବ ଡେରାବିଶ ତହସିଲ ଅଞ୍ଚଳରେ ବେଆଇନ ଇଟାଭାଟି ବ୍ୟବସାୟ କୁଟୀର ଶିଳ୍ପରେ ପରିଣତ ହୋଇଛି। ଲାଭଖୋର ଇଟା ମାଫିଆମାନେ ଏହି କାର୍ଯ୍ୟକୁ ଜୋରସୋର ଚଳାଇଛନ୍ତି। ଏହାକୁ ବନ୍ଦ କରିବା ପାଇଁ ତହସିଲ ଅଧୀନ ବହୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ପ୍ରଶାସନିକ ସ୍ଥାଣୁତା ଇଟାବେପାରକୁ ସୁହାଉଥିବା ବେଳେ ଇଟା ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ହୋଇ ଚାଲିଛି। ଏଥିରେ ତୁରନ୍ତ ରୋକ୍ ଲଗାଇବା ପାଇଁ ପାରାଦୀପସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳ ତହସିଲଦାରମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଡେରାବିଶ ତହସିଲଦାର ତହସିଲ ଅନ୍ତର୍ଗତ ସମସ୍ତ ମାଟିଇଟା ପକାଇ ଭାଟି ପୋଡୁଥିବା ମାଲିକମାନଙ୍କୁ ଏଥିରୁ ନିବୃତ ରହିବା ପାଇଁ ନୋଟିସ୍ କରିଥିଲେ। ଏଥିସହ ଏହି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ତହସିଲଦାର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲଦାର ମଧ୍ୟ ଡେରାବିଶ, କେନ୍ଦ୍ରାପଡ଼ା ସଦର ଓ ନିକିରାଇ ଥାନା ଅଧିକାରୀଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ଜଣାଇଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ତହସିଲଦାର ପରାମର୍ଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶକୁ ଇଟାଭାଟି ମାଲିକମାନେ ଖୋଲା ଖୋଲି ଉଲ୍ଲଂଘନ କରିବା ସହ ଇଟା ପକାଇବାରୁ ନିବୃତ ରହୁ ନ ଥିବା ଦେଖିବାକୁ ମିଳିଛି। ଏ ବିଷୟରେ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାକୁ ଡେରାବିଶ ତହସିଲରେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସବୁ ପଦକ୍ଷେପ ନିଆଯାଇଛି। ଯଦି କୌଣସି ଇଟାଭାଟି ମାଲିକ ବେଆଇନ ଭାବେ ଏଭଳି କାର୍ଯ୍ୟ କରୁଥାନ୍ତି ତେବେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଭାଟିଗୁଡ଼ିକୁ ନଷ୍ଟ କରିଦିଆଯିବ ବୋଲି ନାୟକ ସୂଚନା ଦେଇଛନ୍ତି।

**ନିର୍ଦ୍ଦେଶନାମାକୁ ଖୋଲା ଉଲ୍ଲଂଘନ କରୁଛନ୍ତି ଭାଟି ମାଲିକ**

## ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ଶିବିର



**୨୦୬ ଅଭିଯୋଗ ପଞ୍ଜୀକୃତ**

କେନ୍ଦ୍ରାପଡ଼ା,୧।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, କେନ୍ଦ୍ରାପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୨୦୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରେ ୧୮୪ଟି ବ୍ୟକ୍ତିଗତ ଏବଂ ୨୨ଟି ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ

ଡେରାବିଶ,୧।୧୨(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ସୋମବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଭସ୍ମୀଭୂତ ହୋଇଛି। ଗ୍ରାମର ସୁଧାଂଶୁ ଉପାଧ୍ୟାୟଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ସମଗ୍ର ଘରକୁ ବ୍ୟାପିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ସମ୍ଭବ ହୋଇ ନ ଥିଲା। ଖବର ପାଇ ଡେରାବିଶ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ



କରିଥିଲେ। ହେଲେ ସେତେବେଳକୁ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାର ଏବେ ସର୍ବସ୍ୱ ହରାଇ ଖୋଲା ଆକାଶ ତଳେ ପଡ଼ିରହିଥିବା ବେଳେ ସମାଜସେବୀ ଗଗନ ଧଳ ପହଞ୍ଚି ସମବେଦନା ପ୍ରକାଶ କରିବା ସହ ସରକାରୀ ସହାୟତା ପ୍ରଦାନ ନିମନ୍ତେ ତହସିଲଦାରଙ୍କୁ ଅବଗତ କରିଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି।

## ଶିକ୍ଷକଙ୍କୁ ନିଆରା ଅବସର ସମ୍ବର୍ଦ୍ଧନା



**୫୦୦ ବାଇକ୍ ଶୋଭାଯାତ୍ରାରେ ୨ ପଞ୍ଚାୟତ ବୁଲାଇଲେ**

ରାଜନଗର,୧।୧୨(ସମିସ): ରାଜନଗର ବ୍ଲକ ବାଘମାରୀସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଦଲ କୁମାର ପରିଡ଼ାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପରେ ଖୋଲା ଗାଡ଼ିରେ ତାଙ୍କୁ ବସାଇ ତାଳଚୁଆ ଓ ବାଘମାରୀ ପଞ୍ଚାୟତ ବୁଲାଇଥିଲେ ପୁରାତନ ଛାତ୍ରଛାତ୍ରୀ। ୫୦୦ରୁ ଉର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ପ୍ରିୟ ଶିକ୍ଷକଙ୍କୁ ୨ ପଞ୍ଚାୟତ ବୁଲାଇବା ସହ ବାଟସାରା ଅଞ୍ଚଳବାସୀ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜନଗର ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ମୁଖ୍ୟଅତିଥି ଭାବେ ନାଗ ନାରାୟଣ କଲେଜ ଅଧ୍ୟକ୍ଷ ମାନସ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଶିକ୍ଷକ ମାନସ ଧଳ, ନରହରି ମଣ୍ଡଳ, ବିଜୟ ପ୍ରଧାନ, ଲକ୍ଷ୍ମଣ ଖୁଣ୍ଟିଆ, ବାଇଧର ସାର, ଅଜିତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଥମ ପରିଚାଳନା କମିଟି ସଦସ୍ୟ ସୁକୁମାର ମାଇତି, ଲକ୍ଷ୍ମୀକାନ୍ତ ଜେନା, ପଞ୍ଚସଖା ପରିଚାଳନା କମିଟି ସଭାପତି ରାମକୃଷ୍ଣ ମାଇତି ଉପସ୍ଥିତ ଥିଲେ। ୧୯୮୫ରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ପୁରାତନ ଛାତ୍ରଛତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟର କୁନି ପିଲାଙ୍କ ଦ୍ୱାରା ଗୁରୁବନ୍ଦନା ନୃତ୍ୟ ପରିବେଷଣ କରାଯାଇଥିଲା। ବିଦାୟୀ ପ୍ରଧାନଶିକ୍ଷକ ପରିଡ଼ା ନିଜ ଅଭିଭାଷଣରେ ଗୀତଗାଇ ସମସ୍ତଙ୍କୁ ଭବବିହ୍ୱଳ କରିଥିଲେ। ଶେଷରେ ପୁରାତନ ଛାତ୍ରସଂସଦ, ରାଜନଗର ବ୍ଲକ ଶିକ୍ଷକ ସଂଘ, ତାଳଚୁଆ କ୍ଲଷ୍ଟର, ଦୋଳସାହି କ୍ଲଷ୍ଟର୍ ତଥା ବହୁ ବ୍ୟକ୍ତି ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଅସ୍ମିତା ଖେଳ ଇଣ୍ଡିଆ ଦୌଡ଼କୁଦ ପ୍ରତିଯୋଗିତା ଉଦଯାପିତ

କେନ୍ଦ୍ରାପଡ଼ା,୧।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଖେଳ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ବାଳିକା ବିଭାଗ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ. ଆର. ଆୟର ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ୧୪ ବର୍ଷରୁ କମ୍ ବର୍ଗରେ ୬୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ଜାଭଲିନ ଥ୍ରୋ, ୧୬ ବର୍ଷରୁ କମ୍ ବର୍ଗରେ ୬୦ ମିଟର ଦୌଡ଼, ୬୦୦ ମିଟର ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟ୍‌ପୁଟ୍, ଜାଭଲିନ ଥ୍ରୋ ଓ ଡିସକସ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୨୫୦ ବାଳିକା ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅୟଦ ଅକମଲ ଅଲ୍ଲୀ କ୍ରୀଡ଼ା ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ସରକାରୀ ହଷ୍ଟେଲରେ ସ୍ଥାନ ପାଇପାରନ୍ତି ବୋଲି ସେ କହିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପଦକ ପ୍ରଦାନ କରାଯାଇଥିଲା। ଅଫିସିଆଲ୍ ଭାବେ ପ୍ରକାଶ ଦାସ, ଶଶାଙ୍କ ସାହୁ, ମନୋଜ ସାହୁ, ସସ୍ମିତା ପଣ୍ଡା, ଦେବେନ୍ଦ୍ର ସାହୁ, ଉମାକାନ୍ତ କର, ସୁହାନା ପରମିନ୍, ମାମୁନି ଦାସ, ସ୍ୱାସିତା, ଜ୍ୟୋତି ପଙ୍କଜ ଦାସ ଖେଳ ପରିଚାଳନା କରିଥିଲେ। ଓଡ଼ିଶା କୋଚ୍ ଦୀପିକା ମହାପାତ୍ର, ଅତୁଲ କୁମାର କ୍ରୀଡ଼ା ବିଭାଗ ତରଫରୁ ଯୋଗଦେଇଥିଲେ।



## ଟ୍ରଲର ଜବତ; ୧୧ ମତ୍ସ୍ୟଜୀବୀ ଗିରଫ



ରାଜନଗର,୧।୧୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୧୧ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ମାରୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ଅଞ୍ଚଳର ମା' ଉର୍ବଶୀ-୨ ନାମକ ଟ୍ରଲରକୁ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ସୁଧୀର ମଣ୍ଡଳ, ଅଜୟ ମଣ୍ଡଳ, ସପନ ଭୁୟାଁ, ଦୁଲାଲ ମାଇତି, ନନ୍ଦଗୋପାଳ ମଣ୍ଡଳ, ଦିବାକର ମଣ୍ଡଳ, ବାସୁଦେବ ମଣ୍ଡଳ, ରଞ୍ଜିତ ମଣ୍ଡଳ, ବଳରାମ ମାନା, ସୁରେନ୍ଦ୍ର ବେହେରା ଓ ଅଜୟ ବାରା। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଟ୍ରଲରରେ ଥିବା ଗୋଟିଏ ଜିପିଏସ, ୪ଟି ଭିଏଚଏଫ, ଟ୍ରଲିଂ ନେଟ ୧୬ଟି, ୧୫.୭୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଗହୀରମଥା ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏହି ଟ୍ରଲର ଜବତ କରିଥିଲେ।

# ବଳଭଦ୍ରପୁରରେ ଚାଲିଛି ଅବୈଧ ପାଣି ପାଉଚ କାରଖାନା


ପଟ୍ଟାମୁଣ୍ଡାଇ,୧।୧୨(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତରେ ଚାଲିଛି ଅବୈଧ ପାଣି ପାଉଚ କାରଖାନା। ଜଣେ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ ଘରେ ସନ୍ ଆକ୍ୱା ନାମରେ ପାଣି ପାଉଚ କାରଖାନା ଚାଲିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେଲା ଉକ୍ତ ଜନପ୍ରତିନିଧିଙ୍କ ଘରେ ପାଣି ପାଉଚ ପ୍ଲାଣ୍ଟରେ ଅବୈଧ ଭାବେ ପ୍ରସ୍ତୁତ ପାଣି ପାଉଚ ପଟ୍ଟାମୁଣ୍ଡାଇଠାରୁ ରାଜନଗର ତାଳଚୁଆ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ଦୋକାନୀଙ୍କୁ ଯୋଗାଇ ଦିଆଯାଉଛି। କେବଳ ଦୋକାନୀ ନୁହେଁ ଦୁଇଟି ଯାକ ବ୍ଲକରେ ଅନୁଷ୍ଠିତ ହେଉଥିବା ସଭାସମିତି, ଭୋଜିଭାତ କାର୍ଯ୍ୟକ୍ରମକୁ ମଧ୍ୟ ବହୁ ପରିମାଣରେ ଏହି ପାଣି ପାଉଚ ଯୋଗାଇ ଦେଇ ଉତ୍ପାଦନକାରୀ ଲକ୍ଷ ଲକ୍ଷ ଟଙ୍କା ଲାଭ କରୁଥିବା ବେଳେ ଏହାକୁ ବ୍ୟବହାର କରୁଥିବା ଲୋକେ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହେଉଛନ୍ତି। ଏବେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଅଧିକାଂଶ ଭୋଜିଭାତରେ ବାଧ୍ୟତାମୂଳକ ଭାବେ ହାତରେ ପାଣି ପାଉଚ ଧରାଇ ଦିଆଯାଉଥିବାରୁ ଜନସାଧାରଣ ଅନ୍ୟ ଉପାୟ ନ ପାଇ ଏହି ପାଉଚ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଖାଦ୍ୟ ନିରାପତ୍ତା ବିଭାଗ ସବୁ ଜାଣି ଦୀର୍ଘଦିନ ହେଲା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ ବସିଥିବାରୁ ଅବୈଧ ଉତ୍ପାଦନକାରୀ ଏବଂ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ସନ୍ଦେହ କରାଯାଉଛି।

**ସବୁ ଜାଣି ଚୁପ୍ ବସିଛି ଖାଦ୍ୟ ନିରାପତ୍ତା ବିଭାଗ**

ପାଣି ପାଉଚ୍ ପ୍ରିଣ୍ଟ କରିବା ସମୟରେ ଅନୁପାଳନ ଏବଂ ଗ୍ରାହକଙ୍କ ବିଶ୍ୱାସ ସୁନିଶ୍ଚିତ କରିବା ପାଇଁ ସରକାରୀ ନିୟମ ଓ ଆଇନର ସମସ୍ତ ସୂଚନା ଅନ୍ତର୍ଭୁକ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଉତ୍ପାଦର ଉତ୍ପତ୍ତି ଏବଂ ବ୍ୟାଚ୍ ନମ୍ବର ଲେଖିବା, ଉତ୍ପାଦରେ ବ୍ୟବହୃତ ସମସ୍ତ ଉପାଦାନର ଏକ ସ୍ପଷ୍ଟ ତାଲିକା, ଉତ୍ପାଦର ସତେଜତା ଏବଂ ସୁରକ୍ଷା ଟ୍ରାକ୍ କରିବା ପାଇଁ ଉତ୍ପାଦନର ତାରିଖ ଲେଖାଯିବା ସହିତ ମିଆଦ ଶେଷ ତାରିଖ ଲେଖାହେବା ନିହାତି ଜରୁରୀ। ଏଥିରେ ନିର୍ମାତାଙ୍କ ନାମ, ଠିକଣା ଏବଂ ଯୋଗାଯୋଗ ସୂଚନା ଅନ୍ତର୍ଭୁକ୍ତ। ଉତ୍ପାଦର ସହଜ ଚିହ୍ନଟ ଏବଂ ଟ୍ରାକିଂ ପାଇଁ ବାରକୋଡ୍ ମୁଦ୍ରଣର ଆବଶ୍ୟକତା ମଧ୍ୟ ରହିଛି। ଆଇନଗତ ଅନୁପାଳନ ଏବଂ ଗ୍ରାହକ ସୁରକ୍ଷା ପାଇଁ ଏହି ଉପାଦାନଗୁଡ଼ିକ ଅତ୍ୟାବଶ୍ୟକ। କିନ୍ତୁ ସନ୍ ଆକ୍ୱା ନାମରେ ପ୍ରସ୍ତୁତ ଏହି ପାଣି ପାଉଚ ଉପରେ ଉତ୍ପାଦନର ତାରିଖ, ବ୍ୟାଚ ନମ୍ବର, ବାରକୋଡ୍, ବିଆଇଏସ କିମ୍ବା ଆଇଏସଆଇ ଚିହ୍ନ ନ ଥାଇ ଉତ୍ପାଦନକାରୀ ଦୀର୍ଘଦିନ ହେଲା ଏହାର ଉତ୍ପାଦନ କରିବା ସହ ଦୁଇ ଦୁଇଟି ବ୍ଲକ ଅଞ୍ଚଳରେ ବିକ୍ରି ଜାରି ରଖିଛନ୍ତି। ସରକାର ଏହି ଅବୈଧ ପାଣି ପାଉଚ କାରଖାନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ସମ୍ପାଦକୀୟ



ନ୍ୟାୟର ଅର୍ଥ ବିବେକ, କିନ୍ତୁ ବ୍ୟକ୍ତିଗତ ନୁହେଁ, ସାରା ମାନବଜାତିର ବିବେକ !
-ଆଲେକଜାଣ୍ଡର ସୋଲଝେନିତସିନ

ସକାଳ
THE SAKALA

## ସମୃଦ୍ଧିର ନୂଆ ଦିଗନ୍ତ

ଦେଶର ଅର୍ଥନୀତି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗତିଶୀଳତାର ଶିଖର ଛୁଇଁବାକୁ ଯାଉଛି। ଏହା ସ୍ପଷ୍ଟ ହୋଇଛି ଅର୍ଥନୀତିର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରୁ। ୨୦୨୫-୨୬ ଆର୍ଥିକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ମୋଟ ଘରୋଇ ଉତ୍ପାଦନ ୮.୨ ପ୍ରତିଶତ ଭଳି ଉଚ୍ଚ ଅଙ୍କରେ ଅଭିବୃଦ୍ଧି ହାସଲ କରିଛି। ଏସଂକ୍ରାନ୍ତରେ ସବୁ ଅର୍ଥନୀତିଜ୍ଞ ଏପରିକି ରିଜର୍ଭ ବ୍ୟାଙ୍କ ଆକଳନ ଭୁଲ ପ୍ରମାଣିତ ହେଇଛି। ଯେତେଦୂର ମନେ ହୁଏ ଚଳିତ ଆର୍ଥିକ ବର୍ଷର ହାରାହାରି ଜିଡିପି ୭ ପ୍ରତିଶତ ଅତିକ୍ରମ କରିବ। ସୂଚନାଯୋଗ୍ୟ ଯେ ପୂର୍ବ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରେ ଜିଡିପି ହାର ୫.୬ ପ୍ରତିଶତ ନେଇ ବିଭିନ୍ନ ମହଲରେ ଯେଉଁ ନୈରାଶ୍ୟ ସୃଷ୍ଟି ହୋଇଥିଲା ସେଥିରୁ ବର୍ତ୍ତିବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପରୁ ସୁଫଳ ମିଳିଛି। ଆଗାମୀ ଦିନରେ ବିଶ୍ୱରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପୂର୍ବଭଳି ବଜାୟ ରଖିବ। ଆସନ୍ତା ଅର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ଦେଶ ୫ଟ୍ରିଲିୟନ ଅର୍ଥନୀତିର ମାନ୍ୟତା ହାସଲ କରିବା ସହ ପରବର୍ତ୍ତୀ ଦୁଇବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ଅର୍ଥନୀତି ହେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ଏହି ଗତିଶୀଳତା ଜାରି ରହିଲେ ପୂରଣ ହେବା କିଛି ବିଚିତ୍ର ନୁହେଁ।

ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଏହି ରିପୋର୍ଟ ଅନୁଯାୟୀ ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୯.୧, ନିର୍ମାଣରେ ୭.୨ ଏବଂ ଆର୍ଥିକ, ରିଅଲ ଇଷ୍ଟେଟ୍, ପେସାଦାର ସେବା ଅଭିବୃଦ୍ଧି ହାର ୧୦.୨ ପ୍ରତିଶତ ହୋଇଛି। ତେବେ କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୩.୫ ପ୍ରତିଶତରେ ସୀମିତ ରହିଛି। ଦର୍ଶାଯାଇଥିବା ଏହି ହିସାବରୁ ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ଆକଳନ କରାଯାଇପାରେ। ଏହି ପରିସଂଖ୍ୟାନ ଆଧାରରେ ରିଜର୍ଭବ୍ୟାଙ୍କ ଆଗାମୀ ଦିନରେ ମୁଦ୍ରା ପ୍ରଚଳନକୁ ଅଧିକ ମୁକ୍ତ କରିବା ସମ୍ଭାବନା ଅଛି। ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କ ଋଣଗ୍ରହୀତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବେ। ଅର୍ଥନୀତିର ଏହି ଅନୁକୂଳ ଦିଗ ସଂପର୍କରେ ତର୍ଜମା କଲା ବେଳେ ସ୍ୱତଃ ମନରେ ଉଙ୍କିମାରେ ବିଶ୍ୱ ବାଣିଜ୍ୟ କାରବାରରେ ପରିଲକ୍ଷିତ ଶିଥିଳତାକୁ ଲକ୍ଷ୍ୟ କରି ଏକ ଭୟାଙ୍କର ମାନ୍ଦାବସ୍ଥା ମାଡ଼ି ଆସୁଛି ବୋଲି ଅର୍ଥନୀତି ବିଶାରଦମାନେ ସତର୍କ କରାଇଛନ୍ତି। ଆମ ଦେଶର ପରିସ୍ଥିତି ସେଭଳି ସକାରାତ୍ମକ ସ୍ଥିତିରେ ନାହିଁ ଯେ ପରିଲକ୍ଷିତ ବାଣିଜ୍ୟ ନିଅଣ୍ଟିକୁ ଏତେ ସହଜରେ ଅତିକ୍ରମ କରି ହେବ। ତେଣୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଦର୍ଶାଇଥିବା କେତେକ ତ୍ରୁଟିକୁ ଏଡ଼ାଇଯିବା ଏତେ ସହଜ ନୁହେଁ। ଦେଶର ଜାତୀୟ ଆକାଉଣ୍ଟ ତଥ୍ୟର ଆକଳନକୁ ମୁଦ୍ରାପାଣ୍ଠି ସି ଗ୍ରେଡ ଦେଇଛି। ସେମାନଙ୍କ କହିବା କଥା ହେଲା, ଜିଡିପି ଓ ଜିଭିଏ ଭଳି ପ୍ରମୁଖ ପରିସଂଖ୍ୟାନ ନିର୍ଦ୍ଧାରଣରେ ଜାତୀୟ ଆକାଉଣ୍ଟର ପଦ୍ଧତିଗତ ତ୍ରୁଟି ରହିଛି। ସେହିଭଳି ଉପଭୋକ୍ତା ମୂଲ୍ୟସୂଚକାଙ୍କ ନିର୍ଦ୍ଧାରଣ ପ୍ରକ୍ରିୟାକୁ ମଧ୍ୟ ବି ଗ୍ରେଡ ଦିଆଯାଇଛି। ମୁଦ୍ରାପାଣ୍ଠିର ଏହି ପ୍ରତିକୂଳ ମତାମତ ସତ୍ତ୍ୱେ ବିଶ୍ୱ ଅର୍ଥନୀତିରେ ପରିଲକ୍ଷିତ ମାନ୍ଦାବସ୍ଥା ପ୍ରଭାବରୁ ଆମେ ମୁକ୍ତ ଓ ଗତଶୀଳତା ଅବ୍ୟାହତ ରହିଥିବା କେହି ଅସ୍ୱୀକାର କରିପାରିବେନି।

ବଜାର ଅର୍ଥନୀତିରେ କ୍ରେତାଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମୁଦ୍ରାସ୍ଫୀତି ହ୍ରାସରୁ ସ୍ପଷ୍ଟ ଯେ କ୍ରୟଶକ୍ତିରେ ଦୁର୍ବଳତା ରହିଛି। ଏହା କୌଣସି ପରିସ୍ଥିତିର ଅଭିବୃଦ୍ଧି କାରକ ନୁହେଁ। ସେହିଭଳି ବର୍ଷକ ମଧ୍ୟରେ ଭାରତୀୟ ମୁଦ୍ରା ୪.୨ ପ୍ରତିଶତ ଡଲାର ତୁଳନାରେ ଅଧିକ ଦୁର୍ବଳ ହୋଇଛି। ଏହି ଦୁଇଟି ପ୍ରସଙ୍ଗକୁ ଜିଡିପି ଆକଳନ ବେଳେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

## ବିକାଶ-ମାନବ ସମ୍ବଳ-ଶିକ୍ଷା

ଆମ ରାଜ୍ୟର ସରକାରୀ ବିଦ୍ୟାଳୟ ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ଯେତେଯାହା କଲେ ମଧ୍ୟ ଅଭିଭାବକଙ୍କ ଆଉ ଭରସାଯୋଗ୍ୟ ହୋଇପାରୁନି। ଛାତ୍ରଛାତ୍ରୀ ମଧ୍ୟ ଏକ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଅଧାରୁ ପାଠ ଛାଡୁଛନ୍ତି। ଅଧିକାଂଶ ଅଭିଭାବକଙ୍କ ଭରସାଯୋଗ୍ୟ ହୋଇଛି ଘରୋଇ ବିଦ୍ୟାଳୟ। ସରକାରୀ ଶିକ୍ଷା ବ୍ୟବସ୍ଥାରେ କେଉଁଠି ନିରାପଦ ବିଦ୍ୟାଳୟଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଶିକ୍ଷକଙ୍କ ଦାବିକୁ ନେଇ ବର୍ଷତମାମ ଆନ୍ଦୋଳନ ଚାଲିଛି। ବିଭିନ୍ନ ଗଣମାଧ୍ୟମରେ ଶିରୋନାମା ମଣ୍ଡନ କରୁଛି। ରାଜ୍ୟ ସରକାରୀ ବିଦ୍ୟାଳୟରେ ଅଧାରୁ ପାଠ ଛାଡ଼ିଛନ୍ତି ୧ ଲକ୍ଷ ୨୩ ହଜାର ପିଲା ଏବଂ ନବମରେ ସାଢ଼େ ୧୩ ହଜାର ପିଲା ଅକୃତକାର୍ଯ୍ୟ। ଶିକ୍ଷାକ୍ଷେତ୍ରରେ ଯେତେ ସମସ୍ୟା ମୁଣ୍ଡ ଟେକିଛି ସେ ନେଇ ପ୍ରଶ୍ନ କଲେ ସରକାରଙ୍କ ନିକଟରେ ଉତ୍ତର ଅଭାବ ନାହିଁ। କିନ୍ତୁ ସମସ୍ୟା ଯେଉଁଠି ସେଇଠି ଅଟକି ରହିଛି।

ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚାଲିଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆହୁରି ଉପର ଶ୍ରେଣୀକୁ ବଢ଼ି ଚାଲିଛି। ରାଜ୍ୟର ନବମ ଓ ଦଶମ ଶ୍ରେଣୀର ୧୦ ଲକ୍ଷ ୮୦ ହଜାର ପିଲାଙ୍କୁ ସିଏମ ପୋଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମାଧାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିପରି ଏକାଦଶ ଶ୍ରେଣୀ ଏସଟି ପିଲାଙ୍କୁ ବର୍ଷକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଛି। ଶିକ୍ଷକମାନେ ପାଠପଢ଼ା ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ବୁଝାଇ ସେମାନଙ୍କ ବିଦ୍ୟାଳୟକୁ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନଭୋଜନ, ୟୁନିଫର୍ମ ଓ ପାଠ୍ୟବସ୍ତୁ ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି ସ୍ପଷ୍ଟୀକରଣ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଭିନ୍ନ କଥା। ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିଲେ ମଧ୍ୟ କେଉଁଠି ୟୁନିଫର୍ମ ମିଳିନି ତ ଓ କେଉଁଠି ପାଠ୍ୟ ପୁସ୍ତକ ନାହିଁ। ଅସଲରେ ବ୍ୟବସ୍ଥାର ଉନ୍ନତି ଆଣିବାରେ ସରକାରଙ୍କ ଏହି ଘୋଷଣା କେତେଦୂର ସହାୟକ ହେବ ସେନେଇ ସନ୍ଦେହ ରହିଛି। ପିଲାଙ୍କ ଅସ୍ଥାଭାଜନ ହେଲା ଭଳି ବିଦ୍ୟାଳୟରେ ଶିକ୍ଷା ପରିବେଶ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ଏପରିକି ରାଜ୍ୟରେ ସ୍ୱତନ୍ତ୍ର ପତିଆରା ସୃଷ୍ଟି କରିଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ଉଚ୍ଚମାନର ଶିକ୍ଷାପ୍ରଦାନ ପାଇଁ ସୁଯୋଗ୍ୟ ଶିକ୍ଷକ ନିଯୁକ୍ତିକୁ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇନାହିଁ। ବିଭିନ୍ନ ବିଷୟରେ ପାଠ ପଢ଼ାଇବା ସକାଶେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ସବୁଚାଲିଛି କାମଚଳା ଅବସ୍ଥାରେ। ଏଭଳି ପରିବେଶରେ ବିଜ୍ଞାନ ଅଧ୍ୟୟନ ସକାଶେ ଲାବୋରାଟୋରୀ, କମ୍ପ୍ୟୁଟର ଓ ପୁସ୍ତାକାଗାର ଆଶା କରିବା ବୃଥା। ତେଣୁ ଯେଉଁ ବିକାଶ କଥା କୁହାଯାଉଛି ତାହା ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ବିନା କିପରି ସମ୍ଭବ, ସନ୍ଦେହ ସୃଷ୍ଟି ହେଉଛି।

# ଅବସରପ୍ରାପ୍ତ ଅଧ୍ୟାପକ ନିଯୁକ୍ତି କେତେ ଯୁକ୍ତିଯୁକ୍ତ

ଶ୍ରୀବତ୍ସ ନାୟକ

ଉଚ୍ଚଶିକ୍ଷା ବିଭାଗରେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି ଓଡ଼ିଶା ସରକାର। ଚଳିତ ଶିକ୍ଷା ବର୍ଷରୁ ସରକାରୀ ଅନୁଦାନପ୍ରାପ୍ତ (୪୮୮ ବର୍ଗ) ଓ ବେସରକାରୀ ଅନୁଦାନପ୍ରାପ୍ତ (୬୬୨ ବର୍ଗ) ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାରେ ସିଧାସଳଖ ଯୋଡ଼ି ହେବେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକ। ଏଥିସହିତ ଖୁବଶୀଘ୍ର ସ୍ଥାୟୀ ଅଧ୍ୟାପକ ମଧ୍ୟ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଫଳରେ ଉଚ୍ଚଶିକ୍ଷା ବିଭାଗରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ ହେବା ସହ ଶିକ୍ଷାଦାନରେ ଉପୁଜିଥିବା ସମସ୍ୟା ସମାଧାନ ହେବ। ଏହା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୫୬୧୯୮ ତା ୨୩.୧୦.୨୫ ରିଖ ଅନୁଯାୟୀ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନେଇ ଶିକ୍ଷାଦାନ ଚାଲିବ। ଏମିତିକି ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଯୋଗ୍ୟତା ଓ ମାପଦଣ୍ଡ କ'ଣ ରହିବ ତା' ମଧ୍ୟ ନିୟମାବଳୀରେ ଉଲ୍ଲେଖ ରହିଛି। ସହକାରୀ ପ୍ରଫେସର ପାଇଁ ଦରମା ୨୫ ହଜାର ଟଙ୍କାରୁ ଆରମ୍ଭ କରି ପ୍ରଫେସରଙ୍କ ଦରମା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏଥିପାଇଁ ଅତିକମ୍‌ରେ ୫୦ଟି କ୍ଲାସ କରିବା ବାଧ୍ୟତାମୂଳକ। ଯଦି ତା'ଠୁ କମ୍ ହୁଏ ତା'ହାଲେ ପାରିଶ୍ରମିକ କମିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମାର୍ଗଦର୍ଶିକାରେ କୁହାଯାଇଛି ଅତିଥି ଅଧ୍ୟାପକମାନେ ବର୍ଷକୁ ୧୦ ଦିନର ଛୁଟି ପାଇବେ। ଚାକିରି ଛାଡ଼ିବା ଆଗରୁ ୩୦ ଦିନର ନୋଟିସ୍ ଦେବେ।

ତେବେ ଅବସରପ୍ରାପ୍ତମାନଙ୍କୁ ପୁନଃନିଯୁକ୍ତି କ୍ଷେତ୍ରରେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କିମାରେ। ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ, ବରଂ ଶିକ୍ଷାଦାନ ହେଉଛି ଶିକ୍ଷକ ଜୀବନର ବ୍ରତ। ଶିକ୍ଷକ କେବେ ଅବସର ନେଇପାରେ ନାହିଁ। ବିପଥଗାମୀ ସମାଜକୁ ସଜାଡ଼ିବାରେ ସେମାନଙ୍କର ଭୂମିକା ଅବର୍ଣ୍ଣନୀୟ। କିନ୍ତୁ ସରକାରଙ୍କର ବିଧିବିଧାନ ଅନୁସାରେ ଶାରୀରିକ ଅକ୍ଷମତା ଦୃଷ୍ଟିରୁ ଶିକ୍ଷକମାନଙ୍କୁ ୬୦ ବର୍ଷ ବୟସରେ ଶିକ୍ଷକତା ବୃତ୍ତିରୁ ଅବସର ଦିଆଯାଏ ଏବଂ ଅବଶିଷ୍ଟ ଜୀବନ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସରକାର ପେନସନ୍ ମଧ୍ୟ ଦେଇଥା'ନ୍ତି। ଏଠି ପ୍ରଶ୍ନ ଉଠୁଛି ବୟସାଧିକ୍ୟ କାରଣରୁ ଯାହାକୁ ଅବସର ଦେଲେ ତାଙ୍କୁ ପୁଣି କାର୍ଯ୍ୟକୁ ନିମନ୍ତ୍ରଣ କରିବା ତାଙ୍କ ପାଇଁ ଅସମ୍ମାନ ନୁହେଁ କି? ଯଦି ସେମାନେ ନିଯୁକ୍ତି ହୁଅନ୍ତି ସେମାନେ ଶାରୀରିକ ଓ ମାନସିକ ଭାବେ ଶିକ୍ଷାଦାନ କରିବା ପାଇଁ ପ୍ରସ୍ତୁତ ଥିବେ ତ? ଯଦି ସେମାନେ ଏବେ ପାଠ ପଢ଼େଇବାକୁ ସକ୍ଷମ, ତା' ହେଲେ ସରକାର ତାଙ୍କୁ ଅବସର ଦେଉଛନ୍ତି କାହିଁକି?

ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ, ଯାହାଙ୍କର ବୟସ ସୀମା ୬୦ ରୁ ୬୯ ମଧ୍ୟରେ ହୋଇଥିବ ସେମାନେ ଶିକ୍ଷାଦାନ କରିବେ। ଅର୍ଥାତ୍ ପାଖାପାଖି ଏକ ଦଶନ୍ଧି ଧରି ସରକାର ବୋଧହୁଏ ସ୍ଥାୟୀ ନିଯୁକ୍ତି କରିବେ ନାହିଁ! ବେକାରୀ ସମସ୍ୟା ଉତ୍କଟ ହେବ। ଓଡ଼ିଶା ରାଜ୍ୟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ତଥ୍ୟ ଅନୁସାରେ ୨୦୨୫ ବର୍ଷ ଆରମ୍ଭରୁ ରାଜ୍ୟରେ ୪୮, ୬୭୮ ଜଣ ସ୍ନାତକୋତ୍ତର ଅଧ୍ୟାପକ ନିମନ୍ତେ ଯୋଗ୍ୟ ଥିଲେ ମଧ୍ୟ ନିଯୁକ୍ତି ନ ପାଇ ବେକାର ଅଛନ୍ତି। ଦିନକୁ ଦିନ ଏହି ଶିକ୍ଷିତ ଯୁବ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ପାଇଁ ସରକାର କ'ଣ ସବୁ ରୂପରେଖ ପ୍ରସ୍ତୁତ କରିଛନ୍ତି, ତାହା ସାର୍ବଜନୀନ ହେବା ନିହାତି ଜରୁରୀ।

୧୯୮୮ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ସରକାର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିପାରିଲେ ନାହିଁ। ଫଳରେ ସେ ସମୟରେ ଅନେକ ଯୁବ ଅଧ୍ୟାପକ ମହାବିଦ୍ୟାଳୟର ପରିଚାଳନା ସମିତି ଅଧୀନରେ ରହି ଶିକ୍ଷାଦାନ କଲେ। ଯେଉଁମାନଙ୍କ ମଧ୍ୟରୁ କେତେଜଣ ସରକାରୀ ବ୍ୟବସ୍ଥାର ଚରମ ଅବହେଳାର ଶିକାର ହୋଇ ରିକ୍ତ ହସ୍ତରେ ଅବସର ନେଇ ସାରିଲେଣି ତ କେତେଜଣ ଅବସର ନେବାକୁ ପ୍ରସ୍ତୁତ ହେଲେଣି। ଦୀର୍ଘ ଦିନ ଅଧ୍ୟାପନା କଲା ପରେ ମଧ୍ୟ ସେମାନଙ୍କୁ କୌଣସି ଚାକିରି ସର୍ତ୍ତାବଳୀ ମିଳିଲା ନାହିଁ। ସରକାରୀ ଚାକିରିର କୌଣସି ସୁବିଧା ସେମାନେ ପାଇଲେ ନାହିଁ। ପଦୋନ୍ନତି ଓ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ ନିମନ୍ତେ ଗୁହାରି କଲେ ମଧ୍ୟ ସରକାର ପ୍ରତ୍ୟାଖାନ କଲେ। ସେମାନଙ୍କର ଅତୀତ ଅଭିଶପ୍ତ, ବର୍ତ୍ତମାନ ରୁଗ୍ଣ ଓ ଭବିଷ୍ୟତ ଅନ୍ଧକାରମୟ। ସରକାର ସେମାନଙ୍କ ପ୍ରତି ଦୟା ମନୋଭାବ ପୋଷଣ କରିବା ଉଚିତ।

ଏ କ୍ଷେତ୍ରରେ ପୂର୍ବ ତ୍ରୁଟିବିଚ୍ୟୁତି ସଂଶୋଧନପୂର୍ବକ ତୁରନ୍ତ ସଂସ୍କାର ଆଣି ବିହିତ ପଦକ୍ଷେପ ନ ନେଇ ଅବସରଙ୍କୁ ପୁନଃନିଯୁକ୍ତି କେତେ ଯୁକ୍ତିଯୁକ୍ତ? ଅବସରପ୍ରାପ୍ତ ଅଧ୍ୟାପକ ଅଭିଜ୍ଞ, କିନ୍ତୁ ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଭାରତ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଯେଉଁ ସୁଚିନ୍ତିତ, ସୁଦୃଢ଼, ସୁ-ସଙ୍ଗଠିତ ଶିକ୍ଷାନୀତି (ଜାତୀୟ ଶିକ୍ଷାନୀତି ୨୦୨୦) ପ୍ରଣୟନ କରିଛନ୍ତି, ସେଥିନିମନ୍ତେ ସେମାନେ କେତେ ଯୋଗ୍ୟ ତାହା ସରକାରଙ୍କୁ ଜଣା। କହିବା ବାହୁଲ୍ୟ ଯେ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଯେତେବେଳେ ସରକାର ଶିକ୍ଷାରେ ଆଧୁନିକୀକରଣ କରିଛନ୍ତି ସେତେବେଳେ ଅବସରପ୍ରାପ୍ତ ଶିକ୍ଷକମାନେ ସେହି ପାରମ୍ପରିକ ଶୈଳୀରେ ରହିଯାଇଛନ୍ତି, ଯାହା ଜାତୀୟ ଶିକ୍ଷାନୀତିର ମୌଳିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ସରକାର ଗୋଟେ ପଟେ ଅଭିନବ ଶିକ୍ଷାନୀତିର କଥା କହୁଥିବା ବେଳେ ପୁଣି ପୁରୁଣାଙ୍କୁ ମନେପକାଇବା କେତେ ସମୀଚୀନ? ବାର୍ଦ୍ଧକ୍ୟରେ ଯୌବନର ଉତ୍ସାହ କାହୁଁ ଆସିବ?

ଅନ୍ୟପକ୍ଷରେ ଦେଖିଲେ କୌଣସି କ୍ଷେତ୍ରରେ ପୁରୁଖାମାନେ କାହିଁକି ଯୁଗାନ୍ତକାରୀ ପରିବର୍ତ୍ତନର ସ୍ୱପ୍ନ ଦେଖିବେ? ଆମ ଦେଶର ଶିକ୍ଷା ପ୍ରଣାଳୀରେ ଯେଉଁଭଳି ଯୁଗୋପଯୋଗୀ ସଂସ୍କାରମାନ ଆସୁଛି ସେଥିପାଇଁ ସଦ୍ୟତମ ଯୁବ ଉଦ୍ଦୀପନାର ଆବଶ୍ୟକତା ରହିଛି। ନୂତନ ପିଢ଼ିଙ୍କର ନିଯୁକ୍ତି ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଏକ ସାଧନା। ଯୁବ ଅଧ୍ୟାପକମାନଙ୍କର ଲମ୍ବା ଚାକିରି ସମୟ ସୀମା ଥିବାରୁ ସେମାନେ ଉତ୍ସାହର ସହିତ ଶିକ୍ଷାଦାନରେ ନିଜକୁ ସାମିଲ୍ କରିପାରିବେ। ସରକାର ଅନ୍ତତଃପକ୍ଷେ ଏ ସବୁ ବିଷୟ ପ୍ରତି ଦୃଷ୍ଟି ଦେବାର ଥିଲା। ଅଧୁନା ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଶିକ୍ଷକମାନଙ୍କର ଜାତିଭେଦ। ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କୁ ସରକାର ବିଭିନ୍ନ ଶ୍ରେଣୀରେ ବିଭାଜିତ କରିଛନ୍ତି। ସମାନ କାମକୁ ସମାନ ଦରମାର ନାରା ଦେଉଥିବା ସରକାର ଶିକ୍ଷକମାନଙ୍କୁ ୟୁଜିସି ଅଧ୍ୟାପକ, ଏସଏସବି ଅଧ୍ୟାପକ, ଗ୍ରାଣ୍ଟ ଇନ୍ ଏଡ ଅଧ୍ୟାପକ, ବ୍ଲକ ଗ୍ରାଣ୍ଟ ଅଧ୍ୟାପକ, ମ୍ୟାନେଜମେଣ୍ଟ ଅଧ୍ୟାପକ, ଠିକା ଅଧ୍ୟାପକ, ଅତିଥି ଅଧ୍ୟାପକ ଆଦି ଶ୍ରେଣୀରେ ବିଭକ୍ତ କରି ଭିନ୍ନ ଭିନ୍ନ ବେତନ ଦେଇଥା'ନ୍ତି। ଗୋଟିଏ ବୃତ୍ତିରେ ଥାଇ ସମାନ କାମ କରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଅଧ୍ୟାପକମାନେ ହୀନ ମାନସିକତାର ଶିକାର ହେଉଛନ୍ତି। ଏଥିପାଇଁ ଅଧ୍ୟାପକମାନେ ବାରମ୍ବାର ଗୁହାରି କରୁଛନ୍ତି; କିନ୍ତୁ ଫଳ ଶୂନ୍ୟ। ଫଳରେ ସ୍ୱଳ୍ପ ବେତନ ପାଉଥିବା ଅଧ୍ୟାପକମାନେ ନାନା ଦୁଶ୍ଚିନ୍ତା ଭିତରେ ରହିଥା'ନ୍ତି, ଯାହାର ପ୍ରତିକୂଳ ପ୍ରଭାବ ସମଗ୍ର ଶିକ୍ଷା ଉପରେ ପଡ଼ିଥାଏ। ଯେଉଁ ଅଧ୍ୟାପକମାନେ ବେତନ ଦାବି କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ବେତନ ନ ଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପେନସନ ସହିତ ଅତିଥି ଅଧ୍ୟାପକର ବେତନ ଦେବା ତେଲିଆ ମୁଣ୍ଡରେ ତେଲ ସଦୃଶ।

ଶିକ୍ଷା ବ୍ୟବସ୍ଥାକୁ ନ ସୁଧାରିଲେ ସାମାଜିକ ସୁଧାର ବିଳମ୍ବିତ ହୋଇଥାଏ। ସାମାଜିକ ସଦଭାବ ପାଇଁ କରାଯାଉଥିବା ପ୍ରୟାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ସମାନତାର ଅବସର ପ୍ରଦାନ କରିବାର ସାମ୍ବିଧାନିକ ଆଶ୍ୱାସନା ଉଲ୍ଲଙ୍ଘନ ହୋଇଥାଏ। ଭାରତର ମନୀଷୀମାନଙ୍କର ସ୍ୱପ୍ନ ଥିଲା ଯେ ଶିକ୍ଷାର ବିକାଶରେ ଭାରତର ସୁନେଲି ସକାଳ ଅଣାଯାଇପାରିବ। କିନ୍ତୁ ସରକାରଙ୍କର କେତେକ ନିଷ୍ପତ୍ତି ଯୋଗୁଁ ଉଚ୍ଚଶିକ୍ଷା ଅସ୍ତଗାମୀ ସୂର୍ଯ୍ୟ ସଦୃଶ ପ୍ରତୀୟମାନ ହେଲାଣି। ଶିକ୍ଷା ପ୍ରଶାସନ ଶିକ୍ଷାବିତ୍‌ଙ୍କ ହାତରେ ରହିବା ସହିତ ଶିକ୍ଷା ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ବ୍ୟବସ୍ଥା ସହ ଜଡ଼ିତ ଥିବା ମହଲର ମତାମତ ନେଲେ କିଛି ସୁଫଳ ଆଶା କରାଯାଇପାରେ। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷକମାନଙ୍କର ଦକ୍ଷତା, ଅଭିକ୍ଷମତା, ଉତ୍କର୍ଷ ଓ ପାରଦର୍ଶିତା ଆଦି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ସରକାର କେଉଁଭଳି ପରିସ୍ଥିତିରେ ଅବସରପ୍ରାପ୍ତମାନଙ୍କୁ ନିଯୁକ୍ତି ଦେବେ ତାହା ଚିନ୍ତାର ବିଷୟ ହୋଇଛି। ଯୁବ ଶକ୍ତି ରାଷ୍ଟ୍ର ଶକ୍ତି। ଯୁବକମାନଙ୍କୁ ବେକାର ରଖି କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାର ଆବଶ୍ୟକତା ରହିଛି।

(ଅଧ୍ୟାପକ, ବାଣିଜ୍ୟ ବିଭଗ)
କଟକ, ମୋ: ୯୪୩୮୦୭୦୮୪୯

# ଧୈର୍ଯ୍ୟହରା ଯୁବସମାଜ ଓ ଆତ୍ମବିଶ୍ୱାସର ପରିବେଶ

ଡ.ବିମଳ ଷଡ଼ଙ୍ଗୀ

ବିଜ୍ଞାନର ଅଗ୍ରଗତି ସହିତ ଆଜିର ଯୁବପିଢ଼ିର ସବୁଠୁ ବଡ଼ ସମସ୍ୟା ହେଉଛି ଡିଜିଟାଲ ନିର୍ଭରତା। ଘଣ୍ଟାଘଣ୍ଟା ଧରି କମ୍ପ୍ୟୁଟର ଗେମ୍, କ୍ରିକେଟ, ସିନେମା, ରିଲ୍ସ, ସାମାଜିକ ଗଣମାଧ୍ୟମ, ନିରନ୍ତର ଡୋପାମିନର ଆସକ୍ତି ଆଦିରୁ ଜାତ ଅତ୍ୟଧିକ ଚାପ ଯୁବସମାଜର ଧ୍ୟାନଶକ୍ତି କମାଇ ଧୈର୍ଯ୍ୟକୁ ନଷ୍ଟ କରୁଛି। ଜୀବନର ଲକ୍ଷ୍ୟରୁ ଭ୍ରମିତ କରୁଛି। ଆଜିର ଯୁବସମାଜ ଚାହାନ୍ତି ତୁରନ୍ତ ସଫଳତା। କିନ୍ତୁ ସଫଳତାକୁ ପାଇବାକୁ ହେଲେ ପରିଶ୍ରମ, ଶିଷ୍ଟାଚାର, ସହନଶୀଳତା, ଧୈର୍ଯ୍ୟ ଆଦି ଗୁଣର ଆବଶ୍ୟକତାକୁ ଭୁଲିଯାଆନ୍ତି ସେମାନେ। ଅନୁକରଣର ସଂସ୍କୃତି ସେମାନଙ୍କୁ ବିପଥଗାମୀ କରିଛି। ସାମାଜିକ ଗଣମାଧ୍ୟମ, ଗ୍ଲାମର୍, ଧନ, ଚାକଚକ୍ୟ ଜୀବନଶୈଳୀ, ନୀତିହୀନ ସେବା ଓ ତ୍ୟାଗହୀନ ଓ ଜ୍ଞାନହୀନ ତତ୍ତ୍ୱ ସେମାନଙ୍କ ଆଦର୍ଶ ହୋଇଯାଇଛି। ଚରିତ୍ର ଓ ନୀତିର ଅଭାବ ହେତୁ ଅନେକ ସ୍ଥାନରେ ଅସତ୍ୟ, ଠକେଇ, ଭ୍ରଷ୍ଟାଚାର, ଦୁର୍ନୀତି ଆଦି ଯୁବସମାଜକୁ ଆକର୍ଷିତ କରୁଛି। ଅନୁଶାସନହୀନତା ସହିତ ଅନିୟମିତ ଜୀବନଶୈଳୀ, ଅପପୁଷ୍ଟିକର ଖାଦ୍ୟର ଲାଳସା ଆଦି ସେମାନଙ୍କ ମନ ଓ ଦେହକୁ ଦୁର୍ବଳ କରୁଛି। ଶଠତାପୂର୍ଣ୍ଣ ନେତୃତ୍ୱ ଓ ଅପସଂସ୍କୃତି ଆଜି ଯୁବସମାଜକୁ ଉଦ୍‌ଭ୍ରାନ୍ତ କରୁଛି।

୨୦୦୦ ମସିହା ପରଠାରୁ ଭାରତରେ ଜନ୍ମିତ ପିଲାମାନେ ପିଲାଦିନରୁ ଅପେକ୍ଷାକୃତ ଆରାମଦାୟକ ପରିବେଶରେ ବଢ଼ି ଆସିଛନ୍ତି। ଅଧିକାଂଶ ପିଲା ଜନ୍ମରୁ ଅଭାବ ଓ ସଂଘର୍ଷ କ'ଣ ଜାଣିବାର ସୁଯୋଗ ପାଇ ନାହାନ୍ତି। ଡିଜିଟାଲ୍ ଯୁଗରେ ସେହି ପିଲାମାନେ ଆଜି ଯୁବାବସ୍ଥାରେ ପହଞ୍ଚିଛନ୍ତି। ରାଜନୈତିକ ଦଳମାନେ ସ୍ୱାର୍ଥ ପାଇଁ ସେମାନଙ୍କୁ ମଦ, ମାଂସ ଓ ବିଭିନ୍ନ ଅନୀତିକର କାର୍ଯ୍ୟ ଦ୍ୱାରା ନିୟୋଜିତ କରନ୍ତି ଏବଂ ସେମାନଙ୍କ ପାଇଁ ଏକ ଅସୁରକ୍ଷିତ ଭବିଷ୍ୟତର ଆଚ୍ଛାଦନ ସୃଷ୍ଟି କରନ୍ତି। ସହଜଲବ୍ଧ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନ୍ୟମାନଙ୍କ ସହ ତୁଳନାରେ ନିଜକୁ ହେୟ ଭାବିବା ସହିତ ନିଜ ଭିତରେ କ୍ଷୋଭ, ଚିଡ଼ିଚିଡ଼ା ପଣ, କ୍ରୋଧ, ପ୍ରତିକ୍ରିୟା ଓ ଧୈର୍ଯ୍ୟ ହ୍ରାସ ଆଦି ସ୍ୱଭାବ ସୃଷ୍ଟି ହୋଇଛି। ଆଜିର ପିଲାମାନଙ୍କ ଭିତରେ କୌଣସି କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ଆତ୍ମୀୟତା ପରିଲକ୍ଷିତ ହୁଏ ନାହିଁ। ଏହା 'ଜବ ହୋପିଙ୍ଗ' ସଂସ୍କୃତି ନାମରେ ବେଶ ଆଦୃତ। ନିଜର ପିତାମାତାଙ୍କ ସହିତ ସେମାନଙ୍କର ସମ୍ପର୍କ ବିବାହ ପରେ ସଂକୀର୍ଣ୍ଣ ହୋଇଥାଏ। ସେହି ମନୋବୃତ୍ତିରୁ ସେମାନଙ୍କ ବୈବାହିକ ସମ୍ପର୍କ ମଧ୍ୟ କ୍ଷଣସ୍ଥାୟୀ ହୋଇଥାଏ। କ୍ରମଶଃ ଏକ ନିଃସଙ୍ଗ ଚାପଗ୍ରସ୍ତ ଜୀବନଶୈଳୀର ସାଥୀ ହୋଇ ସମାଜର ଦୁର୍ଗତିର କାରଣ ହୁଅନ୍ତି।

ଆମର ପ୍ରଥମ କର୍ତ୍ତବ୍ୟ ଯୁବସାମାଜଙ୍କ ସମସ୍ୟାକୁ ଭଲଭାବରେ ଶୁଣିବା ଓ ବୁଝିବା। କାରଣ ଆମେ ସେମାନଙ୍କୁ ତୁରନ୍ତ ପରାମର୍ଶ ଦେଲେ ସେମାନେ ଆମକୁ ଅନୁସରଣ କରିବେ ନାହିଁ। ଯେତେବେଳେ ସେମାନେ ଆପଣଙ୍କୁ ବୁଝିପାରିବେ ସେତେବେଳେ ସେମାନେ ମାର୍ଗଦର୍ଶନ ପାଇଁ ଆପଣଙ୍କର ସାହାଯ୍ୟ ନେବେ। ସେମାନଙ୍କୁ ସମ୍ମାନ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରିବାକୁ ପଡ଼ିବ। କେବେବି ସେମାନଙ୍କୁ ଅପମାନ, ତୁଳନା କିମ୍ବା ଲଜ୍ଜିତ କରିବା ଠିକ ନୁହେଁ। ଉଦାହରଣ ସ୍ୱରୂପ ଆମକୁ କହିବାକୁ ପଡ଼ିବ 'ମୁଁ ବୁଝିପାରୁଛି ତୁମେ କେଉଁ ସମସ୍ୟା ଦେଇ ଗତି କରୁଛ', 'ଆମେ ଏହାକୁ ଏକାଠି ସମାଧାନ କରିପାରିବା' ଇତ୍ୟାଦି। ସମ୍ମାନ, ଧୈର୍ଯ୍ୟ, ଗଠନମୂଳକ ଚିନ୍ତାଧାରା ସହିତ ସମସ୍ୟା ସମାଧାନର ଦ୍ୱାର ଖୋଲିଥାଏ। ସୁବିଧା, ଅସୁବିଧା କ'ଣ ସେମାନଙ୍କୁ ବୁଝାନ୍ତୁ। କେବଳ ନିୟମ ନୁହେଁ, ଆଜିର ଯୁବସମାଜ ଯେତେବେଳେ ନିଜର ଲାଭକୁ ପାଇବା ଅନୁଭବ କରନ୍ତି ସେତେବେଳେ ସେମାନେ ନିୟମ ପାଳନ କରନ୍ତି। ସେହିପରି ମୋବାଇଲ ଫୋନ୍ ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ପରିବର୍ତ୍ତେ ଆପଣ କହିପାରନ୍ତି 'ଯଦି ତୁମେ ପ୍ରତିଦିନ ଗୋଟିଏ ଘଣ୍ଟା ପାଇଁ ଫୋନ୍ ବ୍ୟବହାର ହ୍ରାସ କର ତେବେ ତୁମର ଏକାଗ୍ରତା ବୃଦ୍ଧି ପାଇବ ଏବଂ ତୁମେ କମ୍ ଚାପ ଅନୁଭବ କରିବ।'

ଛୋଟ ଛୋଟ ସଫଳତା ପାଇବାକୁ ଉତ୍ସାହିତ କରନ୍ତୁ। ବଡ଼ ପରିବର୍ତ୍ତନ ପାଇଁ ବାଧ କରନ୍ତୁ ନାହିଁ। ସରଳ ଅଭ୍ୟାସ ସହିତ ସେମାନଙ୍କୁ ପରାମର୍ଶ ଦିଅନ୍ତୁ। ଯେପରି, ଦିନକୁ ବାହାରେ ୧୦ ମିନିଟ୍ ଚାଲିଲେ ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ। ଅନ୍ୟ ସହିତ ତୁଳନା କରିବା ବନ୍ଦ କରନ୍ତୁ। ଏହା ଚାପ ହ୍ରାସ କରେ ଏବଂ ଧୈର୍ଯ୍ୟ ବୃଦ୍ଧି କରେ। ଏକ ସହାୟକ ପରିବେଶ ସୃଷ୍ଟି କରନ୍ତୁ। ପରିବେଶ ପରାମର୍ଶ ଅପେକ୍ଷା ଆଚରଣକୁ ଅଧିକ ଆକାର ଦିଏ। ବାସ୍ତବ ଜୀବନ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ। କ୍ରୀଡ଼ା, ଚାଲିବା, ଯୋଗ, ଯେକୌଣସି ହବି ଯଥା - ସଙ୍ଗୀତ, କଳା, ପଠନ ଆଦି କାର୍ଯ୍ୟକଳାପଗୁଡ଼ିକ ସ୍ୱାଭାବିକ ଭାବରେ ଧୈର୍ଯ୍ୟ ଓ ଶୃଙ୍ଖଳା ଶିଖାଏ। ସେମାନଙ୍କର ପ୍ରତ୍ୟେକ ଛୋଟ ଉନ୍ନତିକୁ ପ୍ରଶଂସା କରନ୍ତୁ। ପ୍ରଶଂସା ପ୍ରେରଣା ବଢ଼ାଏ ଆଉ ପ୍ରେରଣା ଧୈର୍ଯ୍ୟ ବଢ଼ାଏ। ଆପଣ ନିଜେ ଏକ ଆଦର୍ଶ ହୁଅନ୍ତୁ। ଆପଣ ମଧ୍ୟ ମୋବାଇଲ ଫୋନ ଓ ଟିଭିରୁ ମନ ହଟାଇବାକୁ ଚେଷ୍ଟା କରନ୍ତୁ। କାରଣ ସେମାନେ ଆପଣଙ୍କ ପରାମର୍ଶ ଅପେକ୍ଷା ଆପଣଙ୍କୁ ନିରୀକ୍ଷଣ କରି ଅଧିକ ଶିଖନ୍ତି। ଯଦି ଆପଣ ଶାନ୍ତ ରୁହନ୍ତି ଏବଂ ଧୈର୍ଯ୍ୟର ସହିତ ସମସ୍ୟାଗୁଡ଼ିକୁ ପରିଚାଳନା କରନ୍ତି ତେବେ ସେମାନେ ତାହାକୁ ଅନୁକରଣ କରିବେ।

ଧୈର୍ଯ୍ୟ ଗୋଟିଏ ଅଭ୍ୟାସ। ନିୟମିତ ସଠିକ ମାର୍ଗଦର୍ଶନ, ଶାନ୍ତ ପରିବେଶ ଓ ସକାରାତ୍ମକ ମନୋଭାବ ଦ୍ୱାରା ବୃଦ୍ଧି ହେବାକୁ ସମୟ ଲାଗେ। ଯଦି ଯୁବସମାଜ ଧୈର୍ଯ୍ୟଶୀଳ ହେବେ, ତେବେ ନିଜ ଜୀବନ, ସମାଜ ଓ ଦେଶ ଅଧିକ ସୁଦୃଢ଼ ହେଇପାରିବ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଉନ୍ନତି ସହିତ ସଚ୍ଚୋଟତା, ଉତ୍କୃଷ୍ଟ ଶିକ୍ଷାପ୍ରଣାଳୀ, ପରିବାର ସହାୟତା ଓ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା, ସର୍ବୋପରି ସାମୂହିକ ପ୍ରୟାସ ଦ୍ୱାରା ଯୁବସମାଜ ନିଜର ଜୀବନକୁ ଧୈର୍ଯ୍ୟ, ସହିଷ୍ଣୁତା ଓ ଶାନ୍ତିପୂର୍ଣ୍ଣ ଦିଗକୁ ନେଇଯିବାକୁ ସମର୍ଥ ହୋଇପାରିବେ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ଦୀପ୍ତିମାନ ଗଛ

ଶ୍ରୀନନ

**ବିଜ୍ଞାନ ବାର୍ତ୍ତା**

କେତେକ ଜୀବଙ୍କର ଶୀତଳ ଆଲୋକ ବିକିରଣକାରୀ ଗୁଣ ରହିଛି। ଏହା ସେମାନଙ୍କ ଜୀବନଯାତ୍ରା ପ୍ରକ୍ରିୟାର ଏକ ଅଂଶ ବିଶେଷ। ଏହି ଆଲୋକକୁ ଜୀବଦୀପ୍ତି ବା ବାୟୋଲୁମିନ୍ସେନ୍ସ (Biolumineserscence) ବୋଲି କୁହାଯାଏ। ଜୁଳୁଜୁଳିଆ ପୋକ ତାହାର ତଳିପେଟରେ ଥିବା ଏକ ବିଶଷ ଅଙ୍ଗରୁ ଏହା କରେ। ତାର ଯୌନ ସାଥୀ ଏବଂ ଶିକାରକୁ ଆକୃଷ୍ଟ କରିବାରେ ଏହା ସହାୟକ ହୁଏ। ସେହିପରି ଅଙ୍ଗାରମାଛ (Angles fish) ର ପାଟି ଆଗକୁ ଥିବା ଏକ ଅଙ୍ଗରୁ ଏପରି ଅଲୋକ ବାହାରି ତା' ଶିକାରକୁ ଆକୃଷ୍ଟ କରେ। କେତେକ ଶ୍ରେଣୀର ସ୍କୁଇଡ (Squid)ଙ୍କର ବି ଆଲୋକ ସୃଷ୍ଟିକାରୀ ଅଙ୍ଗର ରହିଛି। ସେମାନେ ସେଥିରୁ ଆଲୋକର ବାଦଲ ନିର୍ଗତ କରିପାରନ୍ତି, ଯାହାକି ସେମାନଙ୍କ ଶିକାରୀଜୀବମାନଙ୍କୁ ଭୟଭୀତ କରେ। ଅନ୍ୟ ପକ୍ଷରେ କେତେକ ସମୁଦ୍ରବାସୀ ପ୍ଲାଙ୍କଟନ୍ (Plankrun) ଅଜ୍ଞାତ ପରିବେଶର ସମ୍ମୁଖୀନ ହେଲେ ଶରୀରରୁ ଆଲୋକ ସୃଷ୍ଟି କରନ୍ତି। ଏହା ତାଙ୍କ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ ଏବଂ ଚତୁଃପାର୍ଶ୍ୱକୁ ଆଲୋକିତ କରେ। କେତେକ ଶ୍ରେଣୀର କବକ ବା ଫଙ୍ଗସ୍ (Fungus) ମଧ୍ୟ ଏପରି କରିପାରନ୍ତି। ଏହାକୁ ଫକ୍ସ ଫାୟାର୍ (Fox fine) ବୋଲି କୁହାଯାଏ। ଏହି ଜୀବଦୀପ୍ତ ସେମାନଙ୍କଠାରେ ଥିବା ଲ୍ୟୁସିଫେରିନ୍ (Luciferin) ନାମକ ଏକ ଜୈବରାସାୟନିକ ପଦାର୍ଥ ଏବଂ ଲ୍ୟୁମିସିଫେରେଜ (Luciferase) ନାମକ ଏନଜାଇମ ମଧ୍ୟରେ ପ୍ରତିକ୍ରିୟା ଯୋଗୁଁ ସୃଷ୍ଟିହୁଏ।

ଗଛଲତାମାନଙ୍କଠାରେ ସାଧାରଣତଃ ଏପରି ହେବାର ଦେଖାଯାଏ ନାହିଁ। ତେବେ ନିକଟରେ ବୈଜ୍ଞାନିକମାନେ 'ବାୟୋଲୁମିନ୍ସେନ୍ସ) କବକମାନ ବ୍ୟବହାର କରି ଏମାନଙ୍କୁ ଦୀପ୍ତିମାନ କରିବା ଏବଂ ତାଙ୍କଠାରୁ ଦୀପ୍ତିମାନ କାଠ ଉତ୍ପାଦନ କରିବାକୁ ସମର୍ଥ ହୋଇଛନ୍ତି। ଏହି ପ୍ରକ୍ରିୟାରେ ସେମାନେ ଗଛମାନଙ୍କ ଦେହରେ ଏହି ଜାତୀୟ କବକ ଏବଂ ତା'ର ଅଭିବୃଦ୍ଧିରେ ସହାୟତା କରୁଥିବା କେତେକ ପୁଷ୍ଟି ଇଜେକ୍ସନ ଆକାରରେ ଦେଉଛନ୍ତି। ଫଳରେ ସେଗୁଡ଼ିକ ସେଥିରେ ବଂଶବିସ୍ତାର କରି ଶୀତଳ ନୀଳ ଆଲୋକ ଉତ୍ପନ୍ନ କରୁଛନ୍ତି। ଏପରିକି ଗଛର ମୃତ୍ୟୁପରେ ମଧ୍ୟ ଦୀର୍ଘକାଳ ଧରି ତାହା ତହିଁରୁ ନିର୍ଗତ ହେଉଛି।

ଆଶାକରାଯାଉଛି ଯେ ଏପ୍ରକାର ନୂତନତା ପ୍ରବର୍ତ୍ତନକାରୀ ସଫଳତା ପରିବେଶ ଅନୁକୂଳ ଆଲୋକର ଉତ୍ସ ରୂପେ କାର୍ଯ୍ୟ କରିପାରିବ। ଅତଏବ ପାରମ୍ପରିକ ବିଦ୍ୟୁତ୍ ଶକ୍ତିର ବ୍ୟବହାର ହ୍ରାସ ପାଇବ। ଏହି ଶକ୍ତିର ପ୍ରାୟ ୭୦ ଶତାଂଶ ଉତ୍ପନ୍ନ ହୋଇଥାଏ କୋଇଲା ଆଦି ଜୀବାଶ୍ମ ଇନ୍ଧନର ବ୍ୟବହାରରେ। ଫଳରେ ତହିଁରୁ ନିର୍ଗତ ହୁଏ ପ୍ରଚୁର ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥ। ବର୍ତ୍ତମାନର ନୂତନ ପ୍ରକ୍ରିୟାଟି ବହୁଳ ଭାବେ ବ୍ୟବହାରକ୍ଷମ ହୋଇପାରିଲେ ଏ ସମସ୍ୟା ଲାଘବ ହେବ।

ବୈଜ୍ଞାନିକମାନେ ଜଙ୍ଗଲ ତଥା ନିର୍ଜନ ରାସ୍ତାଘାଟ କଡ଼ରେ ଥିବା ଗଛଲତାଙ୍କଠାରେ ଏହା ପ୍ରୟୋଗ କରିବା କଥା ଚିନ୍ତା କରୁଛନ୍ତି। ଅତଏବ ସେସବୁ ସ୍ଥାନ ଆଲୋକିତ ଓ ବିପଦମୁକ୍ତ ହୋଇପାରିବ। ପୁନଶ୍ଚ ଏବର ପ୍ରାକୃତିକ ଆଲୋକ ଜୀବଜନ୍ତୁମାନଙ୍କ ପାଇଁ ଅଧିକ ଗ୍ରହଣୀୟ ହେବ। ଅନ୍ୟପକ୍ଷରେ, ଏପ୍ରକାର ଗଛରେ କାଠରେ ଘରୋଇ ଉପକରଣମାନ ତିଆରି କରାଗଲେ ବିଦ୍ୟୁତ୍ ଆଦି କୃତ୍ରିମ ଆଲୋକର ଆବଶ୍ୟକତା ହ୍ରାସ ପାଇବ। ପୁନଶ୍ଚ ମନ୍ଦିର, ବିବାହ ମଣ୍ଡପ ଆଦିର ସାଜସଜାରେ ମଧ୍ୟ ଏହାର ବ୍ୟବହାର ହୋଇପାରିବ।

ଏଭଳି ବାୟୋଲୁମିନ୍ସେନସ ଉତ୍ପାଦନକାରୀ କବକ ବ୍ୟବହାର କରି ଦୀପ୍ତିମାନ ଗଛଲତା ଓ କାଠ ଉତ୍ପନ୍ନ କରିବା ଏକ ଅତ୍ୟନ୍ତ ସହନୀୟ ପ୍ରକ୍ରିୟା ହୋଇପାରିବ। ଏଥିରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ତାପଜ ବିଦ୍ୟୁତ୍ କେନ୍ଦ୍ର ବା ଜଳ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନର ଆବଶ୍ୟକତା ହ୍ରାସ ପାଇବ। ଅତଏବ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷକମାନଙ୍କ ନିର୍ଗମନ ତଥା ବନ ଧ୍ୱଂସ ଆଦି ସୀମିତ ହେବ। ପୁନଶ୍ଚ ଏହି ପରିବେଶ ଅନୁକୂଳ ଆଲୋକ ମଧ୍ୟ ମଣିଷ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ଅନୁକୂଳ ବୋଲି ମନେ କରାଯାଉଛି। ତେବେ ଏ ପ୍ରକ୍ରିୟାର ବ୍ୟାପକ ବ୍ୟବହାର ଲାଗି ଲୋଡ଼ା ଆହୁରି ଅନେକ ପରୀକ୍ଷା ନିରୀକ୍ଷା ଏବଂ ତାହାର ଅଧିକ ବିକାଶ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରମ୍ଭରୁ ଏସ୍ଆଇଆର୍...

ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି ଆଶା ପ୍ରକାଶ କରିଥିଲେ ଯେ ସେ ଗୃହ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରି ସଂସଦୀୟ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବେ। ଏହି ସମୟରେ ସେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପ୍ରସଙ୍ଗ ଉଠାଇଥିଲେ। ଧନଖଡ଼ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇ ପାରିଲା ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ତାଙ୍କର ଏହି ବକ୍ତବ୍ୟକୁ ସରକାରୀ ସଭ୍ୟ ଦୃଢ଼ ବିରୋଧ କରିଥିଲେ। ନୂଆ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ପୁରୁଣା କଥା ଉଠାଯିବା ଠିକ୍ ନୁହେଁ ବୋଲି ମନ୍ତ୍ରୀ ରିଜିଜୁ ଏବଂ ଜେପି ନଡ୍ଡା କହିବା ସହିତ ଖଡ଼ଗେଙ୍କର ସମାଲୋଚନା କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ମାନସିକ ରୂପେ ଅସୁସ୍ଥ ଥିବାରୁ ସେ ଡାକ୍ତରଙ୍କୁ ଯାଇ ଦେଖା କରନ୍ତୁ।

ଇତିମଧ୍ୟରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ସଭ୍ୟମାନେ ଦେଇଥିବା ଏକାଧିକ ମୁଲତବୀ ନୋଟିସକୁ ରାଜ୍ୟସଭା ଅଧ୍ୟକ୍ଷ ଖାରଜ କରଦେଇଥିଲେ। ଜିରୋ ଆୱାର ବେଳେ ଏହି ପ୍ରସଙ୍ଗ ଉଠାଇବା ଲାଗି ରାଧାକ୍ରିଷ୍ଣନ ବିରୋଧୀ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ବିରୋଧୀ ସଭ୍ୟ ଏହାକୁ ଗ୍ରହଣ ନକରି କକ୍ଷତ୍ୟାଗ କରିଥିଲେ।

ଅନ୍ୟପକ୍ଷରେ ଆଜି ସଂସଦ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗଣମାଧ୍ୟମରେ ଦେଇଥିବା ବିବୃତିକୁ ବିରୋଧୀ ଦଳ ସମାଲୋଚନା କରିଥିଲେ। ମୋଦୀ କହିଥିଲେ ଯେ କାମ କରିବା ପରିବର୍ତ୍ତେ ବିରୋଧୀ ସଭ୍ୟ ସଂସଦ ।।ରେ ଡ୍ରାମାବାଜି କରୁଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରି କହିଲେ ଯେ ବିରୋଧୀ ସଭ୍ୟମାନେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚାହାନ୍ତି। ଏହା କଣ ଡ୍ରାମାବାଜି ବୋଲି ସେ ପ୍ରଶ୍ନ କରିଥିଲେ।

### ୫ ସହରରେ...

ପାଠକୀୟ ଆଦୃତି ଲାଭ କରିପାରିଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ତଥା ପୂର୍ବତନ ସାଂସଦ,ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ତଥା ଆଇପିଏଲର ପୂର୍ବତନ ଅଧ୍ୟକ୍ଷ ରଞ୍ଜିବ ବିଶ୍ୱାଳ 'ସକାଳ'ର ପ୍ରୟାସକୁ ପ୍ରଶଂସା କରିଥିଲେ। ଚା' ପରି ଅନେକଙ୍କ ପାଇଁ ସମ୍ବାଦପତ୍ର ଏକ ନିଶା ବୋଲି ଉଲ୍ଲେଖ କରି ସେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବରେ ଓଲିଉଡ୍ ଅଭିନେତ୍ରୀ ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀ, ମିସେସ୍ ୱାଲର୍ଡ ୱାଇଡ୍(ଦୁବାଇ) ସଙ୍ଗୀତା ନାୟକ, ହିରୋ ମୋଟୋ କର୍ପର ଏରିଆ ମ୍ୟାନେଜର ଉଜ୍ୱଳ କୋହଲି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ମିନି ମାରାଥନରେ ପୁରୁଷ ବିଭାଗରେ ପ୍ରଥମ ହୋଇଥିବା ଶଶିକାନ୍ତ ଓରାମ୍, ଦ୍ୱିତୀୟ ସ୍ଥାନ ଏସ୍. ଲୋକନାଥ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପରମେଶ୍ୱର ମାଝୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ମହିଳା ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିବା ମାମିନା ମୁର୍ମୁ, ଦ୍ୱିତୀୟ ପ୍ରଜ୍ଞାଶ୍ରୀ ସୁନ୍ଦର ରାୟ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ଜଲି ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

'ହିରୋ ମୋଟୋ କର୍ପ' ଓ 'ଫାଲକନ୍' ସହଯୋଗରେ ଅନୁଷ୍ଠିତ ଏହି ମିନି ମାରାଥନ ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ 'ସକାଳ' ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ନନ୍ଦିଘୋଷ ଟିଭିର ସିଓଓ ଜବରସିଂ ପନୱର, ସମ୍ପାଦକ ଶିଶିର ଭଟ୍ଟମିଶ୍ର, ବିଜ୍ଞାପନ ବିଭାଗ ମୁଖ୍ୟ ନରୋତ୍ତମ ଗୁରୁ, ବାର୍ତ୍ତା ବିଭାଗ ସଂଯୋଜକ ତୁଷାର ରଞ୍ଜନ ମହାନ୍ତିଙ୍କ ସହ ସକାଳ ଓ ନନ୍ଦିଘୋଷ ଟିଭିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ପ୍ରାୟୋଜକ ଓ ସହପ୍ରୟୋଜକ ସଂସ୍ଥା ହିରୋ, ଅଜନ୍ତା, ଓମଫେଡ୍, ମଣିପାଲ ହସ୍ପିଟାଲ, ମେଫେୟାର ଗ୍ରୁପ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ମଞ୍ଜରୀ ଦେବୀ ନର୍ସିଂ ଏକାଡେମୀର ଉପସଭାପତି ଶରତ ବିଶ୍ୱାଳ, ନବଜ୍ୟୋତି କଲେଜ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ପ୍ରଧାନ, ବିନାୟକ କନସେପ୍ଟ ସ୍କୁଲ ପ୍ରତିଷ୍ଠାତା ସଞ୍ଜୟ ରାଜ୍, ଡିଓସି ବାଇକର ଗ୍ରୁପ୍, ସିଭି ରମଣ କଲେଜ, ୱିଙ୍ଗର ଭୁବନେଶ୍ୱର, ଫେଡ଼େରେସନ ଅଫ୍ ବ୍ଲଡ଼ ଡୋନେସନ ଅର୍ଗାନାଇଜେସନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଇଞ୍ଜିନିଅରିଂ ଓ ସେଫ୍ଟି ମ୍ୟାନେଜମେଣ୍ଟ ଆଦି ସଂସ୍ଥାକୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତଥିବା ଓଡ଼ିଆ ସିନେମା 'ମନ୍ତ୍ରମୁଗଧ' ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂଜୀବ ଓ ସୋନାଲୀ ସଂଯୋଜନା କରିଥିଲେ।

ପ୍ରସାର ବିଭାଗର ବରିଷ୍ଠ ଅଧିକାରୀ ପ୍ରିୟବ୍ରତ ଦାସ, ପ୍ରମୋଦ ନାୟକ, ସୁଧାଂଶୁ ସାହୁ, ବିଜ୍ଞାପନ ଅଧିକାରୀ ଅଭିଷେକ ସାହୁ, ନନ୍ଦିଘୋଷ ଟିଭିର ସତ୍ୟ ମହାନ୍ତି, ସନ୍ତୋଷ ପରିଡ଼ା, ଚନ୍ଦ୍ରକାନ୍ତ ପଣ୍ଡା, ମନୋଜ ସାହୁ, ସକାଳ ଡ଼ିଜିଟାଲ ମୁଖ୍ୟ ତାପସ କୁମାର, ବିତ୍ତ ବିଭାଗ ମୁଖ୍ୟ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪୫ ମିନିଟରେ...

ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକାଂଶ ଟିକଟ ପାଇବା ଆଶା ଛାଡି ଦେଇଥିଲେ। ଅଗ୍ରୀମ ବୁକିଂ କରିଥିବା କ୍ରିକେଟପ୍ରେମୀ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟର ହାର୍ଡକପି ପାଇବେ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଂଟର ଖୋଲାଯିବ। ବାରବାଟୀରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ୯ ତାରିଖ (ମଙ୍ଗଳବାର) ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ଦେଖିବା ନିମନ୍ତେ କ୍ରିକେଟପ୍ରେମୀଙ୍କ ଭିତରେ ଉତ୍କଣ୍ଠା ବହୁଗୁଣିତ ହେବାରେ ଲାଗିଲାଣି। ମ୍ୟାଚ୍ ଦିବସ ଯେତିକି ପାଖେଇଆସୁଛି ବାରବାଟୀ ମୁକାବିଲାକୁ ନେଇ ଆଲୋଚନା ସେତିକି ସରଗରମ ହେଉଛି। ଅନଲାଇନ ଟିକଟ ବିକ୍ରି ଶେଷ ହେବା ପରେ ଆସନ୍ତା ୩ ଏବଂ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟ୍‌କୁ ଟିକଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲ୍ଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ହଜାର ଟିକଟ ବିକିବାକୁ ଓସିଏ ସ୍ଥିର କରିଛି। ପରେ ଅବଶିଷ୍ଟ ୧୦ହଜାର ଟିକଟ କାଉଣ୍ଟରକୁ ଚାଲିଯିବ। ଚଳିତଥର ୫ଟି କାଉଣ୍ଟର ଖୋଲିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ତନ୍ମଧ୍ୟରୁ ୨ଟି କାଉଣ୍ଟର କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଅଫଲାଇନ୍ ଟିକଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି। ଟିକଟ ବିକ୍ରି ପାଇଁ ଦୁଇଟି କନଟେନର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା ରହିଛି। ଗତ ୨୦ଦିନ ହେବ ପିଚ୍ ଏବଂ ଆଉଟଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ କରାଯିବ ବୋଲି ଓସିଏ ପକ୍ଷରୁ ଜଣାପଡ଼ିଛି।

### ଡିଜିଟାଲ ଆରେଷ୍ଟ...

ହାସଲ, ବ୍ୟାଙ୍କ ଆକାଉଣ୍ଟ ଜବତ କରିବାକୁ ଅଧିକାର ପ୍ରଦାନ କରିଛନ୍ତି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ।

ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଡିଜିଟାଲ ଆରେଷ୍ଟରେ ଠକ ନିଜକୁ ପୁଲିସ, କୋର୍ଟ କିମ୍ବା ସରକାରୀ ଏଜେନ୍ସିର ଅଧିକାରୀ କହି ଭିଡିଓ/ଅଡିଓ କଲ୍ ମାଧ୍ୟମରେ ପୀଡ଼ିତଙ୍କୁ, ବିଶେଷ କରି ବରିଷ୍ଠ ନାଗରିକଙ୍କୁ ଧମକ ଦେଉଛନ୍ତି। ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଆର୍‌ବିଆଇକୁ ମଧ୍ୟ ନୋଟିସ ଜାରି କରିଛନ୍ତି। ସାଇବର ଠକେଇରେ ବ୍ୟବହୃତ ବ୍ୟାଙ୍କ ଖାତାକୁ ତୁରନ୍ତ ଟ୍ରାକ୍ ଏବଂ ଜବତ କରିବାକୁ ଏଆଇ କିମ୍ବା ମେସିନ ଲର୍ଣ୍ଣିଂ ଜ୍ଞାନକୌଶଳର କାହିଁକି ବ୍ୟବହାର କରାଯାଉ ନାହିଁ ବୋଲି ପଚାରିଛନ୍ତି। ସେହିପରି ଆଇଟି ଇଣ୍ଟରମିଡିଆରିଜ ଆଇନ ଅଧୀନରେ ସିବିଆଇକୁ ଆବଶ୍ୟକ ସହଯୋଗ ଏବଂ ତଥ୍ୟ ଦେବାକୁ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦେଶରେ ଥିବା ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବାକୁ ଇଣ୍ଟରପୋଲର ସହାୟତା ନେବା ପାଇଁ ସିବିଆଇକୁ କହିଛନ୍ତି।

ଟେଲିକମ ବିଭାଗ ଏବଂ ରାଜ୍ୟମାନଙ୍କୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ କିଛି ନିର୍ଦ୍ଦେଶ ଜାରି କରିଛନ୍ତି। ଜ।।ଣେ ବ୍ୟକ୍ତି କିମ୍ବା ସଂସ୍ଥାକୁ ଏକାଧିକ ସିମ୍ ଜାରି ନ କରିବା ପାଇଁ କହିଛନ୍ତି। କାରଣ ସାଇବର ଅପରାଧରେ ଏଗୁଡ଼ିକର ବହୁଳ ବ୍ୟବହାର କରାଯାଉଛି। ସାଇବର ଠକେଇର ମୁକାବିଲା ପାଇଁ କି ଯୋଜନା କରିଛ ତାହାର ଜବାବ ଦେବାକୁ କୋର୍ଟ ଟେଲିକମ ବିଭାଗକୁ କହିଛନ୍ତି। ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟଗୁଡ଼ିକୁ କହିଛନ୍ତି। ଏହା ଦ୍ୱାରା ସିବିଆଇ ଏବଂ ପୁଲିସ ମଧ୍ୟରେ ଉତ୍ତମ ସହଯୋଗ ରହିବ। ଏହି ତଦନ୍ତରେ ସହାୟତା ପାଇଁ ରାଜ୍ୟଗୁଡ଼ିକରୁ ଅଧିକାରୀ ଚୟନ ଲାଗି ମଧ୍ୟ କୋର୍ଟ ସିବିଆଇକୁ ସ୍ୱାଧୀନତା ଦେଇଛନ୍ତି।

### ୭ ମାସରେ...

କହିଥିଲେ ଯେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଅକ୍ଟୋବର ଶେଷ ସୁଦ୍ଧା ମାତ୍ର ୩୯ ପ୍ରତିଶତ ବଜେଟ ଅର୍ଥ ବ୍ୟୟ ହୋଇଛି। ଏଥିରୁ ପ୍ରଶାସନିକ ବ୍ୟୟ ୪୪ ପ୍ରତିଶତ ଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ୩୬ ପ୍ରତିଶତ। ଅକ୍ଟୋବର ଶେଷ ସୁଦ୍ଧା କ୍ରୀଡ଼ା ବିଭାଗ ମାତ୍ର ୮.୮୩ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ୧୩.୨୮ ପ୍ରତିଶତ, ପଞ୍ଚାୟତିରାଜ ବିଭାଗ ୨୩.୨୦ ପ୍ରତିଶତ, ଖଣି ବିଭାଗ ୧୬.୩୩ ପ୍ରତିଶତ, ଶକ୍ତି ବିଭାଗ ୨୮.୮୬ ପ୍ରତିଶତ, ବିପର୍ଯ୍ୟୟ ପରିଚାଳନା ୧୧.୮୭ ପ୍ରତିଶତ, ଏମଏସଏମଇ ବିଭାଗ ମାତ୍ର ୧୭.୫୩ ପ୍ରତିଶତ ବଜେଟ ଅର୍ଥ ବ୍ୟୟ କରିଛନ୍ତି। ହାତରେ ଆଉ ମାତ୍ର ୪ ମାସ ସମୟ ବାକି ରହିଛି। ଏପରିସ୍ଥଳେ ବଜେଟ ଅର୍ଥ କିପରି ବ୍ୟୟ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଏପରିକି ଗଣଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ , ପଞ୍ଚାୟତିରାଜ ବିଭାଗରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ କମ୍ ଅର୍ଥ ବ୍ୟୟ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ସେହିପରି କେନ୍ଦ୍ରୀୟ ଅନୁଦାନ ଉପରେ ରାଜ୍ୟ ସରକାର ବଜେଟ ବ୍ୟୟ ଅଟକଳ କରିଥିଲେ। ୪୧ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ରାଜ୍ୟ ସରକାର ଆକଳନ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ୭ ହଜାର ୬୧୩ କୋଟି ଟଙ୍କା ପାଇଛନ୍ତି। ମାତ୍ର ୧୮ ପ୍ରତିଶତ ପାଇଛନ୍ତି। ଅବଶିଷ୍ଟ ୪ ମାସରେ କେନ୍ଦ୍ର ସବୁ ଟଙ୍କା କେନ୍ଦ୍ର ସରକାର ଦେବେ ତ। ଏହାଦ୍ୱାରା ରାଜ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମ କାଡାମ କହିଥିଲେ ଯେ ବିଭିନ୍ନ ବିଭାଗରେ ବଜେଟ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ। ବଜେଟ ଅର୍ଥ ଖର୍ଚ୍ଚ ନହେଲେ, ଲୋକଙ୍କ ବିକାଶ ହୋଇପାରିବ ନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଆଉ ୨-୩ ମାସ ମଧ୍ୟରେ ଶତ ପ୍ରତିଶତ ବ୍ୟୟ କରିବା ପାଇଁ କେଉଁ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ନିରଞ୍ଜନ ପୂଜାରୀ ଗତବର୍ଷ କେତେ ବଜେଟ ସରେଣ୍ଡର ହୋଇଥିଲା ଏବଂ ଚଳିତ ବର୍ଷ କେତେ ହେବା ନେଇ ସରକାର ଅନୁମାନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ।

### ଅର୍ଥନୈତିକ ଅବରୋଧ...

ଅନ୍ୟପଟେ ଜୟନ୍ତପୁର ଛକ ପର୍ଯ୍ୟନ୍ତ ଭାରୀଯାନର ଲମ୍ବାଲାଇନ ଲାଗିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ଅଧିକାରୀମାନେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟା ୭ଟାରେ ପ୍ରଶାସନିକ ଅଧିକାରୀ ମଙ୍ଗଳବାର ଧାନକ୍ରୟ ସ୍ୱାଭାବିକ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା।

ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହରେ ଚଳିତବର୍ଷ ବ୍ୟାପକ ଅବ୍ୟବସ୍ଥା ହୋଇଛି। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକରେ ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହୋଇଥିଲା। ସେହିଦିନ ଟୋକନ ପାଇଥିବା ଚାଷୀ ବରେଇପାଲି ମାର୍କେଟ୍ ୟାର୍ଡକୁ ଶହଶହ କ୍ୱିଣ୍ଟାଲ ଧାନ ନେଇଥିଲେ। ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟିଠାରେ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍‌ମାନଙ୍କ ମଧ୍ୟରେ ପ୍ରାୟ ୫ଘଣ୍ଟା ଧରି ଆଲୋଚନାର କିଛି ନିଷ୍କର୍ଷ ବାହାରି ନଥିଲା। ମିଲର୍ ୭ ଦଫା ଦାବି ପୂରଣ ନହେଲେ ଧାନ ନେବନି ବୋଲି ନଛୋଡ଼ବନ୍ଧା ଥିବା ବେଳେ ଚାଷୀମାନେ ଧାନ ଫେରାଇ ନେବେନି ବୋଲି ଜିଦ୍ ଧରିଲେ। ସଦର ଉପଜିଲ୍ଲାପାଳ ଶନିବାର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶନିବାର ସକାଳେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ଉପସ୍ଥିତିରେ ମାର୍କେଟ୍ ୟାର୍ଡରୁ ଧାନ ମିଲ୍‌କୁ ଧାନ ପଠାଗଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ମିଲ୍‌ଗୁଡ଼ିକର ଫାଟକ ଖୋଲାଗଲା ନାହିଁ। ଏନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ପ୍ରଶାସନିକ ଚାପରେ ମିଲ୍‌ର ଫାଟକ ଖୋଲି ଧାନ ସଂଗ୍ରହ କରିଥିଲା। ଧାନକୁ ଓଜନ କରି ସ୍ଲିପ ଦେଇଥିଲା। କିନ୍ତୁ ସ୍ଲିପ୍‌ରେ କେବଳ ଧାନର ଓଜନ ରହିଛି, ଏହାର ମୂଲ୍ୟ ନାହିଁ। ମିଲ୍ ଓ ଯୋଗାଣ ବିଭାଗ ମଧ୍ୟରେ ଏଗ୍ରିମେଣ୍ଟ କରାହୋଇନି। ଏହି ଧାନ ମିଲ୍‌ରେ ଗଚ୍ଛିତ ରହିବ। ଚାଷୀକୁ ତା'ର ପ୍ରାପ୍ୟ ମିଳିବ ନାହିଁ।

ଏହାକୁ ନେଇ ଆଜି ଚାଷୀମାନେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ ଓ ୫୫ର ସଂଯୋଗସ୍ଥଳୀ ଡୁମ୍ରେସିଂହା ଛକଠାରେ ଅର୍ଥନୈତିକ ଅବରୋଧ କରିଥିଲେ। ଏଥିରେ ପରମାଣପୁର, ସେରସୁଆଁତଲ, କୁକୁଡ଼ାପାଲି, ତବଲା, ଧମା, ହୁମା, ଗୁଣ୍ଡେରପୁର, ମାନେଶ୍ୱର, ସାହାସପୁର, ଚାଉଁରପୁର ଆଦି ବିଭିନ୍ନ ମଣ୍ଡି ଗୁଡ଼ିକର ଚାଷୀମାନେ ଏହି ରାସ୍ତାରୋକରେ ସାମିଲ ହୋଇଥିଲେ। ବିକ୍ଷୋଭରତ ଚାଷୀମାନେ କେବଳ ମାଲବାହୀ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଆନ୍ଦୋଳନ ସ୍ଥଳରେ ଅତିରିକ୍ତ ଏସ୍‌ପି, ଏସଡିପିଓ ଓ ବିଭିନ୍ନ ଥାନାର ଥାନାଧିକାରୀ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ। ଅନ୍ୟପକ୍ଷରେ ଯୋଗାଣ ବିଭାଗର ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଆସନ୍ତାକାଲିଠାରୁ ଅନ୍‌ଲାଇନରେ ଟୋକନ, ପି-ପାସ, ମିଲର୍ ଟାର୍ଗେଟ୍, ଆଇ-ସ୍କାନିଂ ଆଦି କରି ଧାନ ସଂଗ୍ରହ ହେବ ବୋଲି ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଇଛି। କାଲିଠୁ ଠିକ୍ ଭାବେ ଧାନ କିଣା ହେବ ବୋଲି ଆଶା ଅଛି। କିନ୍ତୁ, ପ୍ରାୟ ୧୯ ହଜାର ଚାଷୀଙ୍କ ଟୋକନ୍ ଆସି ନାହିଁ। ଯେଉଁ ୫୪ହଜାର ଚାଷୀଙ୍କ ଟୋକନ୍ ଆସିଛି, ସେମାନଙ୍କ କେବଳ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଆସିଛି, ବାକି ଧାନ ଚାଷୀ କ'ଣ କରିବ? ସାମଗ୍ରିକ ଭାବେ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ଜିଲ୍ଲା କୃଷକ ସଂଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆସନ୍ତାକାଲିଠାରୁ ଧାନ କିଣାବିକା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଆଗକୁ ଖରିଫ ଧାନ କିଣାବିକାରେ କୌଣସି ସମସ୍ୟା ହେବ ନାହିଁ ବୋଲି ଆଶା କରୁଛୁ।

### ଭୁବନେଶ୍ୱର ଏମ୍ସକୁ...

ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଅଞ୍ଚଳବାସୀ, ଛାତ୍ରୀ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ୧୯୨୬ ମସିହା ଡିସେମ୍ବର ୫ ତାରିଖରେ ଡା. ଲକ୍ଷ୍ମୀ ବାଇଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମସିହା ମଧ୍ୟରେ ସେ କଟକ ଏସସିବି ମେଡିକାଲ କଲେଜରେ ଏମବିବିଏସ ପଢ଼ିବା ପରେ ୧୯୫୮ରେ ମାଡ୍ରାସ୍ ମେଡିକାଲ କଲେଜ ଡିଜିଓ ଆଣ୍ଡ ଏମ୍‌ଡି ଇନ୍ 'ଓଏସଜି' ପାଠ ପଢ଼ିଥିଲେ। ୧୯୫୦ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲରୁ ଚାକରି ଜୀବନ ଆରମ୍ଭ କରି ୧୯୮୬ ମସିହାରେ ଏମ୍‌କେସିଜିରେ ଅବସର ନେଇଥିଲେ। ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାସ୍‌ନାଲ ଫ୍ରେଣ୍ଡସିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ ଭଳି ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।


**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ସଂ.01
ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII
BBS2025031, ତା.14.08.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂ. ସନ୍ଦର୍ଭରେ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ରୂପାନ୍ତରଣ କରାଯାଇଛି।

| ପ୍ରକାଶିତ ଅନୁଯାୟୀ | ପଢ଼ାଯିବା ଆବଶ୍ୟକ |
|---|---|
| 11.12.2025, 1200 ଘଟିକା | 27.01.2026, 1200 ଘଟିକା |

ବିସ୍ତୃତ ବିବରଣୀ ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-172/CI/25-26

**AFFIDAVIT**

By virtue of an affidavit before the Notary Public, Sonepur, dtd.01.12.2025. I, Priyanka Kaanr, resident of Bhajabajpur, PO-Dharmasala, PS-Birmaharajpur, Dist-Subarnapur, Odisha, PIN-767062, do hereby declare that my I have changed my name from Priyanka Kaanr to Priyankarani Kaanr. Henceforth I shall be known as Priyankarani Kaanr for all purposes.
Sd/- Priyankarani Kaanr

**AFFIDAVIT**

I, Praduymnya Rout, S/o- Dolagobinda Rout, resident of At-Balabhadrapur, Cuttack sadar, Cuttack, Dist-Cuttack, PIN-753012, Odisha declared by this affidavit No-982, dtd-01/12/2025 that now onwards I shall be known as **PRADYUMNA ROUT** for all future purposes.

**AFFIDAVIT**

I, Droupadi Agrawal, aged about 59 years, W/o-Binod Kumar Agrawal, resident of Ward No-8, Rajapada, Khariar, Po-Khariar, Ps- Khariar, Dist-Nuapada, Odisha, Pin-766107 declare by this affidavit No. 2421, dtd-30/11/2025, that now onwards I shall be known as **DROPTI DEVI AGRAWAL** for all future purposes.

**AFFIDAVIT**

I, Anusmita Sahoo, D/o Seshadev Sahu, W/o-Debabrata Sahu, resident of AT/PO- Ekatara, PS- M Rampur, Dist- Kalahandi, PIN- 766102, Odisha, present resident of AT/PO-Titilagarh, Dist- Balangir, PIN- 767033, Odisha declared by this affidavit No. 72AA 949067, date-12/11/2025 that now onwards I shall be known as **ANUSMITA SAHU** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide No - 46, dtd 01/12/2025. I, Barun Kumar Sahoo, At/Po/Ps - Tamando, Pin - 752054, Dist - Khordha, Odisha, declare that I have changed my name from Barun Sahoo to Barun Kumar Sahoo. Henceforth I shall be known as Barun Kumar Sahoo for all purposes.

**NOTICE**

By virtue of an affidavit sworn before Executive Magistrate, Puri, Dated 27.11.2025, I, Susanta Sahoo, S/o- Rajkishore Sahoo, At-Tridev Nagar, Markandeswar Sahi, Puri, Po-Puri, Ps- Baseli sahi, Dist- Puri, Pin- 752001, Odisha declare that I have changed my name from Susanta Kumar Sahoo to Susanta Sahoo. Henceforth, I shall be known as Susanta Sahoo for all purposes.
(Susanta Sahoo)

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 19/11/2025. Affidavit No.-3398, I Keshav Kelu Sahoo, Address- Govindapur, Po.-Parichhal, Ps.- Begunia, Dist.- Khordha, Pin-752062 declare that, my Name from **Keshav Chandra Sahu** to **Keshav Kelu Sahoo**. Henceforth, I shall be known as **Keshav Kelu Sahoo** for all purposes.

**AFFIDAVIT**

I Santosh Giri s/o- Krushna Prasad Giri - , resident of village - Sialia, Po-Pasarbindha Ps-Bhograi, Dist- Balasore, Odisha, declared by affidavit before Executive Magistrate , Bhograi No.6008/1.12. 2025, that my minor son's former name Aush Giri has changed to Ayush Giri form the date.Hence my son name shall be known as Ayush Giri for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 25.11. 2025 I, KEDARA SAHU, S/o - Late. Subash Chandra Sahoo, Residences of Bada Harijan Sahi, Nabarangpur, Po.- Nabarangpur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed the name of my Son from **SOUMYA HARIJAN SAHU** to **ANSUMAN SAHU**. Henceforth, he shall be known as **ANSUMAN SAHU** for all purposes.
Sd/- Kedara Sahu

**AFFIDAVIT**

I, Susmita Rout, W/o- Pradyumna Rout, resident of At-Balabhadrapur,Chhatra Bazar, Cuttack sadar, A D Market, Cuttack, Dist-Cuttack, PIN-753012, Odisha declared by this affidavit No-983, dtd-01/12/2025 that now onwards I shall be known as **SUSHMITA ROUT** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela, vide no. 02, dated 20.11.2025 I, Kalachand Bhue, S/o - Sujan Bhue, R/o Village/ P.O.- Chhuriapali, Ps.- Sohela, Dist.- Bargarh, declare that, I have changed the name of my minor Son from **ROHIT BHUE** to **PRITAM BHUE**. Henceforth, he shall be known as **PRITAM BHUE** for all purposes.
Sd/- Kalachand Bhue

**NOTICE FOR CANCELLATION OF TENDER** A-1026

Office of The Executive Engineer
Muran Dam Division
Upper Indravati Dam Circle, Khatiguda
Dist.: Nabarangpur-764085
Date: 28.11.2025

It is hereby informed to the public and all concerned that the Tender invited vide Tender Call Notice No. EEMDD-03/2025-26, Dated: 06.11.2025 for the work "Deployment of one light Commercial Vehicle (Bolero/TUV-300 / SUMO Gold/ Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year/12 calendar months." has been cancelled.

The tender has been cancelled due to non-qualification of any bidder in the Techno-Commercial evaluation stage, resulting in no bidder is qualified for further proceedings.

OIPR-32230/11/0006/2526
Executive Engineer
Muran Dam Division

 କୃଷି ମହାବିଦ୍ୟାଳୟ, ଭବାନୀପାଟଣା (ଓୟୁଏଟି) KK-286
**COLLEGE OF AGRICULTURE, BHAWANIPATNA**
*(Odisha University of Agriculture & Technology)*
Arkabahali Farm, Raipur Road, Bhawanipatna – 766001, Odisha
Email: **deancab@ouat.ac.in**

**HIRING OF VEHICLE**
**TENDER NOTICE No- 01/2025-26**

Sealed Quotation/Tender in the prescribed proforma are invited from interested reputed Travel agencies/Tour Operators/Private individuals for providing one number of AC Petrol/Diesel (**TUV-300, BOLERO, SUMO GOLD, ERTIGA** etc.) driven vehicles having sitting capacity not less than 07 including driver on monthly hire rent basis for official use of OUAT, as and when required. The vehicle should not be more than **3 (three) years old** from the date of initial registration and should be in a good running condition. The detail Terms and Conditions along with the Forms for hiring of the vehicle is available in the office of the undersigned on any working day during office hour on payment of tender paper cost amounting **Rs. 2000/- (Rupees two thousand)** (Non-refundable) from **08.12.2025 to 07.01.2026 up to 5.00 P.M.** or can be downloaded from official website www.ouat.ac.in. If tender papers are downloaded from website, the bid should be submitted with the tender paper cost amounting **Rs. 2000/- in shape of DD in favour of Dean, College of Agriculture, Bhawanipatna (Non-refundable).** The tender paper duly filled in (complete in all respect) and accompanied with the **Earnest Money Deposit (EMD) of Rs. 13,400/- (Rupees thirteen thousand four hundred only)** in shape of NSC/KVP/POTD/TDR (duly pledged in favour of the Dean, College of Agriculture, payable at Bhawanipatna) and proof of tender paper cost (money receipt/DD in favour of Dean, College of Agriculture, Bhawanipatna) should reach the undersigned on or before **Dt. 07.01.2026 by 5.00 P.M.** through registered post/speed post and shall be opened on the next day i.e. on **Dt. 08.01.2026 at 4.00 P.M.** in presence of the bidders or their authorized representatives. The EMD of unsuccessful bidders will be refunded on completion of tender process.

OIPR-01575/11/0003/2526
Sd/- Dean,
College of Agriculture, Bhawanipatna.

RAIN, SUN AND FIREPROOF
KONARK IS THE RIGHT ROOF


KONARK
Right at the top
USE
KONARK
AC SHEETS & ACCESSORIES

**UAL - ODISHA**
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



*WHILE SOME PERSUE FOR EXCELLENCE*
*WE ARE BORN TO EXCELL.*

**ପୌର ପରିଷଦ, ଖୋରଧା** C-1584

ଦୈନିକ ଓଡ଼ିଆ ଖବର କାଗଜ "ସକାଳ"ର ପ୍ରତିଟି ଖବର ଖୋରଧା ତଥା ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି । ୫ମ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଖୋରଧା ପୌର ପରିଷଦ ଓ ଜନସାଧାରଣଙ୍କ ତରଫରୁ ଏହାର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ସଫଳତା କାମନା କରୁଅଛି ।

ରିଜ୍ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା
OIPR-

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com

- **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ,**

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ ଅନୁଷ୍ଠାନ ଓ ବୃଦ୍ଧିଜିବୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

ନିବେଦନ
01. ପୌର ପରିଷଦ ଅଞ୍ଚଳର ଜନ ସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
02. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
03. ସହର ଓ ଆଭ୍ୟନ୍ତରିଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
04. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
05. ପତିତ ଜମି ଓ ରାସ୍ତା କଡରେ ବୃକ୍ଷ ରୋପଣ କରିବା କାର୍ଯ୍ୟରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ ।
06. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
07. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
08. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜ୍ଜନା ଜମା କରନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
09. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
10. ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ । ବର୍ଷା ଜଳ ସଂରକ୍ଷଣ ନିମନ୍ତେ ନିଜ ଗୃହରେ Rain Water Harvesting ଉପାୟ ଅବଲମ୍ବନ କରନ୍ତୁ।

ଆମର ଲକ୍ଷ୍ୟ:-
- ବେକାର ଯୁବକ ଓ ଯୁବତୀଙ୍କ ଥଇଥାନ ପାଇଁ ରାମ ମନ୍ଦିର ନିକଟରେ ମାର୍କେଟ୍ କମ୍ପ୍ଲେକ୍ସ ଚଳିତ ବର୍ଷ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଅଛି ।
- ପଟ୍ଟାମୁଣ୍ଡାଇ ତହସିଲ ପୋଖରୀର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଅଛି ।
- ୱାର୍ଡ ନଂ-04,12,13, ଓ 15 ଠାରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ଆର.ଏସ୍
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ
ଅଧ୍ୟକ୍ଷ
ଉପାଧ୍ୟକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ

# ଧାରଣା ଦେବେ ମାଛଗାଁ ସମିତିସଭ୍ୟ

ବାଲିକୁଦା,୧।୧୨(ସମିସ): ପଞ୍ଚାୟତକୁ ଆସୁଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା' ଅନୁଦାନ କାର୍ଯ୍ୟରେ ବିଡିଓ ଅବହେଳା କରୁଥିବା ଅଭିଯୋଗ ନେଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସମିତିସଭ୍ୟ ନିରଞ୍ଜନ ଦାସ। ଆସନ୍ତାକାଲିଠାରୁ ସେ ଧାରଣା ଦେବା ନେଇ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ନିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ପ୍ରତ୍ୟକ ଗ୍ରାମକୁ ବିକାଶ କ୍ଷେତ୍ରରେ ସାମିଲ କରିବା ପାଇଁ ବିକଶିତ ଗାଁ ବିକଶିତ ଓଡିଶା ନାମକ ଏକ ଯୋଜନା କରିଥିଲେ। ଯେଉଁଥିରେ ପଞ୍ଚାୟତକୁ କିଛି ଅନୁଦାନ ଆସିବା ପରେ ଏହି ଅନୁଦାନ ରାଶି କିଭଳି ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟରେ ଲାଗିବ ସେଥିପାଇଁ ବ୍ଲକ ପ୍ରଶାସନ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ କାର୍ଯ୍ୟାଦେଶ ବଣ୍ଟନ କରିବେ। ତେବେ ମାଛଗାଁ ପଞ୍ଚାୟତରେ ବିଡିଓ ସାଗର କୁମାର ନନ୍ଦ ନିଜ ମନମାନିରେ ପ୍ରୋଜେକ୍ଟ ଦେଇଥିବା ଅଭିଯୋଗ କରିଛନ୍ତି ନିରଞ୍ଜନ। ଏହାକୁ ନେଇ ସେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ତାଙ୍କ କ୍ଷେତ୍ରରେ ପ୍ରତାରଣା କରାଯାଇଥିବା ପ୍ରତିବାଦରେ ସେ ନ୍ୟାୟର ପ୍ରତୀକ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଆସନ୍ତାକାଲି ଠାରୁ ଧାରଣାରେ ବସିବା ନେଇ କହିଛନ୍ତି। ଏନେଇ ବିଡ଼ିଓ ସାଗର କୁମାର ନନ୍ଦ କହିଛନ୍ତି ତାଙ୍କର ସମସ୍ତ କଥା ଶୁଣାଯାଇଛି। ତେବେ କାହାକୁ ଠିକାଦାରୀ ପ୍ରଦାନ କରିବା ବିଡିଓଙ୍କ ପକ୍ଷେ ସମ୍ଭବ ନୁହେଁ।

# ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଜଗତସିଂହପୁର,୧।୧୨(ସମିସ): ପୁରୀଠାରେ ପ୍ରଜ୍ଞାନ ମିଶନ ପକ୍ଷରୁ ଆସନ୍ତା ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ ହେବାକୁ ସ୍ଥିର କରାଯାଇଛି। ଏହି ଅବସରରେ ମିଶନ୍ ପକ୍ଷରୁ ଜଗତସିଂହପୁର ସହରର ବଡ଼ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ବାସବ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞାନ୍ ମିଶନର ରାଜ୍ୟ ସଂଯୋଜକ ସ୍ୱାମୀ ଅନିର୍ବାଣ ନନ୍ଦ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏବଂ ମୁଖ୍ୟବକ୍ତା ଭାବେ ପ୍ରଦୀପ୍ତ କୁମାର ଶତପଥୀ ଏଥିରେ ଯୋଗଦେଇଥିଲେ। ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପରମହଂସ ପ୍ରଜ୍ଞାନନ୍ଦଙ୍କ ନୀତିବାଣୀ ସମ୍ପର୍କରେ କହିଥିଲେ। ଜିଲ୍ଲାର ୮ଟି ବ୍ଲକ୍ ଓ ୨ଟି ପୌରାଞ୍ଚଳରୁ ମୋଟ ୯୦ ଜଣ କୃତି ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଚାରୋଟି ଗ୍ରୁପରେ ୧୨ ଜଣ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଚୈତନ୍ୟ ଚରଣ ରାଉତ, ପ୍ରବୀର ମିଶ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଦେଇଥିଲେ।

# ଗୃହ ସଂପର୍କ ଅଭିଯାନ ଶୁଭାରମ୍ଭ

ଜଗତସିଂହପୁର,୧।୧୨(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପୀ ପାଳନ ହେଉଥିବା ସପ୍ତ ସୂତ୍ରୀ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ "ବ୍ୟାପକ ଗୃହ ସଂପର୍କ ଅଭିଯାନ'ର ଶୁଭ ଉଦ୍‌ଘାଟନ ଆଜି ଜଗତସିଂହପୁର ଜୟବଡ଼ସ୍ଥ ଶ୍ରୀଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଶାଳ କାର୍ଯ୍ୟକ୍ରମର ଜଗତସିଂହପୁରରେ ସଫଳ କ୍ରିୟାନ୍ୱୟନ ପାଇଁ ଶତାଧିକ ସ୍ୱୟଂ ସେବକ ଶ୍ରୀଜନ୍ନାଥ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ସହିତ ମା' ଭାରତୀଙ୍କ କୃପାଭିକ୍ଷା କରି ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଚଳିତ ମାସ ଶେଷ ସୁଦ୍ଧା ଜଗତସିଂହପୁରର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚିବା ପାଇଁ ସ୍ୱୟଂସେବକମାନେ ସଙ୍କଳ୍ପବଦ୍ଧ ହୋଇଥିଲେ।

# ଚୋରା ମଦ ଜବତ; ଜଣେ ଗିରଫ

ପାରାଦୀପ,୧।୧୨(ସମିସ): ପାରାଦୀପ ଲକଥାନା ଗେଟ୍ ବଜାର ନିକଟରୁ ଜଣେ ଚୋରା ମଦ ବେପାରିକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା ଅଠରବାଙ୍କୀ ଅଞ୍ଚଳରେ ରହୁଥିବା ପ୍ରମୋଦ କୁମାର ବେହେରା (୫୫)। ତା' ଠାରୁ ୫ ଲିଟର ଦେଶୀ ମଦ ଜବତ କରିଛି ପୋଲିସ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସଂପୃକ୍ତ ବ୍ୟକ୍ତି ଜଣଙ୍କ ରୀତିମତ ଚୋରା ମଦ ବ୍ୟବସାୟ କରୁଥିବା ପୁଲିସ ଜାଣିବାକୁ ପାଇଛି।

# ଏଡ୍‌ସ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ



ଜଗତସିଂହପୁର,୧।୧୨(ସମିସ)

ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚର୍ମରୋଗ ବିଭାଗର ଡାକ୍ତର ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଡ୍‌ସ ରୋଗ ବିଷୟରେ ଲୋକମାନଙ୍କୁ ସଚେତନ କରିବା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ଆଶ୍ରମ ପାଟଣାସ୍ଥିତ ବିଜୁ ପଟ୍ଟନାୟକ କଲେଜ ପରିସରରୁ ବାହାରି ଗାଁ ପରିକ୍ରମା କରିଥିଲା।

ଏହି ଅବସରରେ ସକାଳୁ ଯୋଗ ଶିବିର ଆୟୋଜନ କରାଯାଇଥିଲା। ପରେ ବିଜୁପଟ୍ଟନାୟକ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଚେତନତା ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ଦାସ, ଜିଲ୍ଲା କୋଅର୍ଡିନେଟର କଲ୍ୟାଣୀ ପଣ୍ଡା, ତ୍ରିଲୋଚନ ସାହୁ, ରାଇଚରଣ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ରାଉତରାୟ, ବିଜୟ ଲକ୍ଷ୍ମୀ ସାମଲ, ସନ୍ଦୀପ ନନ୍ଦ, କୀର୍ତ୍ତି ସାହୁ, ସଚଳା ମହାନ୍ତି, ଓମ୍ ପ୍ରକାଶ ମହାନ୍ତି ଯୋଗଦେଇ ଏଡ୍‌ସ ବିଷୟରେ ଲୋକମାନଙ୍କୁ କାରଣ ନିରାକରଣ ବିଷୟରେ ସଚେତନ କରାଇବା, ସମାଜରେ ସେମାନଙ୍କୁ ସମାନ ଅଧିକାର ସହିତ ବଞ୍ଚିବା ପାଇଁ ସଚେତନ କରିବା, ସହିତ ଏଡ୍‌ସ ରୋଗରୁ ଦୂରେଇ ରହିବା ପାଇଁ ଏଡ୍‌ସ ବିଭାଗର କର୍ମଚାରୀମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ଆଦି ବିଷୟରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ମହିମା ନର୍ସିଂ କଲେଜ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନେ ଯୋଗ ଦେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ସମସ୍ତ ମେଡିକାଲ ଅଫିସର, ପାରାମେଡିକାଲ କର୍ମକର୍ତ୍ତା, ଆଶା, ଅଙ୍ଗନବାଡ଼ି ଏବଂ ସ୍ୱୟଂସହାୟକ ଗୋଷ୍ଠୀର୍ କର୍ମକର୍ତ୍ତାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମେଡିକାଲ ଅଫିସର ଡାକ୍ତର ରଞ୍ଜନ ପଟ୍ଟନାୟକ, ଏଡିଏମଓ ଡାକ୍ତର ପ୍ରମୋଦ କୁମାର ବାରିକ ଏବଂ ଡାକ୍ତର ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏଡ୍‌ସ ରୋଗର କାରଣ, ନିରାକରଣ ଓ ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଆଇସିଟିସିର ପରାମର୍ଶଦାତା ବିଜୟଲକ୍ଷ୍ମୀ ସାମଲ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁବ୍ରତ ମହାପାତ୍ର, ପରାମର୍ଶଦାତା ନଳିନୀ କାନ୍ତ ଖୁଣ୍ଟିଆ, ଲ୍ୟାବ ଟେକ୍ନିସିଆନ ସନ୍ଦୀପ ସ୍ୱରୂପ ନନ୍ଦ, ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣି ପଣ୍ଡା, ସୁଜାତା କବି, ଏମ୍‌ଡି ୱାକର ଅଲି, ସୁଶିଲ ସ୍ୱାଇଁ ଏବଂ ବିପିନ ବିହାରୀ ପାତ୍ର ପ୍ରମୁଖ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏଡ୍‌ସ ଦିବସ



ପାରାଦୀପ,୧।୧୨(ସମିସ): ବିଶ୍ୱ ଏଡ୍‌ସ ଦିବସ ଅବସରରେ ପାରାଦୀପ ବନ୍ଦର ହସ୍ପିଟାଲରୁ ଏକ ପଦଯାତ୍ରା ଆରମ୍ଭ କରାଯାଇ ଅଫିସର୍ସ କ୍ଲବଠାରେ ଶେଷ ହୋଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହରନାଦ ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇବା ସହିତ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବନ୍ଦର ଉପାଧ୍ୟକ୍ଷ ଟି.ଭେନୁଗୋପାଳ, ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ, ଚିକିତ୍ସକ, ପାରା ମେଡିକାଲ କର୍ମଚାରୀଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ, ଅଧିକାରୀ, ସିଆଇଏସଏଫ କର୍ମଚାରୀ, ପାରାଦୀପ ସାକ୍ଷରତା ସମିତି ସ୍ୱେଚ୍ଛାସେବୀ, ଏଡସ୍ ଉପରେ କାର୍ଯ୍ୟ କରୁଥିବା ଏନଜିଓ, ଟ୍ରାନସଜେଣ୍ଡର ଏବଂ ଜନସାଧାରଣ ଏହି ସମାବେଶରେ ସାମିଲ ହୋଇଥିଲେ। ଏହା ପରେ କ୍ୟାଡ୍ସ ସହଯୋଗରେ ବନ୍ଦର ଗେଟ-୧ ଏବଂ ୩ରେ ଟ୍ରକ୍ ଚାଳକମାନଙ୍କ ପାଇଁ ଏକ ସ୍କ୍ରିନିଂ ଶିବିର ଆୟୋଜନ କରାଯାଇ ୨୦୬ ଜଣଙ୍କର ସ୍କ୍ରିନିଂ କରାଯାଇଥିଲା। ସେଥି ମଧ୍ୟରେ କାହାରିକୁ ଏଡ୍ସ ପଜିଟିଭ ଚିହ୍ନଟ ହୋଇନଥିବା ବୋଲି ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା



ନାଉଗାଁ,୧।୧୨(ସମିସ): ବିଶ୍ୱ ଏଡ୍ସ ଦିବସ ଅବସରରେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରେ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଚିତ୍ତରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ଼କ୍ରସ, +୨ ଓ +୩ ଏନଏସଏସ ଇଉନିଟ୍ର ସ୍ୱେଚ୍ଛାସେବୀମାନଙ୍କ ସଂଯୁକ୍ତ ପରିଚାଳନାରେ ଯୁବ ରେଡ଼କ୍ରସ କାଉଁସିଲର ଚୈତନ୍ୟ ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ପଦଯାତ୍ରାଟି ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଚାନ୍ଦଖାପାଟଣା, ହରିନବାଇ, ବ୍ଲକଛକ, ନାଉଗାଁହାଟ, ଅବଦଲପୁର ଓ ଚନ୍ଦ୍ରପୁର ଦେଇ ଆବାରେ କ୍ୟାମ୍ପସକୁ ପହଞ୍ଚିଲା। ପଦଯାତ୍ରାକାଳୀନ ସମୟରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଏଡ୍ସ ସଚେତନତାର ସ୍ଲୋଗାନ ଧ୍ୱନିତ କରିଥିଲେ ଏବଂ ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ ସମାଜକୁ ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର ସହ ଜ୍ୟୋତି ପ୍ରକାଶ ଲେଙ୍କା, ବିଭୁତି ଭୂଷଣ ସ୍ୱାଇଁ, +୩ ଏନଏସଏସ ପ୍ରୋଗ୍ରାମ ଅଫିସର ବିଜୟିନୀ ପଢିହାରୀ, +୨ ପ୍ରୋଗ୍ରାମ ଅଫିସର ଏକତା ପଣ୍ଡା, ହୃଦାନନ୍ଦ ସ୍ୱାଇଁ, ଅମ୍ବିକା ଚାନ୍ଦ, ବିକ୍ରମ ବେହେରା ଆଦି ଉପସ୍ଥିତ ଥିଲେ। ପଦଯାତ୍ରା ପରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହେଲା। ସଭାରେ ନାଉଗାଁ ମେଡିକାଲ ଅଫିସର ଡ଼. ସଂଗ୍ରାମ କେଶରୀ ମହାନ୍ତି ମୁଖ୍ୟ ବକ୍ତା ଭାବେ ଏଡ୍ସ ରୋଗର ଆଶଙ୍କା, ଲକ୍ଷଣ ଓ ପ୍ରତିରୋଧ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ପ୍ରଭାତ କୁମାର ଶତପଥୀ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଦୁଇଶହରୁ ଅଧିକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ନାଉଗାଁରେ ଯୁଗ୍ମଜନ ଅଭିଯୋଗ ଶୁଣାଣି



ଜଗତସିଂହପୁର/ନାଉଗାଁ, ୧।୧୨ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୬୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୧୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ଟି, ଭତ୍ତା ପାଇବା ପାଇଁ ୨ଟି, ପୁଲିସ୍ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ନାଉଗାଁ, ଅକ୍ଷୟ କୁମାର ବଡୁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଲକ୍ଷ୍ମୀ ମନ୍ଦିରର ଭୂମିପୂଜନ କାର୍ଯ୍ୟକ୍ରମ



ପାରାଦୀପ,୧।୧୨(ସମିସ): ପାରାଦୀପ ପୌରାଞ୍ଚଳ ଷଣ୍ଢକୁଦରେ ଥିବା ଜଗନ୍ନାଥ ମନ୍ଦିରରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଲକ୍ଷ୍ମୀ ମନ୍ଦିରର ଆଜି ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ପଣ୍ଡିତ ରାଧାକୃଷ୍ଣ ପଣ୍ଡାଙ୍କ ସହାୟତାରେ ସକାଳୁ ନାଗ ପୂଜା, ସୂର୍ଯ୍ୟ ପୂଜା ସମେତ ଯଜ୍ଞ ଆଦି କରାଯାଇଥିଲା। ଷଣ୍ଢକୁଦ ବାସୁଦେବ ପୀଠଠାରେ ଥିବା ଏହି ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ଥାନୀୟ କାଉନସିଲରଙ୍କ ସମେତ ସମସ୍ତ ବାସିନ୍ଦା ସହଯୋଗର ହାତ ବଢାଇଛନ୍ତି। ଆଜି ଭୂମିପୂଜନ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସହିତ ଟ୍ରଷ୍ଟ ମେମ୍ବର ଗଦାଧର ଦାସ, ନାରାୟଣ ପରିଡା, ପବିତ୍ର ନାୟକ, ଶିଶିର ଓଝା, କେଦାର ପରିଡା, କେ ରାମବାବୁ, ଅକ୍ଷୟ ଜେନା, ରଥ ଓଝା, ଭ୍ରମରବର ନାୟକ ଓ କେ ଜଗନ୍ନାଥ ରାଓ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ବସ୍ତିର ବହୁ ମୁରବୀ ଶ୍ରେଣୀୟ ଲୋକ ଓ ବହୁ ଜଗନ୍ନାଥ ପ୍ରେମୀ ମଧ୍ୟ ଉପସ୍ଥିତି ଥିଲେ।

## ମନ୍ତ୍ରୀଙ୍କ ପାଇଲଟ୍ ଗାଡ଼ି ଧକ୍କାରେ ବୃଦ୍ଧା ଗୁରୁତର



ରଘୁନାଥପୁର,୧।୧୨(ସମିସ): କଟକ- ପାରାଦୀପ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଦୈନିକ ରଘୁନାଥପୁରରୁ ଜଇପୁର ମଧ୍ୟରେ ଘଟୁଛି ଦୁର୍ଘଟଣା। ଆଜି ସୋମବାର ସକାଳେ କଟକ ପାରାଦୀପ ରାସ୍ତାର ତାରପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁଙ୍କ ପାଇଲଟ ଗାଡ଼ି ଧକ୍କାରେ ଜନୈକ ବୃଦ୍ଧା ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମୁରଲୀମୋହନ ମଲ୍ଲିକଙ୍କ ସ୍ତ୍ରୀ କମଳା ମଲ୍ଲିକ (୭୫)। ଶିଳ୍ପ ମନ୍ତ୍ରୀ ସ୍ୱାଇଁ ସୋମବାର ପୂର୍ବାହ୍ନରେ ପାରାଦୀପରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର କମଳା ମଲ୍ଲିକ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ମନ୍ତ୍ରୀଙ୍କୁ ନେଇ ଯାଉଥିବା ପାଇଲଟ ଗାଡ଼ି କମଳାଙ୍କୁ ଧକ୍କା ଦେଇଥିଲା। ରାସ୍ତାରେ ପଡ଼ି ବୃଦ୍ଧାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲର ଜରୁରୀକାଳୀନ ବିଭାଗକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଛି। ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ବୋଲି ପରିବାରଜନଙ୍କ ଠାରୁ ଖବର ମିଳିଛି।

### ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ

# 'ପତି, ପତ୍ନୀ, ପୁଲିସ ଓ ପ୍ରେତ' ମଞ୍ଚସ୍ଥ

ପାରାଦୀପ,୧।୧୨(ସମିସ)



ପାରାଦୀପ ବନ୍ଦର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ସଦନ ଠାରେ ଆୟୋଜିତ ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବନ୍ଦର ପ୍ରଶାସନିକ ବିଭାଗର କର୍ମଚାରୀ ମାନେ ଡାକ୍ତର ରାଜେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନାରେ ତଥା ଦିଲୀପ ବଳବନ୍ତରାୟଙ୍କ ଲିଖିତ ନାଟକ 'ପତି, ପତ୍ନୀ, ପୁଲିସ ଓ ପ୍ରେତ' ମଞ୍ଚସ୍ଥ କରିଥିଲେ। ଅନ୍ଧକାର ଯେତେ ଘନୀଭୂତ ହେଲେ ମଧ୍ୟ ସୂର୍ଯ୍ୟ ଉଦୟକୁ ଅଟକାଇ ପରେ ନାହିଁ। ଠିକ୍ ସେମିତି ଅପରାଧୀ ଯେତେ ଚତୁର ହେଲେ ବି ଆଇନର ଲମ୍ବା ହାତରୁ ଖସି ଯାଇ ପାରେ ନାହିଁ। ହିଂସା ଓ ଅପରାଧ କେବେ ସମାଧାନର ବାଟ ନୁହେଁ। କ୍ଷଣିକ ଆବେଗ କିମ୍ବା ସ୍ୱାର୍ଥ ପାଇଁ କରାଯାଇଥିବା ଭୁଲ ଗୋଟିଏ ସୁନ୍ଦର ଜୀବନକୁ ତ ନଷ୍ଟ କରେ ତା ସହ ପୂରା ପରିବାର ଏବଂ ସମାଜକୁ ଅନ୍ଧକାର ମଧ୍ୟକୁ ଠେଲି ଦିଏ। ତେଣୁ ଆସନ୍ତୁ ଆମେ ସମସ୍ତେ ସଜାଗ ହେବା। ଏକ ଅପରାଧମୁକ୍ତ, ଭୟମୁକ୍ତ ଏବଂ ସୁସ୍ଥ ସମାଜ ଗଠନ କରିବାରେ ନିଜର ଯୋଗଦାନ ଦେବା। ଏହା ହିଁ ଥିଲା ନାଟକର ବାର୍ତ୍ତା। ନାଟକରେ ସବୁ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ଅନେକ ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା। ନାଟକରେ ସମୀର ସ୍ୱାଇଁ, ରାଜଲକ୍ଷ୍ମୀ ପଟ୍ଟନାୟକ, ସମୀର ମହାପାତ୍ର, ଶ୍ରଦ୍ଧାଞ୍ଜଳି ରାଉତରାୟ, ପ୍ରକାଶ ନାୟକ, ମହେନ୍ଦ୍ର ନାୟକ, ଜନ କଲ୍ୟାଣ ମାଝି, ଜ୍ୟୋତି ଦାସ, ପ୍ରକାଶ ରାଉତ, ହେନା ଭୂୟାଁ, ଉଷାନ୍ତ ମହାନ୍ତି, ତପନ ପାତ୍ର ଆଦି କଳାକାର ମାନେ ଅଭିନୟ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ଜଗତସିଂହପୁର,୧।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପାଟେଣୀଗାଁ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସ୍ଥାନୀୟ ବିଧାୟକଙ୍କ କରକମଳରେ ଶିଳାନ୍ୟାସ ହୋଇଯାଇଛି। ଉରାଳୀଠାରେ ସୁଭଦ୍ରା ଶକ୍ତି ମହାସଂଘ ଗୃହ ଶିଳାନ୍ୟାସ, ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ମନ୍ଦିରର ଶିଳାନ୍ୟାସ, ମା' ଜାଡୁଆଣୀ ଯଜ୍ଞ ମଣ୍ଡପର ଶିଳାନ୍ୟାସ ଏବଂ ପାଟେଣିଗାଁ ପଞ୍ଚାୟତର ବୁଢ଼ୀ ଜାଗୁଳେଇ ମନ୍ଦିର ପରିସରରେ ଉଜ୍ଜ୍ୱଳ ଆଲୋ ବିଧାୟକ ଅମରେନ୍ଦ୍ର ଦାସଙ୍କ କର କମଳରେ ଉଦ୍‌ଘାଟିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପରିଡ଼ା, ସମିତି ସଭ୍ୟା ରାଜଶ୍ରୀ ମହାନ୍ତି, ସୁରେନ୍ଦ୍ର ସ୍ୱାଇଁ, ଜଗଦୀଶ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ସାରଙ୍ଗ ପାଇଟାଳ, ଅଶୋକ ଭୋଇଙ୍କ ସମେତ ଶତାଧିକ ଲୋକ ଏବଂ ପଞ୍ଚାୟତ ସୁଭଦ୍ରା ଶକ୍ତିକେନ୍ଦ୍ରର ସଦସ୍ୟା ମାନେ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

ପରଜଙ୍ଗ,୧।୧୨(ସମିସ): ୫୩ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ବଡ଼ଝରା ଗ୍ରାମ ନୂଆସାହି ଛକରେ ସୋମବାର ଅପରାହ୍ନରେ ଗାଡ଼ି ଧକ୍କାରେ ପଥଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୂଆସାହିର ଅମ୍ବୁଜ ନାଏକ (୫୦)। ଅମ୍ବୁଜ ସାହି ଛକରୁ ଘରକୁ ଫେରୁଥିବା ବେଳେ କାମାକ୍ଷାନଗର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା କାର୍ ତାଙ୍କୁ ଧକ୍କାଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇ କାର୍ ପରଜଙ୍ଗ ଆଡ଼କୁ ପଳାଇଯାଇଥିଲା। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ଅଡ଼ି ବସିଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ଯୁବ ବ୍ୟବସାୟୀଙ୍କ ପରଲୋକ

ପରଜଙ୍ଗ,୧।୧୨(ସମିସ): ଗଡ଼ପରଜଙ୍ଗ ଗ୍ରାମର ଯୁବ ବ୍ୟବସାୟୀ ଜମ୍ବେଶ୍ୱର ଦଳବେହେରାଙ୍କ ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୩୯ ବର୍ଷ ବୟସ ହୋଇଥିଲା। ସେ ପରଜଙ୍ଗ ବଜାର ଛକରେ ଏକ ମୋବାଇଲ ଦୋକାନ କରିଥିଲେ। ସୋମବାର ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସମୂହ ଛୁଟିରେ ଯିବେ ଓଏଭି ଶିକ୍ଷକ ଶିକ୍ଷୟିତ୍ରୀ



କାମାକ୍ଷାନଗର,୧।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପ୍ରତିଷ୍ଠା ହେବାର ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହୋଇଛନ୍ତି। ୧୩ ଦଫା ଦାବିନେଇ ରାଜ୍ୟର ବିଭିନ୍ନ ଓଏଭିର ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଭୁବନେଶ୍ୱରରେ ୬ ଦିନ ଧରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ମାତ୍ର ସରକାରଙ୍କ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଆଗାମୀ ଡିସେମ୍ବର ୮ରୁ କାମାକ୍ଷାନଗର ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଓଏଭି ଶିକ୍ଷକ ମହାସଂଘ ଆହ୍ୱାନ କ୍ରମେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛୁଟିରେ ଯିବାସହ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସ୍ଥିର କରିଥିବା କହିଛନ୍ତି।

## ମହାବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

କାମାକ୍ଷାନଗର,୧।୧୨(ସମିସ): କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅବସରରେ ସ୍ୱଦେଶୀ ଓ ବିଦେଶୀ ଦ୍ରବ୍ୟ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ରେଣୁକା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅଧ୍ୟାପକ ଦୀପକ କୁମାର ବିଶ୍ୱାଳ ସଂଯୋଜନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଆଶିଷ କୁମାର ମହାନ୍ତି, ଅଧ୍ୟାପିକା ସୁରମା ପ୍ରଧାନ, ବିଜୟଲକ୍ଷ୍ମୀ ମହାନ୍ତି, ମୀନକେତନ ସାହୁ, ନିରଞ୍ଜନ ମଲ୍ଲିକ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

କଙ୍କଡ଼ାହାଡ଼,୧।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଗୋଡ଼ିସାହି ଗ୍ରାମ ରଘୁନାଥଜୀଉ ପୂଜା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଯଜ୍ଞାଚାର୍ଯ୍ୟ ଶିବପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କର୍ତ୍ତା ଭାବେ ପ୍ରଫୁଲ୍ଲ ବରାଳ, କୁମୁଦିନୀ ବରାଳ ଦାୟିତ୍ୱ ତୁଲାଇଥିଲେ। ଅଞ୍ଚଳର ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଉତ୍ସବରେ ପରଜଙ୍ଗ ବିଧାୟକଙ୍କ ପୁଅ ପୀୟୂଷ ବର୍ଦ୍ଧନ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, କାର୍ତ୍ତିକ ସାହୁ, ବିଡିଓ ଯଶୋବନ୍ତ ଦେହୁରୀ, ଆମ୍ରି ଅଧ୍ୟକ୍ଷ ରମେଶ ମିଶ୍ର, ଜିଲ୍ଲା ଯୁବ ସମ୍ପାଦକ ହରେଶ ବେହେରାଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ମନ୍ଦିର କମିଟି ସଭାପତି ଶିବାନନ୍ଦ ସାହୁ, ସମ୍ପାଦକ ଉତ୍ତମ ବରାଳଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଯୋଗାଣ ମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

ଢେଙ୍କାନାଳ,୧।୧୨(ସମିସ): ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ସଦର ବ୍ଲକ୍ ଅନ୍ତର୍ଗତ ଭାଲିଆବୋଲ କାଟେଣୀ ପଞ୍ଚାୟତରେ ଜନଶୁଣାଣି କରିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରତାପ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନଶୁଣାଣିରେ ମନ୍ତ୍ରୀ ପାତ୍ର ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗର ଶୁଣାଣି କରିଥିଲେ। ୮୦ ପ୍ରତିଶତ ସମସ୍ୟା ସମାଧାନ କରିବା ସହ ଅବଶିଷ୍ଟ ଅଭିଯୋଗଗୁଡ଼ିକ ଶୀଘ୍ର ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଦର ବିଡିଓଙ୍କ ସମେତ ଅନ୍ୟ ଅଧିକାରୀ, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତ, ପୂର୍ବତନ ମଣ୍ଡଳ ସଭାପତି ଧ୍ରୁବଚରଣ ରାଉତ, ପୂର୍ବତନ ସରପଞ୍ଚ ଲଛମନ ବେହେରା, ବରିଷ୍ଠ ନେତା ବାସୁଦେବ ଧଳ, ରଣବୀର ସିଂ, ଗ୍ରାମ ମୁଖିଆ ଶିଖର ବେହେରା, ଗଙ୍ଗାଧର ବେହେରା, ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



### ହିନ୍ଦୋଳ ବ୍ଲକ କୃଷି ବିଭାଗରେ ବ୍ୟାପକ ଦୁର୍ନୀତି

# କୁଜିନେତାଙ୍କୁ ଦିଆଯାଇଛି ହରଡ଼ ବିହନ

ହିନ୍ଦୋଳ,୧।୧୨(ସମିସ)

ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ କିଛ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଚାଷୀଙ୍କ ପାଇଁ ଆସୁଥିବା ବିଭିନ୍ନ ସହାୟତାକୁ ହରିଲୁଟ କରୁଥିବା ଦେଖିବାକୁ ମିଳୁଛି। ଏଭଳି ହିନ୍ଦୋଳ ଉପଖଣ୍ଡ କୃଷି ବିଭାଗରେ ଘଟିଛି। କେଉଁ ଚାଷୀଙ୍କୁ କେତେ ପରିମାଣର ଧାନ ବିହନ ଯୋଗାଇ ଦିଆଯାଇଛି ତାହାର ସଠିକ୍ ତଥ୍ୟ କୃଷି ବିଭାଗ ପାଖରେ ନ ଥିବା ବେଳେ କିଛିଦିନ ପୂର୍ବରୁ ଉପଖଣ୍ଡର ଚାଷୀଙ୍କୁ ହରଡ଼ ବିହନ ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ହୋଇଥିଲା। କିଛି ଏନଜିଓକୁ ହରଡ଼ ବିହନ ଧରାଇ ଦେଇ କୃଷି ବିଭାଗ ନିଜର କର୍ତ୍ତବ୍ୟ ତୁଲାଇ ଦେଇଥିବା ଦେଖିବାକୁ ମିଳିଛି। ଦାୟିତ୍ୱ ନେଇଥିବା ଏନଜିଓ ଚାଷୀ ବଦଳରେ କିଛି କୁଜିନେତା ଓ ଅଧିକାରୀଙ୍କ ସମ୍ପର୍କୀୟ ନାମରେ ତାଲିକା କରି ହରଡ଼ ବିହନକୁ ହରିଲୁଟ୍ କରିଥିବା ଅଭିଯୋଗ ହୋଇଛି। ଏପରିକି ଉପଖଣ୍ଡର କେଉଁ ପଞ୍ଚାୟତରେ କେତେ ଚାଷୀଙ୍କୁ ହରଡ଼ ବିହନ ଯୋଗାଇ ଦିଆଯାଇଛି ତାହାର ତଥ୍ୟ କୃଷି ବିଭାଗ ପାଖରେ ନାହିଁ ବମ୍ପା, ଠୋକର, ରଞ୍ଜାଗୋଳ, କାରନ୍ଦା, ସଞ୍ଜପଡ଼ା,



ମାଧପୁର, ବାବନ୍ଧ, ନୂଆଗାଁ ପଞ୍ଚାୟତରେ ୫ ହେକ୍ଟର ଲେଖାଏଁ, କଂସରା ପଞ୍ଚାୟତରେ ୩୦ ହେକ୍ଟର, ହାତୁରା ପଞ୍ଚାୟତରେ ୧୦ ହେକ୍ଟର ଜମି ପାଇଁ ହେକ୍ଟର ପିଛା ୨୦ କିଲୋ ହିସାବରେ ହରଡ଼ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା କୃଷି କାର୍ଯ୍ୟାଳୟ ରେକର୍ଡରେ ରହିଛି। ତେବେ ଆଶ୍ଚର୍ଯ୍ୟର କଥା ସେହି ପଞ୍ଚାୟତର କେଉଁ ଚାଷୀଙ୍କୁ କେତେ ବିହନ ଦିଆଯାଇଛି ତାହା ଖୋଦ କୃଷି ଅଧିକାରୀ ଜାଣିନାହାନ୍ତି। କିଛି ଚାଷୀଙ୍କ ଆଧାର କାର୍ଡ ଯୋଗାଡ଼ କରାଯାଇ ହରଡ଼ ବିହନକୁ କିଛି ବିଭାଗୀୟ ଅଧିକାରୀ, ଚୟନ କରାଯାଇଥିବା ଏନଜିଓ ଓ କିଛି କୁଜିନେତାଙ୍କ ଜରିଆରେ ହରିଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି। ନୂତନ ସରକାର ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ କରିବେ ବୋଲି ଘୋଷଣା କରୁଥିବା ବେଳେ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ କାର୍ଯ୍ୟାଳୟରେ ଦିନକୁ ଦିନ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ିଚାଲିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଛି। ଅଭିଯୋଗ ଆଧାରରେ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଉଛି। ହେଲେ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରକଥା ଏହାର ତଦନ୍ତ ମଧ୍ୟ ହେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହରଡ଼ ବିହନ ବଣ୍ଟନ ସମ୍ପର୍କରେ ହିନ୍ଦୋଳ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଚଳିତ ବର୍ଷ କେତେ ହରଡ଼ ବିହନ ଆସିଥିଲା ଓ କେଉଁ ଚାଷୀଙ୍କୁ ଦିଆଯାଇଛି ତାହାର ତଥ୍ୟ ମୋ ପାଖରେ ନାହିଁ। ଏନଜିଓ ସଂସ୍ଥାଠାରୁ ବୁଝିଲା ପରେ କହିପାରିବି ବୋଲି ସେ କହିଛନ୍ତି। ତେବେ କେଉଁ ଆଧାରରେ ଚାଷୀ ଚୟନ କରାଗଲା, କେଉଁ ପଞ୍ଚାୟତରେ କେତେ ଚାଷୀଙ୍କୁ ବିହନ ଯୋଗାଇ ଦିଆଗଲା ତାହାର ହିସାବ ଖୋଦ କୃଷି ଅଧିକାରୀଙ୍କ ପାଖରେ କିପରି ରହିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତି ଉନ୍ମୋଚନ ହୋଇପାରିବ ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



ପରଜଙ୍ଗ,୧।୧୨(ସମିସ): ପରଜଙ୍ଗ ତହସିଲ ବାରିହାପୁର ମୌଜାର ଖାତା ନଂ ୮୩୦, ପ୍ଲଟ ନଂ ୧୦୬୯ ବଗାୟତ କିସମ ୧.୬୭ ଏକର ଜମିର ଅନେକ ସ୍ଥାନକୁ ଜବରଦଖଲ କରି ଦୀର୍ଘ ବର୍ଷ ହେବ ବାରିହାପୁର ଗ୍ରାମର ବାସିନ୍ଦାମାନେ ଢାବା, ଉଠା ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ପରଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ନିର୍ମାଣ ନିମନ୍ତେ ପରଜଙ୍ଗ ମୌଜାରେ ସରକାରୀ ଜମି ନ ଥିବାରୁ ବାରିହାପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜମିକୁ ଚିହ୍ନଟ କରାଯାଇଥିଲା। ସେଠାରେ ଜବରଦଖଲ ଉଚ୍ଛେଦ ନିମନ୍ତେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରିଥିବା ବେଳେ ଜବରଦଖଲ କରି ଢାବା କରିଥିବା ଅନିଲ କୁମାର ରଣା କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଉପଜିଲ୍ଲାପାଳ ଅଭିଯୋଗର ଶୁଣାଣି କରି ସ୍ଥଗିତାଦେଶ ଜାରି କରିଥିବା ବେଳେ ପରବର୍ତ୍ତୀ ସମୟରେ ଶୁଣାଣି କରି ଉଚ୍ଛେଦ ନିମନ୍ତେ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ସୋମବାର ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ପର୍ଯ୍ୟବେକ୍ଷକ ଅରବିନ୍ଦ ସାହୁ, କ୍ରୀତିପଦା ଜେନା, ରାଜସ୍ୱ ନିରୀକ୍ଷକ ଆଲୋକ ଲେଙ୍କା, ପରଜଙ୍ଗ ଥାନା ଏଏସ୍ଆଇ ଅଜୟ କୁମାର ସାମଲ ପହଞ୍ଚି ଯନ୍ତ୍ରାଂଶ ଲଗାଇ ସମସ୍ତ ସରକାରୀ ଜମିରୁ ଢାବା ସମେତ ଉଠା ଦୋକାନ ଉଚ୍ଛେଦ କରିଛନ୍ତି। ଜବରଦଖଲ ଉଚ୍ଛେଦ ନିମନ୍ତେ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଥିବା ବେଳେ ପରଜଙ୍ଗ ତହସିଲ ଅଧୀନରେ କିଛି ଜବରଦଖଲ ଉଚ୍ଛେଦ ହେଉଛି। ତେବେ ପ୍ରଭାବଶାଳୀ ଲୋକଙ୍କ ଜବରଦଖଲ ଉଚ୍ଛେଦ ନିମନ୍ତେ ତହସିଲ ପ୍ରଶାସନର ଶିଥିଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିହାରୀ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଛି ପୁଲିସ

- ନାବାଳିକା ଅପହରଣକାରୀଙ୍କୁ ଦେଉଛି ସୁରକ୍ଷା
- କାଲୁରିଆ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ

ଢେଙ୍କାନାଳ,୧।୧୨(ସମିସ): ଏକ ବିହାରୀ ପରିବାର ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାଲୁରିଆ ଗ୍ରାମର ଜଣେ ନାବାଳିକାକୁ ଅପହରଣ ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଉଥିବା ଗ୍ରାମ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏ ଦିଗରେ ପଦେକ୍ଷପ ନେବାକୁ ଦାବି ହୋଇଛି।
କାଲୁରିଆ ଗ୍ରାମ କମିଟିର ଅଭିଯୋଗ ଅନୁସାରେ ଗତ ନଭେମ୍ବର ୨୧ ତାରିଖ କାଲୁରିଆରେ ରହୁଥିବା ବିହାରୀ ପରିବାରର ଭାନୁପ୍ରତାପ ସିଂ ଏବଂ ତାଙ୍କ ଭାଇ ଅନିଲ ସିଂ ଗ୍ରାମର ଜଣେ ନାବାଳିକାକୁ ଅପହରଣ କରିଥିବା ୨୨ ତାରିଖ ଥାନାରେ ଅଭିଯୋଗ ହୋଇଥିଲା। ଗ୍ରାମର ଶରତ କୁମାର ବେହେରାଙ୍କ ଯୋଜନାରେ ନାବାଳିକାକୁ ଅପହରଣ କରାଯାଇଥିଲା। ନାବାଳିକାଙ୍କୁ ପୁଲିସ ଠାବ କରିଥିବା ବେଳେ ଅଭିଯୁକ୍ତମାନେ ଆଗୁଆ ଜାମିନ ପାଇଯାଇଥିଲେ। ପୁଲିସ ନାବାଳିକାଙ୍କ ବାପାଙ୍କଠାରୁ ଏକ ସାଦା କାଗଜରେ ଦସ୍ତଖତ ନେବା ପରେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ୧୬୪ ବୟାନକୁ ଭୁଲ ରାସ୍ତାରେ ନେଉଥିବା ଅଭିଯୋଗ କରିଛନ୍ତି। ଏହାର ବିଚାର କରି ନ୍ୟାୟ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ୟବସାୟୀଙ୍କୁ ହତ୍ୟା ଘଟଣା: ବାବାକୁ ୫ବର୍ଷ ସଶ୍ରମ କାରାଦଣ୍ଡ

ଢେଙ୍କାନାଳ,୧।୧୨(ସମିସ): ଏକ ହତ୍ୟା ମାମଲାର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଣତି ଶାହା ଦୋଷୀ ଦାଶରଥି ବେହେରା ଓରଫ ବାବାକୁ ୩୦୪ ଦଫାରେ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଜରିମାନା କରିଛନ୍ତି।
ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଫେବୃଆରୀ ୯ରେ ଗଁଦିଆ ଥାନାରେ ବିଶ୍ୱନାଥ ପାତ୍ର ଅଭିଯୋଗ କରିଥିଲେ ଯେ ସକାଳ ୮ଟାରେ ତାଙ୍କ ପୁଅ ଉଦ୍ଧବ ପାତ୍ର ନିଜ ଗାଡ଼ିରେ ବ୍ୟବସାୟ କାମରେ ଷଡ଼ଙ୍ଗୀ ଅଞ୍ଚଳକୁ ଯାଉଥିଲେ। ତେବେ ସକାଳ ୧୦ଟାରେ ମନ୍ଦାର ଚୈତନ୍ୟ ଆଶ୍ରମ ନିକଟରେ ସାମାନ୍ୟ ବଚସାକୁ କେନ୍ଦ୍ର ଦାଶରଥି ଏକ କମଣ୍ଡଲୁ ଏବଂ ଫୁଙ୍କନଳୀରେ ତାଙ୍କୁ ପିଟି ପିଟି ହତ୍ୟା କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ୨୦ଜଣଙ୍କ ସାକ୍ଷ୍ୟ ଓ ସମସ୍ତ ପ୍ରମାଣ ଆଧାରରେ କୋର୍ଟ ଦାଶରଥିଙ୍କୁ ଦଣ୍ଡ ପ୍ରଦାନ କରିଛନ୍ତି। ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ତରଫରୁ ଅତିରିକ୍ତ ପିପି ବିମଳେନ୍ଦୁ ମହାପାତ୍ର, ଅକ୍ଷୟ କୁମାର ଭୋଇ, ଗଣେଶ୍ୱର ସାହୁ ଏହି ମାମଲା ପରିଚାଳନା କରୁଥିଲେ।

## ବିଜେପି ଜିଲ୍ଲା ଉପସଭାପତି ଭ୍ରାତୃ ବିୟୋଗରେ ଶୋକ



ଢେଙ୍କାନାଳ,୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା ବିଜେପି ଉପସଭାପତି ମାତୃପ୍ରସାଦ ନନ୍ଦଙ୍କ ସାନଭାଇ ପ୍ରିୟବ୍ରତ ନନ୍ଦ (୪୩)ଙ୍କ ଅକାଳ ବିୟୋଗରେ ଜିଲ୍ଲା ବିଜେପି ତରଫରୁ ଶୋକ ପ୍ରକଟ କରାଯାଇଛି। ପ୍ରିୟବ୍ରତ ଜଣେ ଫାର୍ମାସିଷ୍ଟ ତଥା ମେଡିସିନ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟରତ ଥିଲେ। ନିଜ କର୍ତ୍ତବ୍ୟ କରିବା ସହ ଲୋକଙ୍କୁ ମାଗଣାରେ ଔଷଧ ବଣ୍ଟନ ଓ ସ୍ୱାସ୍ଥ୍ୟସେବାରେ ନିମଗ୍ନ ରହୁଥିଲେ। ରବିବାର ସନ୍ଧ୍ୟାରେ ହୃଦଘାତ ହେତୁ ତାଙ୍କ ଦେହାନ୍ତ ଘଟିଥିଲା। ଖବର ପାଇ ଢେଙ୍କାନାଳ ନଗରର ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଡ଼ିଆନାଳୀସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସବିହାରୀ ବେହେରା, ରାଷ୍ଟ୍ରୀୟ ପରିଷଦ ସଭ୍ୟ ପ୍ରେମାନନ୍ଦ ଜେନା, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ରତିକାନ୍ତ ସାହୁ, ଜିଲ୍ଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ସନାତନ ବେହେରା, ନଗର ମଣ୍ଡଳ ସଭାପତି ବିକାଶ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ



ଢେଙ୍କାନାଳ,୧।୧୨(ସମିସ): ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀ ଗଁଦିଆ ବ୍ଲକ କଙ୍କା ଗ୍ରାମରେ ଶ୍ରୀରାଧାକୃଷ୍ଣଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚତୁର୍ଥ ଦିବସରେ ଉଦଯାପିତ ହୋଇଛି। ସୂର୍ଯ୍ୟପୂଜା, ଆଳତି, ମଧ୍ୟାହ୍ନ ଧୂପ ସହ ରାଧକୃଷ୍ଣ ବିଗ୍ରହଙ୍କ ସିଂହାସନ ବିଜେ, ଛପନ ଭୋଗ ଲାଗି, ଚଳନ୍ତି ପ୍ରତିମାଙ୍କ ନଗର ପରିକ୍ରମା କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ତାଙ୍କ ସହ ଗଁଦିଆ ବ୍ଲକ ବହୁ ସରପଞ୍ଚ, ସମିତିସଭ୍ୟ, ବିଜେପି କାର୍ଯ୍ୟକର୍ତ୍ତାଗଣ ଓ କର୍ମୀ ଉପସ୍ଥିତ ଥିଲେ। ପ୍ରେମାନନ୍ଦ ମହାମାନସିଂହ ଓ ପ୍ରମିଳା ମହାମାନସିଂହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସିଦ୍ଧେଶ୍ୱର ମିଶ୍ର, ଚିତରଞ୍ଜନ ମହାପାତ୍ର, ଶ୍ରୀକାନ୍ତ କୁମାର ନନ୍ଦ, ମନସୁମନ ମିଶ୍ର, ଅସିତ କୁମାର ମିଶ୍ର ତଥା ମନ୍ଦିର ପୂଜକ ହୃଦାନନ୍ଦ ପତି ଚାରିଦିନ ଧରି ଯଜ୍ଞ ପରିଚାଳନା କରିଥିଲେ। ଗ୍ରାମ ସଭାପତି ବିରଞ୍ଚି ଇନ୍ଦ୍ରଜିତ ସିଂହ, ସମ୍ପାଦକ ଶରତ ସ୍ୱାଇଁ, ପୂର୍ବତନ ଗ୍ରାମ ସଭାପତି ମେଘନାଦ ବଳିଆରସିଂହ, ସୁରେଶ ମାନସିଂ, ପବିତ୍ର ଇନ୍ଦ୍ରଜିତ ସିଂ, ନବୀନ ମାନସିଂ, ନରୋତ୍ତମ ମାନସିଂ, ବାଇଧର ଇନ୍ଦ୍ରଜିତ ସିଂ, ଚକ୍ରଧର ତରାଇ, ସୁଧାଂଶୁ ବଳିଆରସିଂହ, ହରିହର ମାନସିଂ, ଭରତ ପରିଡ଼ା, ପ୍ରସନ୍ନ ଇନ୍ଦ୍ରଜିତ ସିଂ, ଶରତ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ୩୮ତମ କୁରାଳ ପଞ୍ଚମୀ ଉତ୍ସବ ଉଦଯାପିତ



ଢେଙ୍କାନାଳ,୧।୧୨(ସମିସ): ସ୍ଥାନୀୟ ମୀନାବଜାର କୁମ୍ଭାରସାହିରେ ୩୮ତମ କୁରାଳ ପଞ୍ଚମୀ ଉତ୍ସବର ସୋମବାର ପୂର୍ଣ୍ଣାହୁତି ସହିତ ଭସାଣି ଅନୁଷ୍ଠିତ ହୋଇଛି। ଏହି ପୂଜାକୁ ପ୍ରଥମେ ସାହିର ବ୍ରହ୍ମାନନ୍ଦ ରାଉଳ, ବେଣୁଧର ବେହେରା, ବଂଶୀଧର ରାଉଳ, କେଶବ ରାଉଳ ପ୍ରମୁଖ ଆରମ୍ଭ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତି ପରେ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସୋମବାର ଅପରାହ୍ନ ୨ଟାରେ ଗ୍ରାମବାସୀଙ୍କ ସହଯୋଗରେ ଭସାଣି ଉତ୍ସବ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମକୁ ସଭାପତି ଉଦୟନାଥ ବେହେରା, କର୍ତ୍ତା ଆଲୋକ କୁମାର ବେହେରା, ପୂଜକ ସିତୁନୁ ନନା, ପ୍ରକାଶ ଚନ୍ଦ୍ର ବେହେରା, ଶିବାଜୀ ବେହେରା, ସତ୍ୟାନନ୍ଦ ବେହେରା, ରଞ୍ଜନ କୁମାର ପରିଡ଼ା, ସୁଶାନ୍ତ କୁମାର ବେହେରା, ସୌମ୍ୟ, ସିନ୍ଧୁ, ଭିକି, ଓମ୍, ଟୁକୁନୀ, ରାକେଶ, ସୁନିଧି ପ୍ରମୁଖ ପରିଚାଳନା କରିଥିଲେ।

### ● ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖଜୁରିଆକଟା,୧।୧୨(ସମିସ)




ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତ ସାଇଁବିରି ଜୟଦୁର୍ଗା ଫୁଟବଲ ପଡ଼ିଆରେ ସୋମବାର ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ହୀରକ ଜୟନ୍ତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହେଇଛି। ମୁଖ୍ୟଅତିଥି ରୂପେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୫ ଦଳ ଅଂଶଗ୍ରହଣ କରିଛନ୍ତି। ଏଥିସହ ଏକଦିବସୀୟ ମହିଳା ମ୍ୟାଚ ଅନୁଷ୍ଠିତ ହେବ। ସୋମବାର ଖୁଣ୍ଟକଟା ଦଳ ଓ ସିଆରିଆ ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖୁଣ୍ଟକଟା ୨-୦ ଗୋଲରେ ବିଜୟୀ ହୋଇଛି। କାର୍ଯକ୍ରମରେ ବିଜେପି ନେତା ରାମଚନ୍ଦ୍ର ପାତ୍ର, ପ୍ରେମାନନ୍ଦ ଜେନା ଯୋଗ ଦେଇଥିଲେ। ପୁରୁଷୋତ୍ତମ ରାଉତ, ବେଣୁଧର ସାହୁ, ଗଙ୍ଗାଧର ରାଉତ ଓ ରାଜକିଶୋର ରାଉତ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଆଶୀର୍ବାଦ କାନୁନଗୋ, ଅମୂଲ୍ୟ ସାମଲ, ମନୋଜ ସେଠୀ, ସନ୍ତୋଷ ପରିଡ଼ା ସହଯୋଗ କରିଥିଲେ।

## ଯୋଗାଣ ମନ୍ତ୍ରୀଙ୍କୁ ମହିମାଗାଦି ବ୍ଲକ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର



ଯୋରନ୍ଦା,୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦାଠାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ମହିମାଗାଦି ବ୍ଲକ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ନୂତନ ମହିମାଗାଦି ବ୍ଲକ ଗଠନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଛନ୍ତି। ଢେଙ୍କାନାଳ ସଦର ବ୍ଲକ ଓ ଗଁଦିଆ ବ୍ଲକର ମୁଖ୍ୟାଳୟଠାରୁ ଦୂରରେ ଥିବା ୧୬ ପଞ୍ଚାୟତକୁ ନେଇ ବିଶ୍ୱପ୍ରସିଦ୍ଧ ଧର୍ମପୀଠ ମହିମାଗାଦି ଯୋରନ୍ଦାଠାରେ ନୂତନ ବ୍ଲକ ଗଠନ କରିବାକୁ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ମହିମାଗାଦି ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ସମିତି ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ବରିଷ୍ଠ ସଭ୍ୟ ଶରତ ରାଉତ, ପୀତବାସ ରାଉତ, ଶରତ ରାଉତ, ଶରତ ପ୍ରଧାନ, ଶ୍ୟାମସୁନ୍ଦର ସ୍ୱାଇଁ, ଯଦୁନନ୍ଦନ ଦାସ, ଆନନ୍ଦଚନ୍ଦ୍ର ମହାନ୍ତି, ପ୍ରତାପ ନାଥ, ଧର୍ମାନନ୍ଦ ରାଉତ, ଅମ୍ବିକା ପ୍ରସାଦ ମିଶ୍ର, ଦିଗମ୍ବର ସାହୁ, କାବରା ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ଅଭୟ ପାଣି, ପ୍ରଶାନ୍ତ ଦେହୁରୀ, ବୀରେନ୍ଦ୍ର ନାୟକ, ଅଶୋକ ପଣ୍ଡା, ପ୍ରହଲ୍ଲାଦ ନାୟକ ପ୍ରମୁଖ ମନ୍ତ୍ରୀଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି।

### ପ୍ରେସର କୁକର ଫାଟି ଛାତ୍ର ଗୁରୁତର ଘଟଣା

## ବିଧାନସଭାରେ ବିଜେଡିର ଉଦ୍‌ବେଗ

ଭୁବନେଶ୍ୱର, ୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କେ.ସେମଳା ଗାଁର ଏକ ସ୍କୁଲ ହଷ୍ଟେଲରେ ପ୍ରେସର କୁକର ଫାଟି ଜଣେ ଛାତ୍ର ଗୁରୁତର ହେବା ଘଟଣାକୁ ନେଇ ସୋମବାର ବିଧାନସଭାରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଛାତ୍ରଟି ଆହତ ହେବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନିଆନଯିବା ଏବଂ ଏପରି ଅଭାବନୀୟ ସ୍ଥିତି କିପରି ଘଟିଲା ତାହାକୁ ନେଇ ବିଜେଡିର ବିଧାୟକମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକମାନେ ଦାବି କରିଥିଲେ। ଅପରପକ୍ଷେ, ବିଜେଡିର ଅଭିଯୋଗ ଉପରେ ପାଲଟା ଅଭିଯୋଗ ଆଣିଥିଲେ ନବରଙ୍ଗପୁର ବିଜେପି ବିଧାୟକ ଗୌରୀଶଙ୍କର ମାଝୀ। ଏପରି ଦୁଃଖଦପୂର୍ଣ୍ଣ ଘଟଣାରେ ଆମ ପିଲାମାନଙ୍କୁ ନେଇ ବିରୋଧୀ ରାଜନୀତି କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ।

ଆଜି ଶୂନ୍ୟକାଳରେ ପ୍ରଥମେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା। ସେ କହିଥିଲେ ଯେ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା, ତାହାର ପୁଙ୍ଖନାପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି। ବିଧାୟକ ପ୍ରଦୀପ ଦିଶାରୀ କହିଥିଲେ, ବିଭିନ୍ନ ସୂତ୍ରରୁ ଶୁଣିବାକୁ ମିଳୁଛି ଯେ ଉକ୍ତ ହଷ୍ଟେଲରେ କର୍ମଚାରୀଙ୍କ ଦରମା ବନ୍ଦ ଅଛି। ଅନ୍ୱେଷା ଯୋଜନା ବନ୍ଦ କରିବାକୁ ସରକାର ଉଦ୍ୟମ କରୁଥିବା ବେଳେ ଏପରି ସ୍ପର୍ଶକାତର ଘଟଣା ଘଟିବା ଦୁର୍ଭାଗ୍ୟଜନକ। ବିଧାୟକ ଧ୍ରୁବଚରଣ ସାହୁ ଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀ ଥିବା କାରଣରୁ ଆଦିବାସୀ ପିଲାଙ୍କୁ ଉନ୍ନତ ସୁରକ୍ଷା ଏବଂ ଶିକ୍ଷା ମିଳିବ ବୋଲି ସମସ୍ତେ ଆଶା ରଖିଥିଲେ। ମାତ୍ର ସରକାର ଅନ୍ୱେଷା ଯୋଜନାକୁ ବନ୍ଦ କରିବାକୁ ଉଦ୍ୟମ କରୁଥିବା ବେଳେ ଏହି ଦୁର୍ଘଟଣା ଏହାର ପରିଣତି ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

## ୨ ଦିନିଆ ରିମାଣ୍ଡରେ ଅରବିନ୍ଦ

ଭୁବନେଶ୍ୱର, ୧।୧୨(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ ମଧ୍ୟସ୍ଥଙ୍କ ସିବିଆଇ ରିମାଣ୍ଡ ଶେଷ ହେବା ପରେ ସୋମବାର ଆଉ ଜଣେ ମଧ୍ୟସ୍ଥକୁ ରିମାଣ୍ଡରେ ନେଇଛି ସିବିଆଇ। ସେ ହେଲା, ବାଲେଶ୍ୱର ଜିଲ୍ଲାର ଅରବିନ୍ଦ ଦାସ। ଅରବିନ୍ଦକୁ ୩ଦିନିଆ ରିମାଣ୍ଡ ପାଇଁ ସିବିଆଇ ଆବେଦନ କରିଥିବା ବେଳେ କୋର୍ଟ ୨ ଦିନ ପାଇଁ ଅନୁମତି ଦେଇଛନ୍ତି। ତଦନୁସାରେ, ସିବିଆଇ ଆଜି ସଂଧ୍ୟାରେ ତାକୁ ରିମାଣ୍ଡରେ ନେଇଛି। ଅରବିନ୍ଦ ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ। ସେ ଏସ୍‌ଆଇ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍‌ର ଉତ୍ତର-ଓଡ଼ିଶା ମୁଖ୍ୟ ଭାବେ କାମ କରୁଥିଲା। ଦୀଘା ଚାପ୍ଟରକୁ ସେ ସମ୍ପୂର୍ଣ୍ଣ ଭାବେ ସମ୍ଭାଳୁଥିଲା। ଉତ୍ତର-ଓଡ଼ିଶାରେ ତାଙ୍କର ଦଲାଲ ନେଟ୍‌ୱର୍କ ରହିଥିଲା। ଅନେକ ଛୋଟ ଦଲାଲ, କୋଚିଂ ସେଣ୍ଟର କର୍ମଚାରୀ, ସରକାରୀ ଏବଂ ବେସରକାରୀ କଲେଜ କର୍ମଚାରୀଙ୍କୁ ସେ କମିସନ୍ ଦେଇ ନିଜ ପାଖରେ ରଖିଥିଲେ। ସେମାନଙ୍କ ଜରିଆରେ ଆଶାର୍ଥୀଙ୍କୁ କ୍ୟାସ ଫର୍ ଜବ୍ ସ୍କିମ୍‌ରେ ଚୟନ କରୁଥିଲେ। ନିଜେ କିଛି କମିସନ ରଖି ସମସ୍ତ ଟଙ୍କା ସଙ୍କର ପୃଷ୍ଟିଙ୍କୁ ହସ୍ତାନ୍ତର କରୁଥିବା ଜଣାପଡ଼ିଛି।

### ନବୀନଙ୍କ ଆଗରେ ଅଭିଯୋଗ ବାଢ଼ିଲେ ଭଦ୍ରକର ଦଳୀୟ ନେତା

# ଅଧ୍ୟକ୍ଷମାନଙ୍କୁ ଧମକାଇ ଦଳ ଛାଡ଼ିବାକୁ ବାଧ୍ୟ କରାଯାଉଛି

ଭୁବନେଶ୍ୱର, ୧।୧୨(ସମିସ): ଭଦ୍ରକରେ ଦେଖା ଦେଇଥିବା ରାଜନୈତିକ ହଟଚମଟକୁ ନେଇ ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକ ଭଦ୍ରକ ଜିଲ୍ଲାର ବରିଷ୍ଠ ନେତାମାଙ୍କ ସହ ଆଲୋଚନା କରିବା ସହିତ ଦଳ କିପରି ଏଠାରେ ସଂଗଠିତ ହୋଇ ରହିବ, ସେନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ନିଜେ ବିଜେପି ରାଜ୍ୟ ସଭାପତି ଭିଆଉଛନ୍ତି ଏଭଳି କାଣ୍ଡ**

**ଅଧ୍ୟକ୍ଷମାନଙ୍କ ସହ ଆଲୋଚନା କରିବେ ପ୍ରଫୁଲ୍ଲ ସାମଲ**

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ବରିଷ୍ଠ ବିଜେଡି ବିଧାୟକ ଡଃ ବ୍ୟୋମକେଶ ରାୟ କହିଛନ୍ତି ଯେ ବିଜେପି ସରକାର ଆସିବା ପରେ ବିଜେଡି ବ୍ଲକ୍ ଅଧ୍ୟକ୍ଷମାନଙ୍କ ଉପରେ ବିଭିନ୍ନ ଉପାୟରେ ଚାପ ପ୍ରୟୋଗ କରାଯାଉଛି। ସେମାନଙ୍କୁ ଡରାଇ ଧମକାଇ ବିଜେପି ନଜ ଦଳକୁ ନେବା ପାଇଁ ଉଦ୍ୟମ କରୁଛି। କଳ-ବଳ-କୌଶଳ ଲଗାଇ ବିଜେପି ଏହି କାମ କରୁଥିବା ଯୋଗୁଁ ଜିଲ୍ଲାରେ ୪ ଜଣ ବ୍ଲକ୍ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଛନ୍ତି। ନିଜେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏହି କାର୍ଯ୍ୟ କରୁଛନ୍ତି ଓ ଏହାଦ୍ୱାରା ଗଣତାନ୍ତ୍ରିକ ପରମ୍ପରାରେ ଏକ କଳୁଷିତ ବାତାବରଣ ସୃଷ୍ଟି ହେଉଛି।



ଭଦ୍ରକ ଜିଲ୍ଲାରେ ଯେଉଁ ଅଧ୍ୟକ୍ଷମାନେ ଦଳ ଛାଡ଼ି ଯାଉଛନ୍ତି, ସେମାନେ ଦଳରୁ ଗଲେ କୌଣସି ପ୍ରଭାବ ପଡ଼ିବ ନାହିଁ। ଜିଲ୍ଲାର ବିଧାୟକ ପ୍ରାର୍ଥୀ ଓ ବିଧାୟକମାନଙ୍କ ବିଜୁ ଜନତା ଦଳ ସଂଗଠନ ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ଭଦ୍ରକ ଜିଲ୍ଲାରେ ବହୁତ ଭଲ ଫଳାଫଳ କରିବ।

ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ଆମ ଦଳର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ସାମଲଙ୍କୁ ଭଦ୍ରକ ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। ଯେଉଁ ଅଧ୍ୟକ୍ଷମାନେ ଦଳ ଛାଡ଼ୁଛନ୍ତି ବା ଏଭଳି ଆଶଙ୍କା ରହୁଛି, ଦଳର ନେତାମାନଙ୍କ ସହ ସେ ଆଲୋଚନା କରିବେ। ଜିଲ୍ଲାରେ ଦଳର ସ୍ଥିତି ମଜଭୁତ କରିବାକୁ ସଭାପତି ତାଙ୍କୁ ଦାୟିତ୍ୱ ଦେଇଛନ୍ତି। ତେବେ ଏହି ନେତାମାନେ ଅନ୍ୟ ଦଳକୁ ଯିବା ଦ୍ୱାରା ବିଜେଡିରେ କୌଣସି କ୍ଷତି ହେବ ନାହିଁ ଶ୍ରୀ ମଲ୍ଲିକ ଦୋହରାଇଛନ୍ତି। ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ କହିଛନ୍ତି, ଓଡ଼ିଶାର ପ୍ରିୟ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ନବୀନଙ୍କ ମୂଲ୍ୟବୋଧ ଓଡ଼ିଶାର ଯେକୌଣସି ନେତାଙ୍କ ମୂଲ୍ୟବୋଧଠାରୁ ଅଧିକ। ନବୀନ ପଟ୍ଟନାୟକଙ୍କୁ ଛାଡ଼ି କେହି ଯିବେ ନାହିଁ। ଯେଉଁମାନଙ୍କ କୌଣସି ମୂଲ୍ୟନାହିଁ, ସେମାନେ ଦଳ ଛାଡ଼ୁଛନ୍ତି। ବିଜୁ ଜନତା ଦଳରେ ମୁଁ ଅଛି, ଏହି ଦଳରେ ରହିବି ଓ ଦଳକୁ ମଜଭୁତ କରିବି ବୋଲି ପ୍ରଫୁଲ୍ଲ କହିଛନ୍ତି।

### ବାଙ୍କୀ ଜନଶୁଣାଣିରେ ଅଭାବନୀୟ ଘଟଣା

## ଭତ୍ତା ନ ମିଳିବାରୁ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

କଟକ, ୧।୧୨ (ସମିସ): କଟକ ଜିଲ୍ଲା ବାଙ୍କୀ ବ୍ଲକ୍ କାର୍ଯ୍ୟାଳୟରେ ଚାଲିଥିବା ଜିଲ୍ଲାପାଳଙ୍କ ଜନଶୁଣାଣି ସମୟରେ ଏକ ଅଭାବନୀୟ ତଥା ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ସରକାରୀ ସହାୟତା ପାଇବାରେ ବାରମ୍ବାର ବିଫଳ ହେବା ପରେ ଜଣେ ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି।



ଜିଲ୍ଲାପାଳଙ୍କ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳିଲେ ମହିଳା

ସୂଚନା ମୁତାବକ, ସ୍ୱାମୀଙ୍କ ମୃତ୍ୟୁ ପରେ ବୈଦେଶ୍ୱର ଗାଁର ମହିଳା ସସ୍ମିତା ମାଝୀ ଦୀର୍ଘ ଦିନ ଧରି ନିଜ ପରିବାର ଭତ୍ତା ବାବଦରେ ପ୍ରାପ୍ୟ ୨୦ ହଜାର ଟଙ୍କା ପାଇବା ପାଇଁ ସଂଘର୍ଷ କରୁଥିଲେ। ଏହି ପ୍ରାପ୍ୟ ପାଇବା ଲାଗି ସେ ବାରମ୍ବାର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସେଠୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ମାତ୍ର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ, ଲିଗାଲ ହେୟାର ସାର୍ଟିଫିକେଟ୍‌ରେ କିଛି ତ୍ରୁଟି ରହିଥିବା ଦର୍ଶାଇ ବାରମ୍ବାର ତାଙ୍କୁ ଫେରାଇ ଦେଉଥିଲେ। ବ୍ଲକ୍‌ରୁ ନିରନ୍ତର ନିରାଶ ଏବଂ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଆର୍ଥିକ ଅନାଟନରେ ଥିବା ସସ୍ମିତା ହତାଶ ହୋଇପଡ଼ିଥିଲେ। ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଚାଲିଥିବା ସମୟରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣଙ୍କ ସମ୍ମୁଖରେ ସସ୍ମିତା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ତେବେ ତୁରନ୍ତ ସେଠାରେ ଉପସ୍ଥିତ ଥିବା ପୁଲିସ ଓ ସୁରକ୍ଷା କର୍ମୀମାନେ ତାଙ୍କଠାରୁ ପେଟ୍ରୋଲ ବୋତଲ ଛଡ଼ାଇ ନେବା ସହ ତାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ସସ୍ମିତା କହିଛନ୍ତି ଯେ ଯଦି ଆଗାମୀ ଦିନରେ ତାଙ୍କ ସମସ୍ୟାର ସମାଧାନ ନ ହୁଏ, ତେବେ ସେ ପୁନର୍ବାର ଆତ୍ମାହୁତି ପରି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେବେ। ଏହି ଘଟଣା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରୀ କର୍ମଚାରୀମାନେ କିପରି ଅଣଦେଖା କରୁଛନ୍ତି ଏବଂ ଜନ ଅଭିଯୋଗ ଶୁଣାଣି ଭଳି କାର୍ଯ୍ୟକ୍ରମରେ ମଧ୍ୟ ଲୋକଙ୍କୁ କିପରି ନିରାଶ ହେବାକୁ ପଡୁଛି।

### ଋଣ କିସ୍ତି ଶୁଝି ନପାରିବାରୁ ଝିଅକୁ ମାଡ଼ ମାରି ଲହୁଲୁହାଣ

## ମୁଲତବୀ ଆଲୋଚନାରେ ବର୍ଷିଲେ ବିରୋଧୀ

ଭୁବନେଶ୍ୱର, ୧।୧୨(ସମିସ): ରାଜ୍ୟରେ ପୂର୍ବ ବିଜେଡି ସରକାର ମହିଳାଙ୍କୁ ସଶକ୍ତ, ଆତ୍ମନିର୍ଭର ଭାବେ ଗଢ଼ି ତୋଳିବା ପାଇଁ ମିଶନ ଶକ୍ତିକୁ ବଳ ଦେଇଥିଲେ। ମାତ୍ର ମିଶନ ଶକ୍ତିର ସାମାଜିକ ଆନ୍ଦୋଳନ ବର୍ତ୍ତମାନ ଭୁଶୁଡ଼ିବାକୁ ବସିଲାଣି। ମିଶନ ଶକ୍ତିରେ ମା' ଋଣ ଆଣିଥିବା ବେଳେ କିସ୍ତି ଖିଲାପ କାରଣରୁ ଝିଅକୁ ରାଜରାସ୍ତାରେ ମାଡ଼ ଖାଇ ଲହୁଲୁହାଣ କରାଗଲା। ଏହା ଅତ୍ୟନ୍ତ ସ୍ପର୍ଶକାତର ଘଟଣା। ଏ ଯୁଗରେ ମଧ୍ୟ ଦ୍ରୌପଦୀଙ୍କ ବସ୍ତ୍ରହରଣ ହେଉଛି ବୋଲି ସୋମବାର ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି।



**"ଏ ଯୁଗରେ ବି ଦ୍ରୌପଦୀଙ୍କ ବସ୍ତ୍ର ହରଣ"**

ଅପରପକ୍ଷେ, ଶାସକ ଦଳର ସଭ୍ୟ ଅଭିଯୋଗକୁ କପୋଳକଳ୍ପିତ କହିବା ସହ ମହିଳାଙ୍କ ସୁରକ୍ଷା ପାଇଁ ମୋହନ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି।

ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ଭଦ୍ରକ ଜିଲ୍ଲା ଗଣିଯାଙ୍ଗ ଅରଞ୍ଜି ଗାଁରେ ଏସ୍‌ଏଚ୍‌ଜି ଗ୍ରୁପ ମହିଳାଙ୍କ ମୃତ୍ୟୁ ପରେ ଋଣ ପାଇଁ ତାଙ୍କ ଝିଅଙ୍କୁ ମାଡ଼ ମରାଯାଇଛି। ମିଶନ ଶକ୍ତିର ସାମାଜିକ ଆନ୍ଦୋଳନ ରାଜ୍ୟରେ ବର୍ତ୍ତମାନ ଭୁଶୁଡ଼ିବାକୁ ବସିଲାଣି। ଏହି ଘଟଣା ତାହାର ଜ୍ୱଳନ୍ତ ଉଦାହରଣ। ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ କହିଥିଲେ ଯେ ମୋ ଅଞ୍ଚଳର ଜଣେ ଭଉଣୀ ଉପରେ ଅତ୍ୟାଚାର ହୋଇଛି, ଯାହାର ଭିଡିଓ ଗଣମାଧ୍ୟମରେ ଘୂରି ବୁଲୁଛି। ଋଣ ଟଙ୍କା ନଦେବାରୁ ରାସ୍ତା ମଝିରେ ଯୁବତୀଙ୍କୁ ମାଡ଼ କରାଯିବା ସହ ତାଙ୍କ ଡ୍ରେସ ଚିରି ଦିଆଗଲା। ଏ ଯୁଗର ମଧ୍ୟ ଦ୍ରୌପଦୀଙ୍କ ବସ୍ତ୍ରହରଣ ହେଉଛି। ଝିଅର ଇଚ୍ଛା ଥିଲା ମା'ର କିସ୍ତି ଶୁଝିବା। ହେଲେ ତାଙ୍କୁ ଏଭଳି ମାଡ଼ ମାରି ନିର୍ଯାତନା ଦିଆଯିବା ଘଟଣା ନିନ୍ଦନୀୟ। ଏଭଳି ଏକ ସମ୍ବେଦନଶୀଳ ଘଟନାର ତୁରନ୍ତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ। ବିଜେଡି ବିଧାୟିକା ସୁଭାସିନୀ ଜେନା କହିଥିଲେ ଯେ ଏହା ଏକ ରାଜନୈତିକ ବିଷୟ ନୁହେଁ ବରଂ ମାନବୀୟ ବିଷୟ। ତେଣୁ ପ୍ରସଙ୍ଗକୁ ହାଲୁକା ଭାବରେ ନନେଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ ଦେଶର ରାଷ୍ଟ୍ରପତି, ଆମ ବାଚସ୍ପତି , ଉପମୁଖ୍ୟମନ୍ତ୍ରୀ ଜଣେ ମହିଳା। ମହିଳା ସଶକ୍ତୀକରଣ ରାଷ୍ଟ୍ରରେ ଏଭଳି ଘଟଣା ନିନ୍ଦନୀୟ। ଏସଏଚଜି ପରିଚାଳନା ପାଇଁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ହେଉ। ବିଜେପି ବିଧାୟକ ସୀତାଂଶୁ ମହାପାତ୍ର କହିଥିଲେ ଯେ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ, କପୋଳକଳ୍ପିତ।

## ବିଶ୍ୱ ବାଣିଜ୍ୟ

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୭୯ ● ପାଉଣ୍ଡ ୧୧୮.୭୪
- ୟୁରୋ ୧୦୩.୧୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୬୦୦ (ନୂଆଦିଲ୍ଲୀ)
- ରୁପା : ୧,୮୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୬୪୧.୦୦
- ନିଫ୍ଟି ୨୬,୧୭୫.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ନଭେମ୍ବରରେ ଜିଏସ୍‌ଟି ସଂଗ୍ରହ କମିଲା

## ଅକ୍ଟୋବର ତୁଳନାରେ ୨୬ ହଜାର କୋଟି କମ୍

ନୂଆଦିଲ୍ଲୀ,୧।୧୨(ଏଜେନ୍ସି): ନଭେମ୍ବରରେ ଦ୍ରଦେଶରେ ବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ସଂଗ୍ରହରେ ବଡ଼ ଧରଣର ହ୍ରାସ ଘଟିଛି। ଚଳିତବର୍ଷ ଅକ୍ଟୋବରରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ ହୋଇଥିବାବେଳେ ନଭେମ୍ବରରେ ୧.୭୦ ଲକ୍ଷ କୋଟି ଟଙ୍କା ସଂଗ୍ୟହୀତ ହୋଇଛି। ଫଳରେ ଅକ୍ଟେବାର ତୁଳନାରେ ନଭେମ୍ବରରେ ଅକ୍ଟୋବର ତୁଳନାରେ ୨୬ ହଜାର କୋଟି ଟଙ୍କାର କମ୍ ଜିଏସ୍‌ଟି ସଂଗ୍ରହ ହୋଇଛି, ଯାହାକି ବିଗତ ୧୨ ମାସରେ ସବୁଠୁ କମ୍। ୨୦୨୪ ନଭେମ୍ବରରେ ୧.୬୯ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ଆୟ ହୋଇଥିଲା। କେବଳ ୨୦୨୪ ନଭେମ୍ବର ତୁଳନାରେ ଚଳିତବର୍ଷର ନଭେମ୍ବରରେ ଜିଏସ୍‌ଟି ସଂଗ୍ରହରେ ୦.୭%ର ବୃଦ୍ଧି ଘଟିଛି। ଘରୋଇ କ୍ଷେତ୍ରରେ ରାଜସ୍ୱରେ ୧.୫% ହ୍ରାସ ଯୋଗୁ ଜିଏସ୍‌ଟିରେ ଏଭଳି ହ୍ରାସ ଘଟିଥିବା କୁହାଯାଉଛି।

## ଜିନ୍ଦଲ ଷ୍ଟେନଲେସ୍‌ର ଲୟାଲ୍ଟି ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି'


ଭୁବନେଶ୍ୱର, ୧।୧୨(ସମିସ): ଭାରତର ସବୁଠାରୁ ବଡ଼ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଦେଶରେ ପ୍ରଥମ ଥର ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ପାଇପ୍ସ ଆଣ୍ଡ ଟ୍ୟୁବ୍ସ (ପି ଆଣ୍ଡ ଟି)ର ସବୁଠାରୁ ବଡ଼ ଲୟାଲ୍ଟି ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି' ଆରମ୍ଭ ଘୋଷଣା କରିଛି। ଏହା ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନଙ୍କୁ (ଯେଉଁମାନେ ଏହି କ୍ଷେତ୍ରର ମୂଲ୍ୟ ଶୃଙ୍ଖଳାର ମୁଖ୍ୟ ଅଂଶୀଦାର) ସଶକ୍ତ କରିବା ପାଇଁ ତିଆରି ହୋଇଛି। ନୂଆ ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି' ଯୋଜନା ଏହି ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇ ପ୍ରକୃତତ୍ୱ ନିଶ୍ଚିତତାକୁ ଏକ ନିର୍ଦ୍ଦିଷ୍ଟ ଯୋଗାଯୋଗ ମଡେଲ୍ ସହ ମିଶାଇ ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଜେଏସ୍‌ଏଲ୍ ପାଇପ୍ ଓ ଟ୍ୟୁବ୍‌ରେ ଏକ ଅନନ୍ୟ କ୍ୟୁଆର୍ କୋଡ୍ ରହିଛି। ଜେଏସ୍‌ଏଲ୍ ସାଥୀ ପ୍ରଗତି ଆପ୍ ମାଧ୍ୟମରେ ଏହି କୋଡ୍ ସ୍କାନ୍ କରି ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନେ ତୁରନ୍ତ ଉତ୍ପାଦର ପ୍ରକୃତତ୍ୱ ଯାଞ୍ଚ କରିପାରିବେ।

### ରେକର୍ଡ ସ୍ତରକୁ ଖସିଲା ଟଙ୍କା

# ୧ ଡଲାର= ୮୯.୭୯ ଟଙ୍କା

## ୨୦୨୫ରେ ଟଙ୍କା ଏ ପର୍ଯ୍ୟନ୍ତ ୪.୭୭% ଦୁର୍ବଳ ହୋଇଛି

ମୁମ୍ବଇ, ୧।୧୨(ଏଜେନ୍ସି): ଆମେରିକୀୟ ଡଲାର ତୁଳନାରେ ଘରୋଇ ମୁଦ୍ରା ଟଙ୍କା ଏହାର ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଆସିଛି। ସୋମବାର କାବରାର ପ୍ରାରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୩୪ ପଇସା ହ୍ରାସ ପାଇ ୮୯.୭୯ ଟଙ୍କାରେ ପହଞ୍ଚିଛି। ଦୁଇ ସପ୍ତାହ ପୂର୍ବେ ଟଙ୍କା ମୂଲ୍ୟ ସର୍ବକାଳୀନ ସର୍ବନିମ୍ନ ୮୯.୬୬ ଟଙ୍କା ସ୍ତରରେ ରହିଥିଲା। ଘରୋଇ ଷ୍ଟକ୍ ବଜାରରେ ହ୍ରାସ ସହ ବିଦେଶୀ ପାଣ୍ଠିର ବର୍ହିଗମନ ଯୋଗୁ ଟଙ୍କା ଚାପରେ ରହିଛି। ସୋମବାର ସକାଳେ ଟଙ୍କା ପ୍ରତି ଡଲାର ୮୯.୪୫ ଟଙ୍କାରେ କାରବାର ଆରମ୍ଭ କରିଥିଲା।



୨୦୨୫ରେ ଟଙ୍କା ଏ ପର୍ଯ୍ୟନ୍ତ ୪.୭୭% ଦୁର୍ବଳ ହୋଇଛି। ଚଳିତବର୍ଷ ଜାନୁଆରୀ ପହିଲାରେ ଟଙ୍କା ଡଲାର ତୁଳନାରେ ୮୫.୭୦ ଟଙ୍କା ସ୍ତରରେ ରହିଥିଲା। ଏବେ ଏହା ୮୯.୭୯ ଟଙ୍କା ସ୍ତରକୁ ଖସିଆସିଛି। ଟଙ୍କାରେ ହ୍ରାସର ଅର୍ଥ ହେଉଛି ଭାରତ ପାଇଁ ଆମଦାନି ମହଙ୍ଗା ହେବ। ଏହାବ୍ୟତୀତ, ବିଦେଶକୁ ଯାତ୍ରା ଏବଂ ପାଠପଢ଼ା ମଧ୍ୟ ମହଙ୍ଗା ହୋଇଛି। ଉଦାହରଣ ସ୍ୱରୂପ, ଯେତେବେଳେ ଡଲାର ତୁଳନାରେ ଟଙ୍କା ୫୦ ଟଙ୍କା ରହିଥିଲା, ସେତେବେଳେ ଆମେରିକାରେ ଭାରତୀୟ ଛାତ୍ରମାନେ ୫୦ ଟଙ୍କାରେ ୧ ଡଲାର ପାଇପାରିବେ। ବର୍ତ୍ତମାନ, ଛାତ୍ରମାନଙ୍କୁ ଡଲାର ପାଇଁ ୮୯.୭୯ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ଛାତ୍ରମାନଙ୍କ ପାଇଁ ଫି, ରହିବା, ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷର ଖର୍ଚ୍ଚ ବୃଦ୍ଧି କରିବ।

ଆମଦାନିକାରୀଙ୍କ ନିକଟରେ ଡଲାରର ପ୍ରବଳ ଚାହିଦା ମଧ୍ୟ ଟଙ୍କାର ବିନିମୟ ମୂଲ୍ୟକୁ ତଳ ମୁହାଁ କରିଛି। ତେଲ କିଣା, ସୁନା କିଣା ଏବଂ କର୍ପୋରେଟ୍ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଋଣ ପରିଶୋଧ ମଧ୍ୟ ଚାପ ବଢ଼ାଇଛି। ବାଣିଜ୍ୟ ଉତ୍ତେଜନା ଆମେରିକା ସହିତ ଆଲୋଚନାରେ ବାଧା ସୃଷ୍ଟି କରୁଛି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଟିକସ ଲାଗୁ ଏହି ସ୍ଥିତିକୁ ଆହୁରି କଷ୍ଟକର କରିଦେଇଛି।

### ଏଚ୍-୧ ବି ଭିସା ବନ୍ଦ କରିବା ଉଚିତ ନୁହେଁ

## ଆମେରିକା ଭାରତୀୟ ପ୍ରତିଭାରୁ ବେଶ ଲାଭ ପାଇଛି: ମସ୍କ

ନୂଆଦିଲ୍ଲୀ,୧।୧୨(ଏଜେନ୍ସି): ଭାରତ ବିଶ୍ୱ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏଠାରେ ବହୁତ ଭଲ ପ୍ରତିଭା ଅଛନ୍ତି। ଆମେରିକା ଭାରତୀୟଙ୍କଠାରୁ ବହୁତ ଲାଭ ପାଇଛି। ଟେସ୍‌ଲା ଏବଂ ସ୍ପେସଏକ୍ସରେ ସବୁଠାରୁ ସ୍ମାର୍ଟ ଲୋକ ହେଉଛନ୍ତି ଭାରତୀୟ। ଏଚ୍-୧ବି କାର୍ଯ୍ୟକ୍ରମର ଅପବ୍ୟବହାର କରାଯାଇଥିଲା, କିନ୍ତୁ ଏହାକୁ ବନ୍ଦ କରିବା ଭୁଲ। ସୀମା ନିୟନ୍ତ୍ରଣ ବିନା କୌଣସି ଦେଶ କାର୍ଯ୍ୟ କରିପାରିବ ନାହିଁ, କିନ୍ତୁ ପ୍ରତିଭାବାନ୍ ପ୍ରବାସୀମାନଙ୍କୁ ସ୍ୱାଗତ କରାଯିବା ଉଚିତ। ଆମେରିକାକୁ ଶ୍ରେଷ୍ଠ ପ୍ରତିଭାର ଆବଶ୍ୟକତା ରହିଛି, ଏବଂ ଭାରତ ଏଥିରେ ଏକ ଅଗ୍ରେତା। ଆମ କମ୍ପାନୀଗୁଡ଼ିକରେ ଆମେ ସାରା ବିଶ୍ୱରୁ ଶ୍ରେଷ୍ଠ ଲୋକଙ୍କୁ ଆଣୁ। ପ୍ରବାସ ନୀତି ସନ୍ତୁଳିତ ହେବା ଆବଶ୍ୟକ। ଅବୈଧ ପ୍ରବାସ ବନ୍ଦ ହେବା ଉଚିତ, କିନ୍ତୁ ଦକ୍ଷ ଭିସାକୁ ପ୍ରୋତ୍ସାହିତ କରାଯିବା ଉଚିତ୍ ବୋଲି ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲୋନ ମସ୍କ ଏକ ପଡକାଷ୍ଟରେ କହିଛନ୍ତି।

ମସ୍କ କହିଛନ୍ତି, ମୋ ସାଥୀ ହୃଦୟରୁ ଅଧା ଭାରତୀୟ। ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ସୁବ୍ରହ୍ମଣ୍ୟମ୍ ଚନ୍ଦ୍ରଶେଖରଙ୍କ ନାମ ଅନୁସାରେ ସେ ତାଙ୍କ ପୁଅର ନାମ ଶେଖର ରଖିଛନ୍ତି। ଆଗାମୀ ୧୦-୨୦ ବର୍ଷ ମଧ୍ୟରେ କାମ ଏକ ବିକଳ୍ପ ହୋଇଯିବ। ଲୋକମାନେ ଚାହିଁଲେ କାମ କରିପାରିବେ, କିମ୍ବା ଚାହିଁଲେ କରିବେନି। ଏଆଇ ଏତେ କାମ ସୃଷ୍ଟି କରିବ ଯେ ରୋବୋଟ୍ ଏବଂ ମେସିନ୍ ଅଧିକାଂଶ ଆବଶ୍ୟକତା ପୂରଣ କରିବ। ଚାକିରି ମଣିଷ ପାଇଁ ଆବଶ୍ୟକତା ଅପେକ୍ଷା ଅଧିକ ହବି ଭଳି ହୋଇଯିବ।

## ବେଦାନ୍ତ ଝାରସୁଗୁଡ଼ାରେ ବିଶ୍ୱ ଗୁଣବତ୍ତା ମାସ ପାଳନ

ଭୁବନେଶ୍ୱର,୧।୧୨(ସମିସ): ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ ବିଶ୍ୱ ଗୁଣବତ୍ତା ସପ୍ତାହ (୧୦-୧୪ ନଭେମ୍ବର) ପାଳିତ ହୋଇଯାଇଛି। ଏହି ବର୍ଷର ଥିମ୍ 'ଗୁଣବତ୍ତା: ଭିନ୍ନ ଭାବରେ ଚିନ୍ତା କର' ରହିଥିଲା। ୧୫୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଗୁଣବତା ସଚେତନତା ରାଲି ସହିତ ଉତ୍ସବ ଆରମ୍ଭ ହୋଇଥିଲା, ଯାହା ନୂତନ ଦୃଷ୍ଟିକୋଣ ମାଧ୍ୟମରେ ଗୁଣବତ୍ତାର ପୁନଃକଳ୍ପନାର ବାର୍ତ୍ତା ପ୍ରସାର ଉପରେ ଧ୍ୟାନ ଦେଇଥିଲା। ଏକ ପ୍ଲାଂଟ-ବ୍ୟାପୀ ଗୁଣବତ୍ତା କୁଇଜ୍ ଏହି ଗତିକୁ ଆହୁରି ମଜବୁତ କରିଥିଲା, ଅଂଶଗ୍ରହଣକାରୀମାନେ ଶିଳ୍ପ ଗୁଣବତା ପ୍ରଣାଳୀ, ମାନଦଣ୍ଡ ଏବଂ ସମସ୍ୟା ସମାଧାନ ଢାଂଚା ବିଷୟରେ ସେମାନଙ୍କର ଜ୍ଞାନ ପରୀକ୍ଷା କରାଯାଇଥିଲା। ଏହି ପ୍ରୟାସର ସଫଳତା ଉପରେ ବେଦାନ୍ତ ଝାରସୁଗୁଡାର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଝାରସୁଗୁଡାରେ ଗୁଣବତ୍ତା ହେଉଛି ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟର ମୂଳ, ଏକ ଧାରଣା ଯାହାକୁ ଆମେ ଏକ ସଂସ୍କୃତି, ଦାୟିତ୍ୱ ଏବଂ ପ୍ରତ୍ୟେକ ଅଂଶୀଦାରଙ୍କ ପ୍ରତି ଆମର ପ୍ରତିଶ୍ରୁତି ଭାବରେ ଗ୍ରହଣ କରୁ। ଏହି ବର୍ଷର ବିଶ୍ୱ ଗୁଣବତା ମାସର ପଦକ୍ଷେପଗୁଡ଼ିକ ଆମକୁ ଏକ ଦୃଢ଼ ମାଲିକାନା ଭାବନାରେ ଆକର୍ଷିତ କରିଛି।

## ସବୁ ଫୋନ୍‌ରେ ରହିବ ସାଇବର ସୁରକ୍ଷା ଆପ୍


ନୂଆଦିଲ୍ଲୀ,୧।୧୨(ଏଜେନ୍ସି): ଏଣିକି ପ୍ରତ୍ୟେକ ନୂତନ ସ୍ମାର୍ଟଫୋନ୍‌ରେ ସାଇବର ସୁରକ୍ଷା ଆପ୍ 'ସଞ୍ଚାର ସାଥୀ' ପୂର୍ବରୁ ସଂସ୍ଥାପିତ ହୋଇ ବଜାରକୁ ଆସିବ। କାରଣ ବର୍ତ୍ତମାନ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତାଙ୍କୁ ସରକାର ପୂର୍ବରୁ ସଂସ୍ଥାପିତ ହୋଇଥିବା ସାଇବର ସୁରକ୍ଷା ଆପ୍ ବିଶିଷ୍ଟ ସ୍ମାର୍ଟଫୋନ୍ ବିକ୍ରିକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆପଲ୍ , ସାମସଙ୍ଗ, ଭିଭୋ, ଓପୋ ଏବଂ ସାଓମି ଭଳି କମ୍ପାନୀଗୁଡ଼ିକୁ ୯୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବହାରକାରୀମାନେ ଆପ୍ ଡିଲିଟ୍ କିମ୍ବା ଅକ୍ଷମ କରିପାରିବେନାହିଁ। ଏହା ଏକ ସଫ୍ଟୱେର୍ ଅପଡେଟ୍ ମାଧ୍ୟମରେ ପୁରୁଣା ଫୋନ୍‌ରେ ସଂସ୍ଥାପିତ ହେବ। ତଥାପି, ଏହି ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ବରଂ କିଛି ନିର୍ଦ୍ଦିଷ୍ଟ କମ୍ପାନୀଗୁଡ଼ିକୁ ବ୍ୟକ୍ତିଗତ ଭାବରେ ପଠାଯାଇଛି। ସରକାରଙ୍କ ଲକ୍ଷ୍ୟ ହେଉଛି ସାଇବର ଠକେଇ, ନକଲି ଆଇଏମ୍‌ଇଆଇ ନମ୍ବର ଏବଂ ଫୋନ୍ ଚୋରିକୁ ରୋକିବା। ସଞ୍ଚାର ସାଥୀ ଆପ୍ ଏ ପର୍ଯ୍ୟନ୍ତ ୭ ଲକ୍ଷରୁ ଅଧିକ ହଜିଯାଇଥିବା କିମ୍ବା ଚୋରି ହୋଇଥିବା ମୋବାଇଲ୍ ଫୋନ୍ ପୁନରୁଦ୍ଧାର କରିଛି। ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, "ନକଲି ଆଇଏମ୍‌ଇଆଇ ଦ୍ୱାରା ହେଉଥିବା ଠକେଇ ଏବଂ ନେଟୱାର୍କ ଅପବ୍ୟବହାରକୁ ରୋକିବା ପାଇଁ ଏହି ଆପ୍ ଅତ୍ୟାବଶ୍ୟକ। ଭାରତରେ ୧.୨ ବିଲିୟନରୁ ଅଧିକ ମୋବାଇଲ୍ ବ୍ୟବହାରକାରୀ ଅଛନ୍ତି, ଯାହା ବିଶ୍ୱର ସବୁଠାରୁ ବଡ଼ ବଜାର, କିନ୍ତୁ ନକଲି କିମ୍ବା ଡୁପ୍ଲିକେଟ୍ ଆଇଏମ୍‌ଇଆଇ ନମ୍ବର ଯୋଗୁଁ ସାଇବର ଅପରାଧ ବୃଦ୍ଧି ପାଉଛି।

**କମ୍ପାନୀଗୁଡ଼ିକୁ ୯୦ ଦିନ ମହଲତ**

## ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୬ ସୈନିକଙ୍କ ମୃତ୍ୟୁ

ଇସଲାମାବାଦ, ୧।୧୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ପୁଣି ଆତ୍ମଘାତୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଅବସ୍ଥିତ ଚାଗାଇରେ ଫ୍ରଣ୍ଟିୟର୍ କର୍ପସ୍ (ଏଫସି) ମୁଖ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ସକାଳେ ଆତ୍ମଘାତୀ ବିସ୍ଫୋରଣ ଘଟି ଛଅ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟ (ବିଏଲଫ)ର ସାଦଓ ଅପରେସନାଲ୍ ବାଟାଲିଅନ୍ (ଏସଓବି) ନିଜକୁ ଦାୟୀ କରିଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବିପୁଳ କ୍ଷୟକ୍ଷତି ହୋଇଛି। ପାକିସ୍ତାନୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୁଖ୍ୟ ଫାଟକ ଉପରେ ଆକ୍ରମଣ ପରେ ସଶସ୍ତ୍ର ଆକ୍ରମଣକାରୀମାନେ ନୋକୁଣ୍ଡିରେ ଥିବା ଏଫସି ମୁଖ୍ୟାଳୟରେ ପ୍ରବେଶ କରିଥିଲେ। ଏଠାରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଆକ୍ରମଣକୁ ଦେଖି ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଅନ୍ୟପଟେ ସୁରକ୍ଷାବାହିନୀକୁ ସହାୟତା ପାଇଁ କ୍ୱେଟାରୁ ଦୁଇଟି ହେଲିକପ୍ଟର ପଠାଯାଇଛି। ଏହା ପୂର୍ବରୁ ଗତ ୨୪ ଘଣ୍ଟା ତଳେ ପାକିସ୍ତାନର ୭ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା।

## ଦ୍ୱିତୀୟ ବିବାହ କଲେ ସାମନ୍ଥା



କୋଏମ୍ବାଟୁର, ୧।୧୨ (ଏଜେନ୍ସି): ଅଭିନେତ୍ରୀ ସାମନ୍ଥା ରଥୁ ପ୍ରଭୁ ସୋମବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ହାତ ଧରିଛନ୍ତି। କୋଏମ୍ବାଟୁରର ଈଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ପ୍ରାଚୀନ ଯୋଗିନୀ ପରମ୍ପରାରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହର ଫଟୋ ପୋଷ୍ଟ କରି ସାମନ୍ଥା ଏହି ସୂଚନା ଦେଇଛନ୍ତି। ଏହି ବିବାହରେ କେବଳ ପରିବାର ଲୋକେ ଏବଂ ଘନିଷ୍ଠ ବନ୍ଧୁ ସାମିଲ ହୋଇଥିଲେ। ଓସୋଙ୍କ ଈଶା ଫାଉଣ୍ଡେସନର ଲିଙ୍ଗ ଭୈରବୀ ମନ୍ଦିରରେ ଯୋଗିନୀ ପରମ୍ପରରା ଭୂତ ସୁଦ୍ଧି ବିବାହ କରିଛନ୍ତି। ଏହା ଏଭଳି ଏକ ବିବାହ ଯେଉଁଥିରେ ଦମ୍ପତିଙ୍କ ମଧ୍ୟରେ ଗଭୀର ସମ୍ପର୍କ ସୃଷ୍ଟି ହୋଇଥାଏ। ଏହା କେବଳ ଚିନ୍ତାଧାରା କିମ୍ବା ଶରୀର ମଧ୍ୟରେ ସୀମିତ ନ ହୋଇ ଶରୀରର ପଞ୍ଚ ଭୂତ ସହ ଯୋଡ଼ି ଥାଏ। ଏହି ବିବାହ ପଞ୍ଚ ଭୂତକୁ ଶୁଦ୍ଧି କରିଥାଏ। ସମ୍ପର୍କରେ ଶାନ୍ତି, ସମୃଦ୍ଧି ଏବଂ ଆଧ୍ୟାତ୍ମିକ ସନ୍ତୁଳନ ସୃଷ୍ଟି କରିଥାଏ। ଏହି ବିବାହକୁ ନେଇ ରାଜ୍‌ଙ୍କ ପୂର୍ବତନ ପତ୍ନୀ ଶ୍ୟାମଲୀ ଡେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି। ଧୈର୍ଯ୍ୟ ନ ଥିବା ଲୋକେ ଅଧୈର୍ଯ୍ୟପୂର୍ଣ୍ଣ କାମ କରନ୍ତି ବୋଲି ସେ ଲେଖିଛନ୍ତି।

## କଂଗ୍ରେସର ରଣନୀତି ବୈଠକରେ ସାମିଲ ହେଲେନି ଥରୁର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସାଂସଦ ଶଶୀ ଥରୁର ପୁଣି ଥରେ ଦଳର ରଣନୀତି ଗ୍ରୁପର ଜରୁରୀ ବୈଠକରେ ସାମିଲ ହୋଇ ନାହାନ୍ତି। ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏହି ବୈଠକ ବସିଥିଲା। ତେବେ କେରଳରେ ନିଜ ୯୦ ବର୍ଷୀୟ ମାଆଙ୍କ ପାଖରେ ଥିବାରୁ ଏଥିରେ ଅନୁପସ୍ଥିତ ଥିଲେ ବୋଲି ଶଶୀ ଥରୁରଙ୍କ ଅଫିସ ପକ୍ଷରୁ କୁହାଯାଇଛି। ଥରୁର ଦ୍ୱିତୀୟ ଥର ପାଇଁ ଦଳୀୟ ବୈଠକରେ ଅନୁପସ୍ଥିତ ରହିଛନ୍ତି। ପୂର୍ବରୁ ସେ ଅସୁସ୍ଥ ଥିବା ଦର୍ଶାଇ ଏସଆଇଆର ପ୍ରସଙ୍ଗରେ କଂଗ୍ରେସ ବୈଠକରେ ଯୋଗ ଦେଇ ନ ଥିଲେ। ସେ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ କାର୍ଯ୍ୟକ୍ରମରେ ଥରୁର ଯୋଗ ଦେଇଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

# ଚିନ୍ତା ବଢ଼ାଇଲାଣି ବିଏଲ୍‌ଓଙ୍କ ମୃତ୍ୟୁ

## ଆତ୍ମହତ୍ୟା କଲେଣି ୨୯, ହୃଦ୍‌ଘାତ ନେଲାଣି ୪୧ ଜଣଙ୍କ ଜୀବନ

ମୁରାଦାବାଦ, ୧।୧୨ (ଏଜେନ୍ସି): ମୁଁ ବଞ୍ଚିବାକୁ ଚାହୁଁଛି। ମାତ୍ର କାମର ଚାପ ବଞ୍ଚିବାକୁ ଦେବ ନାହିଁ। ଏଭଳି କହି ଏସ୍‌ଆଇଆର ପ୍ରକ୍ରିୟାରେ ସାମିଲ ଜଣେ ବୁଥ୍ ଲେଭୁଲ ଅଫିସର (ବିଏଲଓ) ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁ ପୂର୍ବରୁ ସେ କରିଥିବା ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହା ଏସ୍‌ଆଇଆରକୁ ନେଇ ବିଏଲଓଙ୍କ ଉପରେ କିଭଳି ଭାବେ ଚାପ ରହିଛି ତାହା ଦର୍ଶାଉଛି। ସୂଚନା ଅନୁଯାୟୀ, ମୃତକ ହେଉଛନ୍ତି ଉତ୍ତର ପ୍ରଦେଶ ମୁରାଦାବାଦର ସର୍ବେଶ ସିଂହ। ସେ ସରକାରୀ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାମ କରୁଥିଲେ। ଅକ୍ଟୋବର ୭ରେ ସେ ବିଏଲଓ ଭାବେ ନିଯୁକ୍ତ ହୋଇଥିଲେ। ଏସ୍‌ଆଇଆର ପାଇଁ ତାଙ୍କୁ ଘର ଘର ବୁଲି ଭୋଟରଙ୍କ ସୂଚନା ଓ ପ୍ରମାଣପତ୍ର ସଂଗ୍ରହ କରିବାକୁ ପଡୁଥିଲା। ରବିବାର ସକାଳେ ତାଙ୍କ ମୃତଦେହ ମିଳିଥିଲା। ପ୍ରଥମେ ସ୍ତ୍ରୀ ବବ୍‌ଲି ତାଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ ଜବତ କରାଯାଇଛି। ଏଥିରେ କାର୍ଯ୍ୟଚାପ ସହ୍ୟ କରିପାରୁ ନ ଥିବା ସେ ଲେଖିଥିଲେ।

ମୃତ୍ୟୁ ପୂର୍ବରୁ କରିଥିବା ଭିଡିଓ ଏବଂ ଲେଖିଥିବା ଚିଠିରେ ସର୍ବେଶ କହୁଛନ୍ତି ଯେ 'ଦିଦି, ମୋତେ କ୍ଷମା କରିଦେବ। ମାଆ ଦୟାକରି ମୋ ପିଲାଙ୍କ ଯତ୍ନ ନେବ। ଏହି କାର୍ଯ୍ୟ କରିବାରେ ମୁଁ ବିଫଳ ହୋଇଛି। ତେଣୁ ଏପରି ପଦକ୍ଷେପ ନେଉଛି, ଯେଉଁଥି ପାଇଁ କେବଳ ମୁଁ ଦାୟୀ ରହିବି। ଆଉ କାହାର କୌଣସି ଦୋଷ ନାହିଁ। ମୁଁ ଅତ୍ୟନ୍ତ ଦୁଃଖିତ। ୨୦ ଦିନ ହେଲାଣି ଭଲ ସେ ଶୋଇ ପାରିନି। ଯଦି ପାଖରେ ସମୟ ଥାଆନ୍ତା ତେବେ ଏହି କାମ ସାରିଦେଇଥାନ୍ତି। ମୋର ୪ଟି ଛୋଟ ଝିଅ ଅଛନ୍ତି। ଦୟାକରି ମୋତେ କ୍ଷମା କରିଦେବ। ମୁଁ ତୁମମାନଙ୍କ ଠାରୁ ବହୁତ ଦୂରକୁ ଚାଲିଯାଉଛି। ବଞ୍ଚିବାକୁ ଚାହୁଁଥିଲେ ବି କିଛି କରିପାରୁନି। ବହୁତ ଦୁଃଖ କଷ୍ଟରେ ଫସି ଥିବା ମୁଁ ଅନୁଭବ କରୁଛି। ଦୁଃଖଦ ସ୍ଥିତି ମୋତେ ଘେରି ରହିଛି ଏବଂ ଗଭୀର ଯନ୍ତ୍ରଣା ଭୋଗୁଛି' ବୋଲି ସର୍ବେଶ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ ସାରିବା ପାଇଁ ବିଏଲଓଙ୍କ ଉପରେ ଚାପ ରହିଛି। ଏହା ସହିତ କ୍ଷମତାସୀନ ଦଳର ନେତା ଏବଂ କର୍ମୀ ମଧ୍ୟ ଧମକାଉଛନ୍ତି। ଏହି କାରଣ ଏ ପର୍ଯ୍ୟନ୍ତ ୨୯ ବିଏଲଓ ଆତ୍ମହତ୍ୟା କଲେଣି। ଆଉ କିଛି ରିପୋର୍ଟରେ ଏସଆଇଆର ଭୟରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଭୟ, ଚିନ୍ତା, ଚାପ ଏବଂ ଅବସାଦ ଯୋଗୁଁ ବିଏଲଓଙ୍କ ମୃତ୍ୟୁ ହେଉଛି। ତେବେ ଏଭଳି ମୃତ୍ୟୁକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଖାରଜ କରାଯାଇଛି। କାର୍ଯ୍ୟ ଚାପ ଯୋଗୁଁ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଉଛି। ଅନ୍ୟପଟେ ଇସି ୧୨ ରାଜ୍ୟରେ ଏସଆଇଆର ଅବଧିକୁ ୭ ଦିନ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।



ବିଏଲଓଙ୍କ ଆତ୍ମହତ୍ୟା ପୂର୍ବର ଭିଡିଓ ଭାଇରାଲ

### ପଶ୍ଚିମବଙ୍ଗରେ ଏସଆଇଆର ବିରୋଧରେ ବିଏଲଓଙ୍କ ବିକ୍ଷୋଭ

ଅକ୍ଟୋବର ୨୮ ତାରିଖରୁ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କୁ ନିଯୁକ୍ତ କରାଯାଇଛି। ଏହା ସତ୍ତ୍ୱେ ଅନେକ ରାଜ୍ୟରୁ ବିଏଲଓଙ୍କ ଆତ୍ମହତ୍ୟା ଏବଂ ମୃତ୍ୟୁର ଖବର ସାମ୍ନାକୁ ଆସୁଛି। ଆଜି ଉତ୍ତର ପ୍ରଦେଶର ସମ୍ଭଲରେ ଜଣେ ସହାୟକ ବିଏଲଓ ଶୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ରାଜ୍ୟରେ ଏପର୍ଯ୍ୟନ୍ତ ଆଠ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତିନି ଜଣ ଆତ୍ମହତ୍ୟା କରିଥିବାବେଳେ ତିନି ଜଣ ହୃଦ୍‌ଘାତରେ ଏବଂ ଜଣେ ବ୍ରେନ ହ୍ୟାମରେଜରେ ପ୍ରାଣ ହରାଇ ଥିଲେ। ଏ ପର୍ଯ୍ୟନ୍ତ ୭ ରାଜ୍ୟରେ ୨୯ ବିଏଲଓଙ୍କ ମୃତ୍ୟୁ ହୋଇଥିବାବେଳେ ମଧ୍ୟପ୍ରଦେଶ ସର୍ବାଧିକ ନଅ ଜଣ ସାମିଲ ଅଛନ୍ତି। ଏପରି ସମୟରେ ସୋମବାର କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ବାହାରେ ବିଏଲଓ ଅଧିକାର ସୁରକ୍ଷା କମିଟିର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଅନେକ ଦଳୀୟ ବିଧାୟକ ନିର୍ବାଚନ ଅଧିକାରୀଙ୍କ ସହ ବୈଠକ ପାଇଁ ପହଞ୍ଚିଥିଲେ। ବିକ୍ଷୋଭକାରୀମାନେ ଏଠାରେ ଉପସ୍ଥିତ ବିଜେପି କର୍ମୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ସିଇଓଙ୍କ ସହ ବିଜେପିର ବୈଠକକୁ ସେମାନେ ବିରୋଧ କରିଥିଲେ। ବିଏଲଓମାନେ କାମ କରିବା ସ୍ଥିତିରେ ସୁଧାର ଦାବି କରି କିଛି ଦିନ ହେଲା ବିକ୍ଷୋଭ କରି ଆସୁଛନ୍ତି। ସୋମବାର ଏହି ଆନ୍ଦୋଳନ ଜୋରଦାର ହୋଇଥିଲା। ମୃତ ବିଏଲଓଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଥିଲା। ଏ ନେଇ ସିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ତେବେ ଟିଏମସି ପ୍ରରୋଚନାରେ ଏହି ଆନ୍ଦୋଳନ ଚାଲିଛି ବୋଲି ଇସିଙ୍କୁ ପକ୍ଷରୁ କୁହାଯାଇଛି।

## ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା

ନାଗପୁର, ୧।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ପୁଣି ବଡ଼ ଟିପ୍ପଣୀ ଦେଇଛନ୍ତି। ରାଜନୀତିରେ ପରିବାରବାଦକୁ ସେ ସମାଲୋଚନା କରିଛନ୍ତି। ନିଷ୍ଠାପର କର୍ମୀଙ୍କ ଅଣଦେଖା କଲେ ବିରକ୍ତି ଲାଗେ ବୋଲି ସେ କହିଛନ୍ତି। ରାଜନେତାଙ୍କ ପାରିବାରିକ



ଉତ୍ତରାଧିକାରୀଙ୍କୁ ନିର୍ବାଚନରେ ହରାଇବା ପାଇଁ ସେ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି। ରବିବାର ନାଗପୁରର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ। ସଙ୍କେତରେ ନିଜ ଦଳର କିଛି ନୀତି ଏବଂ ନେତାଙ୍କୁ ମଧ୍ୟ ସେ ସମାଲୋଚନା କରିଥିବା କୁହାଯାଉଛି।

ଗଡ଼କରୀ କହିଥିଲେ ଯେ ରାଜନୀତିରେ ବଡ଼ ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା କରାଯାଇଥାଏ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଯେଉଁ ନେତାମାନେ ବଂଶବାଦକୁ ସମାଲୋଚନା କରୁଥିଲେ, ସେମାନେ ପରେ ନିଜ ସମ୍ପର୍କୀୟଙ୍କୁ ଟିକଟ ଦେବା ପାଇଁ ଦାବି କରିଥାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏଭଳି ଆଭିମୁଖ୍ୟ ଦ୍ୱାରା ଦଳର ପୁରୁଖା କର୍ମୀଙ୍କ ସହ ଅନ୍ୟାୟ ହେଉଛି। ୨୦-୩୦ ବର୍ଷ ହେଲା ଦଳ ପାଇଁ କାମ କରୁଥିବା ବ୍ୟକ୍ତି ଟିକଟ

### ଯିଏ ବଂଶବାଦକୁ ସମାଲୋଚନା କରୁଛି ସେ ସମ୍ପର୍କୀୟଙ୍କ ପାଇଁ ଟିକଟ ମାଗୁଛି: ଗଡ଼କରୀ

ମାଗିବାକୁ ଆସିଲେ ତାଙ୍କୁ ନ ଦେଇ ନେତା ନିଜ ପତ୍ନୀ, ପୁଅ କିମ୍ବା ଅନ୍ୟ ସମ୍ପର୍କୀୟଙ୍କୁ ଦେଉଛନ୍ତି। ଏହା ଗଭୀର ଭାବେ ବ୍ୟଥିତ କରୁଛି। ବଂଶବାଦ ଅପେକ୍ଷା ଯୋଗ୍ୟତାକୁ ପ୍ରାଥମିକତା ଦିଆଯିବା ଉଚିତ୍। ଏବେ ଏହି ପ୍ରସଙ୍ଗରେ ଜନସାଧାରଣଙ୍କୁ ନିଷ୍ପତ୍ତି ନେବାକୁ ପଡିବ। ବଂଶବାଦର ରାଜନୀତି ଦ୍ୱାରା ଦଳ ଏବଂ ଜନସାଧାରଣ ଉଭୟଙ୍କ କ୍ଷତି ହେଉଛି। ଏହାର ସମାଧାନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଗଡ଼କରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରତି କଟାକ୍ଷ ଭାବରେ ଦେଖାଯାଉଛି। କାରଣ ଏହି ଦଳ ଯାହା କହୁଛି ତାର ଓଲଟା କରୁଛି। ବଂଶବାଦକୁ ବିରୋଧ କରୁଥିଲେ ବି ନେତାଙ୍କ ପତ୍ନୀ, ପୁତ୍ର ଏବଂ ସମ୍ପର୍କୀୟଙ୍କୁ ଟିକଟ ଦେଉଥିବା ଦେଖାଯାଉଛି। କଂଗ୍ରେସ, ଠାକରେ ପରିବାର ଏବଂ ମୁଲାୟମ ସିଂହ ଯାଦବ ତଥା ଲାଲୁ ଯାଦବଙ୍କ ଭଳି ରାଜନୈତିକ ପରିବାର ଉପରେ ବଂଶବାଦକୁ ନେଇ ବିଜେପି ଅଭିଯୋଗ ଲଗାଇ ଥିଲା। ମାତ୍ର ମହାରାଷ୍ଟ୍ରରେ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ଅନେକ ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କ ପରିବାର ସଦସ୍ୟ ଯଥା ମା, ସ୍ତ୍ରୀ, ପିଲା କିମ୍ବା ନିକଟ ସମ୍ପର୍କୀୟଙ୍କୁ ପ୍ରାର୍ଥୀ କରାଯାଇଛି। ଏହା ଦ୍ୱାରା ବିଜେପିର ବିଶ୍ୱସ୍ତ କର୍ମୀ ନିରାଶ ହୋଇଛନ୍ତି। ସେମାନେ ଏହାକୁ ଦଳର ନୀତି ବିରୋଧୀ ବୋଲି କହୁଛନ୍ତି। ମନ୍ତ୍ରୀ ଗିରୀଶ ମହାଜନଙ୍କ ପତ୍ନୀ ସାଧନା ମହାଜନ ବିନା ନିର୍ବାଚନରେ ନଗର ପରିଷଦର ଅଧ୍ୟକ୍ଷ ପଦ ଜିତିବାରୁ ବିଜେପିରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ନିର୍ବାଚନରୁ କଂଗ୍ରେସ, ଏନ୍‌ସିପି (ଏସପି) ଏବଂ ଅଜିତ ପାୱାର ଗୋଷ୍ଠୀ ଓହରିଯିବାରୁ ସାଧନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ମନ୍ତ୍ରୀ ଜୟକୁମାର ରାୱଲଙ୍କ ମା ନୟନ କୁଅଁର ଡୋଣ୍ଡିୟାଚା-ବରବାଡେ ନଗର ପରିଷଦର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କାରଣ ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇ ଯାଇଥିଲା।

## ବିମାନ ଉପରେ ହୋଇଥିଲା ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଶେଷରେ କେନ୍ଦ୍ର ସରକାର ସତ ସ୍ୱୀକାର କରିଛନ୍ତି। ଗତ ୭ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ)ର ଅଟୋମେଟିକ ମେସେଜ ସ୍ୱିଚିଂ ସିଷ୍ଟମ (ଏଏମଏସଏସ)ରେ ସାଇବର ଆକ୍ରମଣ ହୋଇଥିଲା ବୋଲି ମାନିଛନ୍ତି। ରାଜ୍ୟସଭାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ଏହା ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ 'ଆଇଜିଆଇର ରନୱେ ୧୦ରେ ବିମାନ ଜିପିଏସ ଆଧାରିତ ଅବତରଣ ପ୍ରକ୍ରିୟା ଆପଣାଉ ଥିବାବେଳେ ଜିପିଏସ ସ୍ପୁଫିଂ ହୋଇଥିଲା। ସାଇବର ଆକ୍ରମଣ ଯୋଗୁଁ ଭୁଲ୍ ସିଗ୍‌ନାଲ ମିଳିଥିଲା। ଏହା ପରେ ପାଇଲଟ ତୁରନ୍ତ ବ୍ୟାକ୍‌ଅପ ବ୍ୟବହାର କରିଥିଲେ। ତେବେ ଅନ୍ୟ ରନୱେ ଉପରେ ଏହି ସ୍ପୁଫିଂର କୌଣସି ପ୍ରଭାବ ପଡ଼ି ନ ଥିଲା। କାରଣ ସେଗୁଡ଼ିକରେ 'ଟ୍ରାଡିସନାଲ ଗ୍ରାଉଣ୍ଡ ବେସ୍‌ଡ ନେଭିଗେସନ ସିଷ୍ଟମ' ବ୍ୟବହାର କରାଯାଉଥିଲା'। ଏହି ଘଟଣା ଯୋଗୁଁ ଗତ ୭ ତାରିଖରେ ଦିଲ୍ଲୀ ବିମାନବନ୍ଦରରେ ବିମାନ ପରିଚାଳନା ୧୨ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା। ୮୦୦ରୁ ଅଧିକ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ବିଳମ୍ବରେ ଉଡ଼ାଣ କରିଥିଲା। ୨୦ଟି ଉଡ଼ାଣକୁ ବାତିଲ କରିବାକୁ ପଡ଼ିଥିଲା। ସେହିପରି ସାରା ବିଶ୍ୱରେ ର୍‌ୟାନସମୱେୟର-ମାଲୱେୟର ଆକ୍ରମଣର ବିପଦ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

**ବିଳମ୍ବିତ ହୋଇଥିଲା ୮୦୦ ବିମାନ**

## ବନ୍ୟା ବିପ୍ରାତ: ହଜାରେ ମୃତ; ଶତାଧିକ ନିଖୋଜ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣା ଏସିଆରେ ବନ୍ୟା ବିପ୍ରାତ ସୃଷ୍ଟି କରିଛି। ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଏବଂ ଥାଇଲାଣ୍ଡରେ ଆସିଥିବା ଏହି ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ହଜାରେ ପାର୍ କରିଛି। ଶତାଧିକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ଅନେକ ଦେଶରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ଇଣ୍ଡୋନେସିଆରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୦୨ରେ ପହଞ୍ଚି ଯାଇଛି। ଏବେ ବି ୫୦୮ ଜଣ ନିଖୋଜ ଅଛନ୍ତି। ଇଣ୍ଡୋନେସିଆର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ସେହିପରି ଶ୍ରୀଲଙ୍କାରେ ୩୪୦ ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ କଲମ୍ବୋରେ ରବିବାର ରାତିସାରା ଜଳସ୍ତର ବଢ଼ି ଚାଲିଥିଲା। ସକାଳେ ବର୍ଷା ଥମିଯିବାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହା ଦ୍ୱାରା ପାଣି ଛାଡ଼ିଯିବ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କା ଏବଂ ଇଣ୍ଡୋନେସିଆରେ ଉଦ୍ଧାରକାର୍ଯ୍ୟ ପାଇଁ ସେନା ମୁତୟନ କରାଯାଇଛି। ଅନ୍ୟପଟେ ଥାଇଲାଣ୍ଡର ଦକ୍ଷିଣ ଭାଗରେ ଆସିଥିବା ବନ୍ୟା ୧୭୬ ଜଣଙ୍କ ଜୀବନ ନେଇଛି। ଏହାକୁ ଗତ ଦଶ ବର୍ଷ ମଧ୍ୟରେ ଆସିଥିବା ସବୁଠାରୁ ଭୟଙ୍କର ବନ୍ୟା ଧରାଯାଉଛି। ସେହିପରି ମାଲେସିଆର ପେରଲିସ ରାଜ୍ୟରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦକ୍ଷିଣ ଏସିଆରେ ଆସିଥିବା ଏହି ବନ୍ୟା ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଅନେକ କୋଠାବଡ଼ି ଭୁଶୁଡ଼ି ପଡ଼ିଥିବାବେଳେ ପୋଲ ଭାଙ୍ଗି ଯାଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଶ୍ରୀଲଙ୍କାରେ ବାତ୍ୟା ଦାତୱା ପ୍ରଭାବରେ ହେଉଥିବା ବର୍ଷା ଥମିବାରେ ଲାଗିଛି। ଏହା ତାମିଲନାଡୁକୁ ମଧ୍ୟ ପ୍ରଭାବିତ କରିଥିଲା। ବର୍ଷା ଜନିତ ଦୁର୍ଘଟଣାରେ ତିନି ଜଣଙ୍କ ଜୀବନ ଯାଇଥିଲା।



## କୁକୁର ଧରି ସଂସଦରେ ପହଞ୍ଚିଲେ ରେଣୁକା

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କୁ ନେଇ ବିବାଦ ହୋଇଛି। ସେ କୁକୁରକୁ ସାଙ୍ଗରେ ଧରି ସଂସଦ ପରିସରରେ ପହଞ୍ଚିଛନ୍ତି। ଏ ବିଷୟରେ ପଚାରିବାରୁ ସେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ହଙ୍ଗାମା ହୋଇଛି। ସେ କହିଛନ୍ତି ଯେ 'ସରକାରଙ୍କୁ ପଶୁ ପସନ୍ଦ ନୁହେଁ। ଏହା ଅତ୍ୟନ୍ତ ଛୋଟ ଏବଂ କାହାର କ୍ଷତି କରୁ ନ ଥିବା ପଶୁ। କାମୁଡୁ ଥିବା ଏବଂ ଦଂଶନ କରୁଥିବା ବ୍ୟକ୍ତି ସଂସଦ ଭିତରେ ଅଛନ୍ତି। କୁକୁର ଏଭଳି କରେ ନାହିଁ' ଏହି ଘଟଣାକୁ ବିଜେପି ତୀବ୍ର ବିରୋଧୀ କରିଛି। ଏହା ଦ୍ୱାରା ସଂସଦ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କୁହାଯାଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।



**'କୁକୁର କାମୁଡୁନି; କାମୁଡ଼ିବା ଲୋକ ସଂସଦରେ ଅଛନ୍ତି'**

ବିବାଦ ହେବାପରେ ରେଣୁକା ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଘଟଣାକୁ ଅଯଥାରେ ଆଲୋଚନାର ପରିସରକୁ ଅଣାଯାଉଛି। ଯଦି କୁକୁର ଗୃହ ଭିତରକୁ ପଶିଆସିଲା ତେବେ ସମସ୍ୟା କ'ଣ? ଏହି କୁକୁର କାହାକୁ କାମୁଡ଼ିବ ନାହିଁ ବୋଲି ବିଶ୍ୱାସ ମୋର ଅଛି। କୁକୁରକୁ ଗୃହ ଭିତରକୁ ନ ନେବାର କୌଣସି ପ୍ରୋଟୋକଲ ଅଛି କି? ରାସ୍ତାରେ ଆସିବା ବେଳେ କାର୍ ଏବଂ ସ୍କୁଟର ଧକ୍କା ହେବାରୁ କୁକୁର ଛୁଆଟି ପଳେଇ ଆସିଥିଲା। ରାସ୍ତାରେ ସେ ବୁଲୁଥିବାବେଳେ ଗାଡ଼ି ତଳେ ଚାପି ହୋଇଯିବ ଭାବି ତାକୁ ଆଣି ଆସିଥିଲି। ପହଞ୍ଚିବା ପରେ ତାକୁ ପଠାଇ ଦେଲି। ଗାଡ଼ି ଏବଂ କୁକୁର ଉଭୟ ପଳେଇ ଗଲେଣି। ଏବେ କାହାକୁ ନେଇ ଚର୍ଚ୍ଚା ହେଉଛି। ଯେଉଁମାନେ ବାସ୍ତବରେ କାମୁଡୁଛନ୍ତି ସେମାନେ ସଂସଦରେ ବସିଛନ୍ତି। ସେ ସରକାର ଚଳାଉଛନ୍ତି। ଏଥିରେ ତ କାହାର ସମସ୍ୟା ନାହିଁ। କୁକୁର ନେଇ ଆସିଗଲେ ତାହା ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଉଛି। ଲାଗୁଛି ସରକାରଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ଯଦି ସରକାର ସଂସଦ ଅଧିବେଶନକୁ ନେଇ ଚିନ୍ତିତ ତେବେ ଅବଧି କାହିଁକି ହ୍ରାସ କଲେ। ମାସକର ଅଧିବେଶନକୁ ପନ୍ଦର ଦିନକୁ କାହିଁକି ହ୍ରାସ କରାଗଲା? ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ତାହାକୁ ନେଇ ଆପଣମାନେ ଚିନ୍ତିତ କାହିଁକି? ସୂଚନାଯୋଗ୍ୟ ଯେ ସଂସଦକୁ ପୋଶା ପଶୁପକ୍ଷୀ ନେଇଯିବାକୁ ନିୟମର ଉଲ୍ଲଘଂନ ଧରାଯାଏ। ସଂସଦ ଭବନ ପରିସରର ଆଚର ନିୟମ ଏବଂ 'ଲୋକସଭା ହ୍ୟାଣ୍ଡବୁକ ଫର ମେମ୍ବର୍ସ' ଅଧୀନରେ ଏହା ଭୁଲ୍।

## ବିହାର: ଶପଥପତ୍ର ପଢ଼ିପାରିଲେନି ବାହୁବଳୀଙ୍କ ପତ୍ନୀ ବିଭା ଦେବୀ



ପାଟନା, ୧।୧୨ (ଏଜେନ୍ସି): ଅନେକ ସମୟରେ ନେତା, ମନ୍ତ୍ରୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରିବାକୁ ଦାବି ହେଉଛି। କିନ୍ତୁ ପ୍ରାୟ ସବୁ ଦଳ ଏହି ଦାବିକୁ ଏଡ଼ାଇ ଚାଲିଛନ୍ତି। ତଳସ୍ତରର ସରକାରୀ କର୍ମଚାରୀ ହେବାକୁ ନିର୍ଦ୍ଦିଷ୍ଟ ଯୋଗ୍ୟତା ଏବଂ ଆପରାଧିକ ପୃଷ୍ଠଭୂମିରୁ ନ ଆସୁଥିବାର ନିୟମ ଥିବାବେଳେ ନେତାଙ୍କ ପାଇଁ ଏଭଳି କୌଣସି ନିୟମ ନାହିଁ କହିଲେ ଚଳେ। ଏବେ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ତଥା ପଢ଼ି ନ ପାରିବାରୁ ଜଣେ ନବ ନିର୍ବାଚିତ ବିଧାୟିକା କିଭଳି ହଟହଟା ହୋଇଛନ୍ତି ତାହାର ଭିଡିଓ ସାରା ଦେଶରେ ଭାଇରାଲ ହେବାରେ ଲାଗିଛି। ବିହାର ବିଧାନସଭାରେ ଏଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ୧୮ତମ ବିଧାନସଭାର ପ୍ରଥମ ଅଧିବେଶନରେ ନବ ନିର୍ବାଚିତ ସଦସ୍ୟ ଶପଥ ନେଉଛନ୍ତି। କିନ୍ତୁ ବାହୁବଳୀ ରାଜବଲ୍ଲଭଙ୍କ ପତ୍ନୀ ତଥା ନୱାଦାର ଜେଡିୟୁ ବିଧାୟିକା ବିଭା ଦେବୀ ଶପଥ ପତ୍ର ପଢ଼ି ନ ପାରି ସର୍ବସମ୍ମୁଖରେ ହଟହଟା ହୋଇଛନ୍ତି।

ବିଭା ଦେବୀ ଶପଥ ନେବାକୁ ଛିଡ଼ା ହୋଇଥିଲେ। ସେ ଭୁଲ୍ ଶବ୍ଦ ଉଚ୍ଚାରଣ କରି ଶପଥ ପାଠ ଆରମ୍ଭ କରିଥିଲେ। ଶପଥ ନେଉଛି ବଦଳରେ ସତତ ନେଉଛୁ ବୋଲି କହିଥିଲେ। ରହି ରହି ସେ ଶପଥ ପତ୍ର ପଢ଼ି ଚାଲିଥିଲେ। କ୍ରମାଗତ ଭାବେ ସଠିକ ଶବ୍ଦ ଉଚ୍ଚାରଣ କରିପାରୁ ନ ଥିଲେ। ମଝିରେ ମଝିରେ ଅଟକି ଯାଉଥିଲେ। ତାଙ୍କର ସ୍ଥିତି ସଦନରେ ଉପସ୍ଥିତ ଥିବା ସବୁ ଲୋକଙ୍କ ପାଇଁ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଇଥିଲା। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଭା ଦେବୀ କଷ୍ଟେ ମଷ୍ଟେ ଶପଥ ନେବାକୁ ପ୍ରୟାସ କରିଥିଲେ। ଏହି ସମୟରେ ତାଙ୍କ ନିକଟରେ ଜେଡିୟୁ ବିଧାୟିକା ମନୋରମା ଦେବୀ ବସିଥିଲେ। ଶପଥ ପତ୍ର ପଢ଼ି ଦେବାକୁ ପ୍ରଭା ଦେବୀ ତାଙ୍କୁ ଅନୁରୋଧ କରିଥିଲେ। ଛୁଟକୀ ପଢ଼ି ଦେ, କହି ଦେ ବୋଲି କହିଥିଲେ। ମନୋରମା ଦେବୀ କହିବା ସତ୍ତ୍ୱେ ବି ବିଭା ଠିକ୍‌ରେ ପଢ଼ି ପାରି ନ ଥିଲେ। ଜେନତେନ ପ୍ରକାରରେ ଖଣ୍ଡି ଅକ୍ଷରରେ ସେ ଶପଥ ନେଇଥିଲେ। ଏହି ଭିଡିଓକୁ ନେଇ ସାମାଜିକ ଗଣମାଧ୍ୟମରେ ମେମେର ବନ୍ୟା ଆସିଛି। ଶପଥ ପତ୍ର ପଢ଼ି ପାରୁ ନ ଥିବା ମହିଳା ବିହାରର କେମିତି ବିକାଶ କରିବେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସୂଚନାଯୋଗ୍ୟ ଯେ ସ୍ୱାମୀଙ୍କ ରାଜନୈତିକ ପ୍ରଭାବକୁ ଆଗକୁ ବଢ଼ାଇ ବିଭା ଦେବୀ ନୱାଦା ସିଟ୍‌ରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଅନ୍ୟ ପଟେ ଆଜି ଆରଜେଡି ନେତା ତେଜସ୍ୱୀ ଯାଦବ, ବିଜେପି ବିଧାୟିକା ମୈଥିଳୀ ଠାକୁର, ବାହୁବଳୀ ଅଶୋକ ମାହୋତଙ୍କ ପତ୍ନୀ ଅନିତା ଦେବୀ ପ୍ରମୁଖ ଶପଥ ଗ୍ରହଣ କରିଛନ୍ତି।

## ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ପାଇଁ ଖାଲି ଚାଷୀ ଦାୟୀ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣକୁ ନେଇ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ବାୟୁ ପ୍ରଦୂଷଣ ପାଇଁ କେବଳ ଚାଷୀଙ୍କୁ ଦାୟୀ କରିବାରୁ କୋର୍ଟ ଆପତ୍ତି ଉଠାଇଛନ୍ତି। ଏମସି ମେହତାଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜାଳିବା ଘଟଣା ନୂଆ ନୁହେଁ। ୪-୫ ବର୍ଷ ତଳେ କୋଭିଡ୍ ଏବଂ ଲକଡାଉନ୍ ସମୟରେ ମଧ୍ୟ ନଡ଼ା ପୋଡ଼ା ଯାଉଥିଲା। ଏହା ସତ୍ତ୍ୱେ ଆକାଶ ସ୍ୱଚ୍ଛ ଏବଂ ନୀଳ ଦେଖାଯାଉଥିଲା। ଏବେ କାହିଁକି ନୁହେଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି? ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାଳ ପୋଡ଼ିବା ଉପରେ ବିତର୍କ ରାଜନୈତିକ କିମ୍ବା ଅହଂକାରର ପ୍ରସଙ୍ଗ ହେବା ଉଚିତ୍ ନୁହେଁ। ଦିଲ୍ଲୀର ବିଷାକ୍ତ ବାୟୁର ଅନେକ କାରଣ ଅଛି। ପାଳ ପୋଡ଼ିବା ବ୍ୟତୀତ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣର କାରଣଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯିବା ଉଚିତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ଅନୁଷ୍ଠିତ ହେବ।

# ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଆରମ୍ଭ






ଭୁବନେଶ୍ୱର,୧।୧୨(ସମିସ): ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଙ୍ଗଲ'ରେ ଆଜିଠାରୁ ଆରମ୍ଭ ହୋଇଛି ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଡିସେମ୍ବର ୬ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବୟସ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆର ଓ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବାଳିକା ଓ ୩୦୦ରୁ ଊର୍ଦ୍ଧ୍ୱ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୧୩ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ଏବଂ ୧୫ ବର୍ଷରୁ କମ୍ ରନର୍ସଅପ୍ ଓଡ଼ିଶାର ତନ୍‌ଭି ପତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ବାଳିକା ବିଭାଗର ଉଭୟ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।

# 'କୋହଲିଙ୍କ ଭବିଷ୍ୟତ ନେଇ ପ୍ରଶ୍ନ ଉଠାଇବା ଅନାବଶ୍ୟକ'

ନୂଆଦିଲ୍ଲୀ,୧।୧୨(ଏଜେନ୍ସି):

ଫର୍ମ ହେଉ ଅବା ଫିଟ୍‌ନେସ, ୩୭ ବର୍ଷରେ ବିରାଟ କୋହଲି ଯେପରି ଖେଳୁଛନ୍ତି ତାଙ୍କର ଭବିଷ୍ୟତ ନେଇ ଆଲୋଚନା କରିବା କିମ୍ବା ପ୍ରଶ୍ନ ଉଠାଇବା ଅପ୍ରାସଙ୍ଗିକ ଓ ଅନାବଶ୍ୟକ ବୋଲି କହିଛନ୍ତି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟକ। ରାଞ୍ଚିରେ ଗତକାଲି ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ଯେପରି ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଥିଲେ, ସେଥିରୁ ସେ ତାଙ୍କ ଉପସ୍ଥିତି ଜାହିର କରିଛନ୍ତି। ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଟେଷ୍ଟ ଓ ଟି-୨୦ର ଅନ୍ତର୍ଜାତୀୟ ଫର୍ମାଟରୁ ସେ ଅବସର ନେଇସାରିଛନ୍ତି। ଭାରତୀୟ ଦଳର ନିରାଶାଜନକ ପ୍ରଦର୍ଶନ ପରେ କୋହଲି ଟେଷ୍ଟ ଫର୍ମାଟକୁ ଫେରିବେ ବୋଲି ଜୋର କଳ୍ପନା ଜଳ୍ପନା ଚାଲିଛି। ସେ ନିଜେ ଏହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଗତକାଲି ସେ କହିଥିଲେ, ଭାରତ ଲାଗି ଖେଳିବାକୁ ଗଲାବେଳେ ସେ ସର୍ବଦା ୧୨୦ ଭାଗ ଚେଷ୍ଟା କରିଥାନ୍ତି। ଏବେ ମୁଁ କେବଳ ଦିନିକିଆ ଫର୍ମାଟରେ ଖେଳ ଜାରି ରଖିବି ବୋଲି କହିବା ପରେ ଟେଷ୍ଟକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଆଉ ସମ୍ଭବ ନୁହେଁ ବୋଲି ଏଥିରୁ ସ୍ପଷ୍ଟ ହୋଇଛି।



୨୦୨୭ରେ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯିବ। ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ବିଶ୍ୱକପ୍ ଖେଳି ଅବସର ନେବାକୁ ଆଗ୍ରହୀ ବୋଲି ଆଲୋଚନା ହେଉଛି। ଉଭୟ ଅନ୍ତର୍ଜାତୀୟ କ୍ରିକେଟର ଅନ୍ୟ ଦୁଇ ଫର୍ମାଟରୁ ଅବସର ନେଇ ସାରିଥିବାରୁ ଏବେ କେବଳ ଦିନିକିଆ ଖେଳୁଛନ୍ତି। ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ସେ ଯେତିକି ପରିମାଣରେ କ୍ରିକେଟ ଖେଳୁଛନ୍ତି, ସେଥିରୁ ବିଶ୍ୱକପ ପର୍ଯ୍ୟନ୍ତ ତାଙ୍କ ଫିଟ୍‌ନେସ ସ୍ତରରେ କିଛି ପରିବର୍ତ୍ତନ ହେବାର ଆଶଙ୍କା ନାହିଁ। ଏଣୁ ତାଙ୍କ ଭବିଷ୍ୟତ ସମ୍ପର୍କରେ କଳ୍ପନା ଜଳ୍ପନା, ଆଲୋଚନା କିମ୍ବା ପର୍ଯ୍ୟାଲୋଚନା କରିବା ଅନୁଚିତ ହେବ ବୋଲି କୋଟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟିମ୍ ମ୍ୟାନେଜ୍‌ମେଣ୍ଟ ଏ ସମ୍ପର୍କରେ କଥାବାର୍ତ୍ତା ହେବା ତ ଦୂରର କଥା, ଭାବିବାକୁ ମଧ୍ୟ ଉଚିତ ମନେକରିନାହିଁ।

ରାଞ୍ଚିରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ କୋହଲି ତାଙ୍କ ଚିରାଚରିତ ଶୈଳୀରେ ବ୍ୟାଟିଂ କରି ଜୀବନର ୫୨ତମ ଶତକ ହାସଲ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ଏହା ସର୍ବାଧିକ ଶତକ। ଟେଷ୍ଟ କ୍ରିକେଟରେ ସଚିନ ତେନ୍ଦୁଲକର ୫୧ଟି ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ୧୦୨ଟି ବଲ୍‌ରୁ ଶତକ ହାସଲ କରିଥିଲେ। ସେ ମୋଟ ୧୨୦ଟି ବଲ୍ ଖେଳି ୧୩୫ ରନ୍ କରିଥିଲେ। ଏହା ମଧ୍ୟରେ ୧୦ଟି ସୁଦୃଶ୍ୟ ଚୌକା ଓ ୭ଟି ବିରାଟ ଛକା ରହିଥିଲା। ଏଥିରୁ ତାଙ୍କ ଫର୍ମ ଓ ଫିଟ୍‌ନେସ୍‌ର ପ୍ରମାଣ ମିଳିଥାଏ। ତାଙ୍କ ଶତକ ଓ ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କ ସହ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୧୩୬ ରନ୍ ସଂଗୃହୀତ ହୋଇଥିଲା। ଏହି ରନ୍ ବଳରେ ଭାରତ ଏକ ବିଶାଳ ସ୍କୋର (୮ୱିକେଟରେ ୩୪୯ ରନ୍) କରିଥିଲା। କୁଳଦୀପ ଯାଦବ ୪ଟି ଓ ହର୍ଷିତ ରାଣା ୩ଟି ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୧୭ ରନ୍‌ରେ ଜିତିନେଇଥିଲା।

## ସେହ୍ୱାଗଙ୍କ ପ୍ରଶଂସା

ବିରାଟ କୋହଲି ପୁଣିଥରେ ପ୍ରମାଣିତ କରିଛନ୍ତି ଯେ, ଚା' ତିଆରି କରିବା ଆମ ଲାଗି ଯେତିକି ସହଜ, ବିରାଟଙ୍କ ଲାଗି ରନ୍ ସଂଗ୍ରହ କରିବା ସେତିକି ସହଜ। ସେ ଆହୁରି କହନ୍ତି, ରେକର୍ଡ ପଛରେ କୋହଲି ଦୌଡ଼ୁନାହାନ୍ତି, ବରଂ ରେକର୍ଡ ତାଙ୍କ ପଛରେ ଦୌଡ଼ୁଛି। ଆଜ୍ ଭି ଭୁକ୍ ୱହି, ଜୁନୁନ ୱହି ବୋଲି ସେ କହିଛନ୍ତି। କିଙ୍ଗ୍ ଷ୍ଟେଜ୍ କିଙ୍ଗ୍ ବା ରାଜା ସର୍ବଦା ରାଜା ଭଳି ରହିବ ବୋଲି ସେହ୍ୱାଗ ତାଙ୍କ ପ୍ରଶଂସାରେ କୋହଲିଙ୍କୁ ପୋତିଦେଇଛନ୍ତି।

# ମହିଳା ହକି ଦଳର କୋଚ୍ ପଦ ଛାଡ଼ିଲେ ହରେନ୍ଦ୍ର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଭାରତୀୟ ସିନିଅର ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ହରେନ୍ଦ୍ର ନିଜର ନିଷ୍ପତ୍ତି ମେଲ୍ ଯୋଗେ ହକି ଇଣ୍ଡିଆକୁ ଜଣାଇ ଦେଇଛନ୍ତି। ୫୬ ବର୍ଷୀୟ ହରେନ୍ଦ୍ର ଗତବର୍ଷ ଏପ୍ରିଲରେ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ୨୦୨୮ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଟିମ୍ ସହ ଜଡ଼ିତ ରହିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଅଚାନକ ପଦ ଛାଡ଼ିବା ନେଇ ନାନା ଆଲୋଚନା ହେଉଛି। ରିପୋର୍ଟ ଅନୁସାରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳର କୋଚ୍ ରହିଥିବା ନେଦରଲାଣ୍ଡସର ଶୋର୍ଡ୍ ମାରିନ ପୁଣିଥରେ ଏହି ସମ୍ମାନଜନକ ପଦ ସମ୍ଭାଳିବେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହିଥିଲା। ତେବେ ହକି ଇଣ୍ଡିଆ ପକ୍ଷରୁ ଏନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ସ୍ମରଣଯୋଗ୍ୟ, ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ୨୦୧୬ରେ ଭାରତୀୟ ଦଳ ଜୁନିଅର ପୁରୁଷ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ଆମେରିକା ପୁରୁଷ ଦଳର କୋଚ୍ ଦାୟିତ୍ୱ ସମ୍ଭାଳିଥିଲେ।



### ଜୁନିଅର ମହିଳା ହକି ବିଶ୍ୱକପ୍ ଉଦ୍‌ଘାଟିତ

# ବିଜୟରୁ ଭାରତର ଅଭିଯାନ

ସାଣ୍ଟିଆଗୋ, ୧।୧୨ (ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ସୋମବାରଠାରୁ ଚିଲିରେ ଆରମ୍ଭ ହୋଇଛି। ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ଭାରତୀୟ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ପ୍ରଥମ ମ୍ୟାଚରେ ନାମିବ୍ୟାକୁ ୧୩-୦ ଗୋଲ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ପୁଲ୍-ସି'ରେ ସ୍ଥାନ ପାଇଥିବା ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ଜର୍ମାନୀକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପ୍ରଥମ ଦିବସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜର୍ମାନୀ ୭-୧ ଗୋଲ୍‌ରେ ଏକପାଖିଆ ଭାବେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥର ବିଶ୍ୱକପ୍‌ରେ ୫ଟି ମହାଦେଶର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୮୯ରୁ ଏହି ମେଗା ଇଭେଣ୍ଟ ଖେଳାଯାଇ ଆସୁଥିଲେ ମଧ୍ୟ ଭାରତ ଥରେ ହେଲେ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇନାହିଁ।

### ଏଫ୍‌ଆଇଏଚ୍ ପୁରୁଷ ହକି ଜୁନିଅର ବିଶ୍ୱକପ୍

# କ୍ୱାର୍ଟରରେ ଜର୍ମାନୀ

ମଦୁରାଇ,୧।୧୨(ଏଜେନ୍ସି): ବିଶ୍ୱର ନଂ-୧ ଟିମ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ଜୁନିଅର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜି ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମୁକାବିଲାରେ ଜର୍ମାନୀ ୫-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍-ଏ'ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ଜର୍ମାନୀ ଏବେ ଚେନ୍ନଇରେ କ୍ୱାର୍ଟର ଫାଇନାଲ ଖେଳିବ। ସେହିପରି ଏହି ଗ୍ରୁପ୍‌ରେ କାନାଡାକୁ ୯-୧ ଗୋଲରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍-ବି'ରେ ଆସନ୍ତାକାଲି ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ।

# ଦୃଷ୍ଟିହୀନ ମହିଳା ବିଶ୍ୱଚାମ୍ପିଅନ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା

ଭୁବନେଶ୍ୱର,୧।୧୨(ସମିସ): ଶ୍ରୀଲଙ୍କାରେ ଅନୁଷ୍ଠିତ ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ଭାରତ ଚାମ୍ପିଅନ ହୋଇଛି। ଏହି ଚାମ୍ପିଅନ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାଲେଶ୍ୱରର ଫୁଲ ସୋରେନ୍। ଏମାନଙ୍କ ବ୍ୟତୀତ ଆଉ ୩ଜଣ ଖେଳାଳି ମୟୁରଭଞ୍ଜ ଜିଲ୍ଲାର। ସେମିଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାସନ୍ତୀ ହାଁସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ଏ ସମସ୍ତ ଖେଳାଳି ଓଡ଼ିଶାରେ ପହଞ୍ଚିବା ପରେ ବିମାନବନ୍ଦରରେ ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୧ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ଖେଳାଳିଙ୍କ ସହ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ତଥା କମିଶନର ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡଃ. ୟେଦୁଲା ବିଜୟ, ଦଳର କୋଚ୍ ଦେବାଶିଷ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ଅନ୍ୟ ଖେଳାଳିମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ତୁଳନାରେ ଏହା ବହୁତ କମ୍ ବୋଲି ଆଲୋଚନା ହେଉଛି।



### ■ ୨୩ ବର୍ଷରୁ କମ୍ ମହିଳା ଟି-୨୦

# ମୁମ୍ବାଇଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧।୧୨(ସମିସ): କେରଳର ତିରୁଅନନ୍ତପୁରମଠାରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଏଲିଟ୍ ବିଭାଗ ମୁକାବିଲାରେ ଓଡ଼ିଶା ୧୮ ରନ୍‌ରେ ମୁମ୍ବାଇଠାରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଥମ ୩ ବ୍ୟାଟର ୦, ୪, ୬ରେ ଆଉଟ ହେବା ପରେ ଦଳ ୧୫ ରନ୍‌ରେ ୩ ୱିକେଟ ହରାଇଥିଲା। ଏହା ପରେ ନଂ-୮ ବ୍ୟାଟର ହର୍ଲି ଗାଲା ଅପରାଜିତ ୩୦, ନଂ-୪ ଓ ୫, ତୃଶି ଶାହ ଓ ସାଧବୀ ସଞ୍ଜୟ ୨୪ ରନ୍ ଲେଖାଏଁ, ନଂ-୮ ଶ୍ରଦ୍ଧା ୨୩ ରନ୍ କରିଥିଲେ। ଓଡ଼ିଶାର ଶ୍ରେୟା ପ୍ରିୟଦର୍ଶିନୀ ୨ଟି, ଅନନ୍ୟା ମିଶ୍ର, ଶୁଭ୍ରନିର୍ଝରିଣୀ ସ୍ୱାଇଁ ଓ ଏସ୍‌ବି ଲରେନ୍ସ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



ଶ୍ରେୟା ପ୍ରିୟଦର୍ଶିନୀ



ତନ୍ମୟୀ ବେହେରା

ଜବାବରେ ଓପନର ତନ୍ମୟୀ ବେହେରାଙ୍କ ୩୯ ବଲ୍‌ରେ ୪୪ ଓ ନଂ-୩ ବ୍ୟାଟର ତଥା ଅଧିନାୟିକା ଅଲିପ୍ସା ବିଶ୍ୱାଳଙ୍କ ୩୯ ବଲ୍‌ରେ ୩୮ ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୨୨ ରନ୍ କରିବାକୁ ସମର୍ଥ ହୋଇଥିଲା। ସିନିୟର ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳର ବ୍ୟାଟିଂ ଏଠାରେ କାମ ଦେଇ ନ ଥିଲା। ମୁମ୍ବାଇର ଜିଲ ଡିମେଲୋ ଓ କାଶିଶ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

# ଦୃଢ଼ସ୍ଥିତିରେ ଉତ୍ତରାଖଣ୍ଡ

### କୁଚ୍‌ବିହାର ଟ୍ରଫି

ଭୁବନେଶ୍ୱର, ୧।୧୨(ସମିସ): ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ୧୯ ବର୍ଷରୁ କମ୍ ୩ ଦିନିଆ କୁଚ୍‌ବିହାର ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଉତ୍ତରାଖଣ୍ଡର କାଶିପୁରଠାରେ ପ୍ରଥମ ଦିନ ଖେଳରେ ଓଡ଼ିଶା ମାତ୍ର ୧୪୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ୨ ୱିକେଟରେ ୧୪୯ ରନ୍ କରିଛି। ଉତ୍ତରାଖଣ୍ଡ ପକ୍ଷରୁ ଅଧିନାୟକ ରକ୍ଷିତ ଡାଲାକୋଟି ସର୍ବାଧିକ ୬୪ ଓ ଆଦିତ୍ୟ ନାଇଥାନି ୫୯ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରିୟାଂଶୁ ମହାନ୍ତି ଓ ସମ୍ବିତ ବେଜା ୱିକେଟ ଦୁଇଟି ସମାନ ଭାବେ ବାଣ୍ଟି ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରିୟାଂଶୁ ସିଂଙ୍କ ବୋଲିଂର ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରିୟାଂଶୁ ୧୫.୧ ଓଭରରେ ୩୩ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ଓଡ଼ିଶା ଇନିଂସରେ ଦଳର ପ୍ରଥମ ୪ଜଣ ଓ ନଂ-୬ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ପୀୟୁଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୬୧ ରନ୍ କରିଥିଲେ।

### ଇଣ୍ଟରନ୍ୟାସନାଲ ଓପନ୍ ଗେଟବଲ୍ ଉଦ୍‌ଯାପିତ

# ଡବଲ୍ସରେ ଓଡ଼ିଶା-ଏ ଚାମ୍ପିଅନ

ଭୁବନେଶ୍ୱର, ୧।୧୨ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ଡବଲ୍ସ ବର୍ଗରେ ଓଡ଼ିଶା-ଏ ଦଳ ଚାମ୍ପିଅନ ଓ ତାଇୱାନ-ସି ରନର୍ସଅପ୍ ହୋଇଥିଲା। ସେହିଭଳି କ୍ଲାସିକ ବର୍ଗରେ ତାଇୱାନ-ବି ଟାଇଟଲ୍ ହାସଲ କରିଛି। ଫାଇନାଲରେ ତାଇୱାନ ବିହାରକୁ ପରାସ୍ତ କରିଥିଲା। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିଭଳି ଇଣ୍ଡୋନେସିଆ ଓ ତାଇୱାନରୁ ମଧ୍ୟ ଖେଳାଳି ଏଥିରେ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରୋଟାରିଆନ ମନୋଜ ତ୍ରିପାଠୀ, ଡ. ପ୍ରବୋଧ ମହାନ୍ତି, ଯଜ୍ଞଶିଷ ମହାପାତ୍ର, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ତାରିଣୀ ପ୍ରସାଦ ମହାନ୍ତି, ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ ପ୍ରମୁଖ ଉପସ୍ଥିତ ରହିଥିଲେ।




# ବାରବାଟୀରେ ଖେଳିବେ ଗିଲ୍, ପାଣ୍ଡ୍ୟା!

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଆହତ ସମସ୍ୟା ଦେଇ ଗତି କରୁଥିବା ଭାରତର ଦୁଇ ପ୍ରମୁଖ ଖେଳାଳି ଶୁବମନ ଗିଲ୍ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଧିରେ ଧିରେ ସୁସ୍ଥ ହୋଇଛନ୍ତି। ପାଣ୍ଡ୍ୟାଙ୍କୁ ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବରୋଦା ପକ୍ଷରୁ ଖେଳିବାକୁ ବିସିସିଆଇ ସୋମବାର ସବୁଜ ସଙ୍କେତ ପ୍ରଦାନ କରିଛି। ଫଳରେ ସେ ମଙ୍ଗଳବାର ବରୋଦା-ପଞ୍ଜାବ ମୁକାବିଲାରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଗିଲ୍ ସୋମବାର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ନିୟମିତ ଫିଟନେସ ଯାଞ୍ଚ ପାଇଁ ରିପୋର୍ଟ କରିଛନ୍ତି। ଏହାପରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବେ କି ନାହିଁ ସ୍ପଷ୍ଟ ହେବ। ତେବେ ରିପୋର୍ଟ ଅନୁଯାୟୀ ଟି-୨୦ ସିରିଜ ଲାଗି ଦଳ ଘୋଷଣା ବେଳକୁ ଉଭୟ ପାଣ୍ଡ୍ୟା ଓ ଗିଲ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିବେ ବୋଲି କୁହାଯାଉଛି। ଏଭଳି ହେଲେ କଟକର ବାରବାଟୀରେ ଖେଳାଯିବାକୁ ଥିବା ସିରିଜର ପ୍ରଥମ ମ୍ୟାଚରେ ଉଭୟ ତାରକା ଖେଳାଳିଙ୍କୁ କ୍ରିକେଟ୍‌ପ୍ରେମୀ ଦେଖିବାକୁ ପାଇବେ।

### ଲିସବନ୍ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍ ଜିମ୍ନାଷ୍ଟିକ୍

# ଏଏମ୍/ଏନ୍‌ଏସ୍ ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଭୁବନେଶ୍ୱର, ୧।୧୨ (ସମିସ): ପର୍ତ୍ତୁଗାଲର ଲିସବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି)ର ଆଥ୍‌ଲେଟ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୨୦ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ରହିଛି। ବିଶ୍ୱର ୧୮ଟି ଇଲାଇଟ୍ ଜିମ୍ନାଷ୍ଟିକ କ୍ଲବ ବିପକ୍ଷରେ ଖେଳି ଜିଏଚପିସି ଆଥ୍‌ଲେଟ୍‌ମାନେ ଏହି ପଦକ ସଫଳତା ପାଇଛନ୍ତି।

ଜୁନିଅର ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ବର୍ଗରେ ଅଂଶୁମାନ ସୁନ୍ଦରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ରେଡ୍ଡୀ ଓ ବିରୁଙ୍କୁ ନେଇ ଗଠିତ ଦଳ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ତୃତୀୟ ସ୍ୱର୍ଣ୍ଣପଦକ ସିନିଅର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ଦଳଗତ ଇଭେଣ୍ଟରୁ ଆସିଥିଲା। ସୁମିତ ଧଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଜଗଦୀଶ ବାରିକ ସଦସ୍ୟ ରହିଥିଲେ।

### ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା

# ଫାଇନାଲରେ କିଟ୍ ମହିଳା ହକି ଦଳ




ଭୁବନେଶ୍ୱର, ୧।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ାରେ କିଟ୍ ମହିଳା ହକି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିଟ୍ ପେନାଲ୍ଟି ସୁଟ୍ ଆଉଟ୍‌ରେ ୩-୨ ଗୋଲ୍‌ରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ବୁଧବାର ମହିଳା ହକି ଫାଇନାଲ ଖେଳାଯିବ। ଏଥିରେ ଆଇଟିଏମ୍ ଗ୍ୱାଲିଅର ଓ କିଟ୍ ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ସେହିଭଳି ଦେବାଶିଷ ସାହୁ ଓ କବୀର ହଂସଙ୍କୁ ନେଇ ଗଠିତ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଅପରପକ୍ଷରେ କିଟ୍ ମହିଳା ଭଲିବଲ୍ ଦଳ ମଧ୍ୟ ପ୍ରଥମ ମ୍ୟାଚରେ ୩-୧ ସେଟରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS